ଧରିତ୍ରୀ 50 Years
ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୦/୨୦୨୪ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 10/2024 Page 20 ₹ 7.00

୫୦ଶ ଭାଗ ୭୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 78 ମୂଲ୍ୟ₹୭/-



www.evosalchemy.com

evos spreading love

# A LIFESTYLE
WORTH ITS WEIGHT IN GOLD.




LIVE THE
SERENEST CLASS

42 & 43 STOREY EDIFICE
DESIGNED BY
WORLD-RENOWNED
ARCHITECT SANJAY PURI

LIVE THE
FINEST CLASS

PALATIAL 3.5 BED
RESIDENCES & LAVISH
PENTHOUSES
WITH GRAND SUNDECKS







LIVE THE
GRANDEST CLASS

LIFESTYLE PODIUM
WITH OVER 100 INDULGENCES
ACROSS TWO LEVELS

ARTH - GROUND LEVEL
AER - CLOUD LEVEL

LIVE THE
GREENEST CLASS

6.9 ACRE ESTATE WITH
70% OPEN AND GREEN SPACES
LANDSCAPED BY
LANDSCAPE TECTONIX LTD,
THAILAND




GOLD- CLASS HALLMARKS

- 4 TOWERS OF 42 & 43 STOREYS DESIGNED BY ARCHITECT SANJAY PURI
- SPACIOUS RESIDENCES SPANNING FROM 1213 RCA* + 237 DECK TO 2520 RCA* + 637 DECK
  *SUBJECT TO FLOOR PLAN
- CONNECTED TO THE CITY'S PRIME DESTINATIONS
- OVER 100+ CURATED LIFESTYLE INDULGENCES ACROSS TWO LEVELS
- A COMMUNITY OF LIKE-MINDED ELITE FROM DIFFERENT WALKS OF LIFE

**PALATIAL 3.5 BED RESIDENCES & LAVISH PENTHOUSES WITH GRAND SUNDECKS**

EVOS
ALCHEMY
PATIA, RAGHUNATHPUR

**Site Address:** Raghunathpur, Nandankanan Road, Bhubaneswar - 751024
**Corporate Office:** Plot No: M/76, Housing Board Colony, Baramunda, Bhubaneswar - 751003
Landline - 0674-2355100 | Email- enquiry@evosalchemy.com

977-60-99997

Scan to visit the website | ORERA Registration No.: RP/19/2023/01077. Information available at website: https://rera.odisha.gov.in/

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୦/୨୦୨୪
Bhubaneswar, Saturday, February 10/2024




OIPR-26070/13/0010/2324

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୦/୨୦୨୪ | Bhubaneswar, Saturday, February 10/2024 | ପୃଷ୍ଠା-୧







# କଟକଣା ସତ୍ତ୍ୱେ ବେଆଇନ ଲିଙ୍ଗ ନିରୂପଣ

**ଜନ୍ମ ପୂର୍ବରୁ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ କରାଯାଇପାରିବ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗର ସ୍ପଷ୍ଟ ନିର୍ଦ୍ଦେଶ ରହିଛି। କିନ୍ତୁ ଏହାକୁ ଅବଜ୍ଞାକରି ରାଜ୍ୟର ଅନେକ କ୍ଲିନିକ୍‌ରେ ବେଧଡ଼କ ଭାବେ ମା' ପେଟରେ ଥିବା ଶିଶୁଙ୍କ ଲିଙ୍ଗ ଚିହ୍ନଟ କରାଯାଉଛି। କଟକ ଫ୍ରେଣ୍ଡ୍‌ସ କଲୋନିସ୍ଥିତ ଜଣେ ଡାକ୍ତର ଓ ତାଙ୍କ ସ୍ତ୍ରୀଙ୍କ ସମେତ ୫ ଜଣ ଲିଙ୍ଗ ନିରୂପଣ ଅଭିଯୋଗରେ ଗିରଫ ହେବା ପରେ ଏହି ସନ୍ଦେହ ଦୃଢ଼ୀଭୂତ ହୋଇଛି।**

## ଡାକ୍ତରଙ୍କ ସମେତ ୫ ଗିରଫ

କଟକ,୯।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଫ୍ରେଣ୍ଡ୍‌ସ କଲୋନୀସ୍ଥିତ ଜଣେ ଡାକ୍ତରଙ୍କ ବାସଭବନରେ ବେଆଇନ ଲିଙ୍ଗ ନିରୂପଣ କରାଯିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ୫ ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଡା. ପୁଣ୍ୟଶ୍ଳୋକ ଦାସ, ସ୍ତ୍ରୀ ବିସ୍ମିତା ଦାସ, ୩ ସହଯୋଗୀ ବିଭୁତି ସାହୁ, ଦେବେନ୍ଦ୍ର କୁମାର ବେହେରା ଓ ସୌମ୍ୟରଞ୍ଜନ ପୃଷ୍ଟି। ଚଢ଼ାଉ ସମୟରେ ଅଲଟ୍ରାସାଉଣ୍ଡ ମେଶିନ, ଉକ୍ତ ମେଶିନରେ ବ୍ୟବହୃତ ସାମଗ୍ରୀ ଓ ୪୦ ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି। ଏଥିରେ ଅନ୍ୟ କାହାର ସମ୍ପୃକ୍ତି ଥିବା ଜଣାପଡ଼ିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଙ୍ଗଳାବାଗ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜୋନ୍-୨ ଏସିପି ଅମିତାଭ ମହାମାତ୍ର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଫ୍ରେଣ୍ଡ୍‌ସ କଲୋନୀସ୍ଥିତ ସମ୍ପୃକ୍ତ ଡାକ୍ତରଙ୍କ ବାସଭବନରେ ବେଆଇନ ଭାବେ ଲିଙ୍ଗ ନିରୂପଣ କରାଯାଉଥିଲା। ଖବରପାଇ ଶୁକ୍ରବାର ପୂର୍ବାହ୍ନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଅଧିକାରୀ ଡା. ପ୍ରଶାନ୍ତ ସାମଲ, କଟକ ସଦର ଉପଜିଲାପାଳ କମଳଜିତ୍ ଦାସ, ଜୋନ୍-୫ ଏସିପି କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ମଙ୍ଗଳାବାଗ ପୋଲିସର ସହଯୋଗରେ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ଟଙ୍କାଭର୍ତ୍ତି ବ୍ୟାଗ୍ ଓ ମେଶିନ ଜବତ କରାଯିବା ସହ ଜଣେ ଗର୍ଭବତୀଙ୍କ ସମେତ ଅନ୍ୟ ୨ ଜଣ ମହିଳାଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ଏ ସମ୍ପର୍କରେ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ସାମଲ କହିଛନ୍ତି, ସମ୍ପୃକ୍ତ ଡାକ୍ତର ଜଣଙ୍କ ଦୀର୍ଘଦିନ ଧରି ବେଆଇନ ଭାବେ ଲିଙ୍ଗ ନିରୂପଣ କାର୍ଯ୍ୟ କରିଆସୁଥିଲେ। ପୂର୍ବରୁ ମଧ୍ୟ ତାଙ୍କ ବିରୋଧରେ ଅଭିଯୋଗ ଆସିବାରୁ ଚଢାଉ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ପୁନର୍ବାର ଏହି ବେଆଇନ କାର୍ଯ୍ୟ ଚଳାଇଥିଲେ। ତାଙ୍କ ଉପରେ ନଜର ରଖାଯାଇଥିବାବେଳେ ଶୁକ୍ରବାର ତାଙ୍କ ବାସଭବନରେ ଚଢାଉ କରାଯାଇଥିଲା। ସେହିପରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରା କହିଛନ୍ତି, ଯେଉଁ ଅଭିଯୋଗ ଆଧାରରେ ଚଢ଼ାଉ କରାଯାଇଥିଲା ତାହା ସତ ପ୍ରମାଣିତ ହୋଇଛି। ଏହି ଚଢ଼ାଉରେ ରାଜ୍ୟ ଓ ଜିଲାସ୍ତରୀୟ ଅଧିକାରୀ ସାମିଲ ହୋଇଥିଲେ। ଆଗାମୀ ଦିନରେ ଏଭଳି ବେଆଇନ କାର୍ଯ୍ୟ କରୁଥିବା ଡାକ୍ତରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଡା. ଦାସ କହିଛନ୍ତି, ମୋ ବିରୋଧରେ ଆସିଥିବା

☞ପୃଷ୍ଠା-୫


କଟକ ଫ୍ରେଣ୍ଡ୍‌ସ କଲୋନିସ୍ଥିତ ଡା. ପୁଣ୍ୟଶ୍ଳୋକ ଦାସଙ୍କ ବାସଭବନରେ ଚଢ଼ାଉ କରାଯାଉଛି।

# ଉତ୍ତରାଖଣ୍ଡ ହିଂସାରେ ୬ ମୃତ

## ହଲଦ୍ୱାନିରେ ମସ୍‌ଜିଦ ଭଙ୍ଗା ପରେ ଉତ୍ତେଜନା

ଡେରାଡୁନ୍,୯।୨

ଉତ୍ତରାଖଣ୍ଡର ହଲଦ୍ୱାନିରେ ବେଆଇନ ଭାବେ ନିର୍ମିତ ଏକ ମଦ୍ରାସା ଓ ଏହା ପରିସରରେ ଥିବା ଏକ ମସ୍‌ଜିଦ ଭଙ୍ଗାକୁ କେନ୍ଦ୍ରକରି ହିଂସାକାଣ୍ଡରେ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ପୋଲିସ ଆହତ ହୋଇଛନ୍ତି। ହିଂସାକାଣ୍ଡ ଯୋଜନାବଦ୍ଧ ଥିଲା ବୋଲି ରାଜ୍ୟ ସରକାର କହିଛନ୍ତି। ଦଙ୍ଗାକାରୀମାନେ ବହୁସଂଖ୍ୟାରେ ଗାଡ଼ି ପୋଡ଼ିବା ସହ ଥାନାରେ ନିଆଁ ଲଗାଇଦେଇଥିଲେ। ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଆହତଙ୍କ ମଧ୍ୟରୁ ଅଧିକାଂଶ ପୋଲିସ। ଏହା ବ୍ୟତୀତ ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ କେତେଜଣ ମ୍ୟୁନିସିପାଲିଟି କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି।

ହିଂସାକାଣ୍ଡ ପରେ ହଲଦ୍ୱାନିର ବିଭିନ୍ନ ଅଞ୍ଚଳରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ଏଥିସହିତ ସମଗ୍ର ରାଜ୍ୟରେ ହାଇ ଆଲର୍ଟ ଜାରି ହୋଇଛି। ହିଂସା ପରେ ଇଣ୍ଟରନେଟ୍ ସେବା ବନ୍ଦ ରହିବା ସହ ସମସ୍ତ ସ୍କୁଲ କଲେଜକୁ ଛୁଟି କରିଦିଆଯାଇଛି। ଉତ୍ତେଜନା ଜାରି ରହିଥିବାରୁ ହଲଦ୍ୱାନିର ସମସ୍ତ ଦୋକାନକୁ ବନ୍ଦ ରଖାଯାଇଛି। ହିଂସାକାଣ୍ଡ ପରେ ଉତ୍ତରପ୍ରଦେଶରେ ମଧ୍ୟ ହାଇଆଲର୍ଟ ଜାରି ହେବା ସହ ସମସ୍ତ ଯାନବାହନକୁ

☞ପୃଷ୍ଠା-୫






# ୨୦୨୨-୨୩ରେ ଭାଜପାର ଆୟ ୨,୩୦୬ କୋଟି

ନୂଆଦିଲ୍ଲୀ,୯।୨

୨୦୨୨-୨୩ ଆର୍ଥିକ ବର୍ଷରେ ଭାଜପାର ଆୟ ୨,୩୦୬.୮୪ କୋଟି ଟଙ୍କା, ଯାହା ପୂର୍ବବର୍ଷର ଆୟ ତୁଳନାରେ ୨୩ ପ୍ରତିଶତ ଅଧିକ। ଏହା କଂଗ୍ରେସର ବର୍ଷକର ଆୟ ତୁଳନାରେ ୫ ଗୁଣରୁ ଅଧିକ ବୋଲି ଦଳର ଅଡିଟ୍ ରିପୋର୍ଟରୁ ଜଣାପଡ଼ିଛି। ନିର୍ବାଚନ କମିଶନଙ୍କ ପାଖରେ ଉକ୍ତ ରିପୋର୍ଟ ଦାଖଲ ହୋଇଛି। ସେହିପରି ୨୦୨୨-୨୩ ବର୍ଷରେ ଭାଜପା ୧,୩୬୧.୬୮

☞ପୃଷ୍ଠା-୫

**ଆଜିର ସମ୍ପାଦକୀୟ**

**ଅଭିଜ୍ଞଙ୍କୁ ଦାୟିତ୍ୱ**

# ଚରଣ ସିଂ, ନରସିଂହ ରାଓ, ସ୍ୱାମୀନାଥନଙ୍କୁ ଭାରତରତ୍ନ

ନୂଆଦିଲ୍ଲୀ,୯।୨(ପି.ଟି.)

ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ, ଚରଣ ସିଂ ଏବଂ ସବୁଜ ବିପ୍ଳବର ଜନକ ଖ୍ୟାତନାମା କୃଷି ବିଶେଷଜ୍ଞ ଏମ୍.ଏସ୍. ସ୍ୱାମୀନାଥନଙ୍କୁ ଭାରତର ସର୍ବଶ୍ରେଷ୍ଠ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଏହା ଘୋଷଣା କରିଛନ୍ତି। ପୂର୍ବରୁ କେନ୍ଦ୍ର ସରକାର ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁର ଏବଂ ଭାଜପାର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲ୍‌କୃଷ୍ଣ ଆଡଭାନୀଙ୍କୁ ଏହି ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯିବ ବୋଲି ଘୋଷଣା କରିଥିଲେ। ଫଳରେ ଚଳିତ ବର୍ଷ ଭାରତରତ୍ନ ବିଜେତାଙ୍କ ସଂଖ୍ୟା ୫ରେ ପହଞ୍ଚିବା ସହ ମୋଟ ବିଜେତା ସଂଖ୍ୟା ୫୩ରେ ପହଞ୍ଚିଛି। ୧୯୯୯ରେ ୪ ଜଣଙ୍କୁ ଭାରତରତ୍ନରେ ସମ୍ମାନିତ କରାଯାଇଥିଲା।

ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ଉଦାରୀକରଣ ନୀତି ଦେଶର ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ଚରଣ ସିଂ କୃଷକମାନଙ୍କର ଦୃଢ଼

☞ପୃଷ୍ଠା-୫


ଚରଣ ସିଂ


ପି.ଭି. ନରସିଂହ ରାଓ


ଏମ୍.ଏସ୍. ସ୍ୱାମୀନାଥନ

# 'ଜଣେ ମହିଳା ଆମେରିକା ରାଷ୍ଟ୍ରପତି ହେବେ'


କମଳା ହାରିସ୍


ନିକ୍କି ହାଲି

ୱାଶିଂଟନ,୯।୨(ପି.ଟି.)

୨୦୨୪ରେ ଆମେରିକାରେ ଡେମୋକ୍ରାଟ୍ ଜୋ ବାଇଡେନ୍ କିମ୍ବା ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ରାଷ୍ଟ୍ରପତି ହୋଇପାରିବେ ନାହିଁ। ଜଣେ ମହିଳା ହିଁ ଦେଶର ଏହି ସର୍ବୋଚ୍ଚ ଆସନ ଅଳଙ୍କୃତ କରିବେ ବୋଲି ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରେ ଥିବା ଭାରତୀୟ ବଂଶୋଦ୍ଭବ ନିକ୍କି ହାଲ କହିଛନ୍ତି। ନିକ୍କିଙ୍କ ମତରେ ସେ କିମ୍ବା କମଳା ହାରିସ୍ ରାଷ୍ଟ୍ରପତି ହୋଇପାରନ୍ତି। ରିପବ୍ଲିକାନ୍ ଦଳର ପ୍ରାର୍ଥିତ୍ୱ ଦୌଡ଼ରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ଥିବା ନିକ୍କି ହାଲି ଏହା କହିଛନ୍ତି। ଟ୍ରମ୍ପ୍ ନେଭାଡା ଏବଂ ଭର୍ଜିନ୍ ଆଇଲାଣ୍ଡ ପ୍ରାଇମେରି ଜିତି ଏପର୍ଯ୍ୟନ୍ତ ପ୍ରାଇମେରି ରେସ୍‌ରେ ଅପରାଜିତ ରହିଥିବା ସତ୍ତ୍ୱେ ନିକ୍କି ହ୍ୱାଇଟ୍ ହାଉସ୍ ପାଇଁ ଲଢ଼େଇ ଜାରି ରଖିବେ ବୋଲି କହିଛନ୍ତି। ଆସନ୍ତା ୨୪ରେ ନିକ୍କିଙ୍କ ନିଜ ରାଜ୍ୟ ସାଉଥ୍ କାରୋଲିନାରେ ରିପବ୍ଲିକାନ୍ ପ୍ରାଇମେରି ହେବାକୁ ଥିବାବେଳେ ସେଠାରେ ମଧ୍ୟ ତାଙ୍କ ପ୍ରତି ଭଲ ସମର୍ଥନ ନ ଥିବା ଜଣାପଡ଼ିଛି। ଫକ୍ସ ନ୍ୟୁଜ୍‌କୁ ନିକ୍କି କହିଛନ୍ତି, ସେ ଦୁଇଥର ଟ୍ରମ୍ପ୍‌ଙ୍କୁ ଭୋଟ ଦେଇଥିଲେ ଏବଂ ତାଙ୍କ ପ୍ରଶାସନରେ ଜାତିସଂଘ ରାଷ୍ଟ୍ରଦୂତ ରହିଥିବାରୁ ଗର୍ବିତ। ତେବେ ଅବ୍ୟବସ୍ଥା ଟ୍ରମ୍ପ୍‌ଙ୍କ ପିଛା ଛାଡୁନି। ଆମେ ଦେଶକୁ ଆଉ ୪ ବର୍ଷ ଏଭଳି ଅବ୍ୟବସ୍ଥା ମଧ୍ୟରେ ଛାଡ଼ିଦେଇପାରିବା ନାହିଁ। କୋର୍ଟ ମାମଲାରେ ଛନ୍ଦି ହୋଇଥିବା ଟ୍ରମ୍ପ୍ ସାଧାରଣ ନିର୍ବାଚନ ଜିତିପାରିବେ ନାହିଁ, ଏହା ସତ୍ୟ ବୋଲି ନିକ୍କି କହିଛନ୍ତି।




ଯାହା କିଛି ଘଟୁନା କାହିଁକି, ନିଶ୍ଚଳ ଓ ପ୍ରଶାନ୍ତ ରୁହ। ଏକ ବିଶୁଦ୍ଧ ଶାନ୍ତି ଏବଂ ଈଶ୍ୱରଙ୍କ କରୁଣା ଉପରେ ସଂପୂର୍ଣ୍ଣ ବିଶ୍ୱାସ ଓ ନିର୍ଭରଶୀଳତା ରଖ। ଯଦି ଏହା ରଖିପାର ତେବେ ନିଶ୍ଚିତ ଥାଅ ଯେ, ତୁମର କିଛି ଅନିଷ୍ଟ ଘଟିବ ନାହିଁ। -ଶ୍ରୀମା

-ଶ୍ରୀ ଜୀଉଙ୍କ ପଦ୍ମ ବେଶ



# ଅଭିଜ୍ଞଙ୍କୁ ଦାୟିତ୍ୱ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସମ୍ପ୍ରତି ଷୋଡ଼ଶ ଫାଇନାନ୍ସ କମିଶନ ବା ଅର୍ଥ ଆୟୋଗ ଗଠନ ସମ୍ପର୍କରେ ଘୋଷଣା ମୋଦି ସରକାରଙ୍କ ରଣନୀତିକ ନିଯୁକ୍ତିର ଏକ ଉତ୍କୃଷ୍ଟ ବିଚାରଧାରାକୁ ସ୍ପଷ୍ଟ କରିଛି। ଫାଇନାନ୍ସ କମିଶନ ଅଧ୍ୟକ୍ଷ ଭାବେ ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିଆଙ୍କ ନିଯୁକ୍ତି ଯୋଗୁ ୪ଜଣ ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରିବା ବି ସମ୍ଭବ ହୋଇଛି। କୌତୂହଳର ବିଷୟ, ନୂତନ ଆୟୋଗରେ ଅର୍ଥ ମନ୍ତ୍ରଣାଳୟର ୨ଜଣ ପୂର୍ବତନ ଅଧିକାରୀ ସଦସ୍ୟ ରହିଛନ୍ତି। ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅଜୟ ନାରାୟଣ ଝା ଆୟୋଗ ପାଇଁ ଅନେକ ଅଭିଜ୍ଞତା ଆଣିଛନ୍ତି। ଏହା ପୂର୍ବରୁ ବ୍ୟୟ ସଚିବ ଭାବେ ତାଙ୍କର ପ୍ରମୁଖ ଦାୟିତ୍ୱ ଏବଂ ପଞ୍ଚଦଶ ଅର୍ଥ ଆୟୋଗରେ ଜଡ଼ିତ ହେବା ତାଙ୍କ ଦକ୍ଷତା ବୃଦ୍ଧି କରିଛି। ବ୍ୟୟ ବିଭାଗର ପୂର୍ବତନ ସ୍ୱତନ୍ତ୍ର ସଚିବ ଆନି ଜର୍ଜ ମାଥ୍ୟୁ ବି ଏହି ପ୍ୟାନେଲରେ ଯୋଗଦେଇଛନ୍ତି । ଆର୍ଥିକ ସମ୍ବନ୍ଧୀୟ ବିସ୍ତୃତ ଆଭିମୁଖ୍ୟରେ ସେମାନଙ୍କର ସାମଗ୍ରିକ ଅଭିଜ୍ଞତା ଦାୟିତ୍ୱର ଏକ ନୂତନ ଓ ସୂକ୍ଷ୍ମ ବିଚାରକୁ ସୂଚିତ କରୁଛି। ଏହା ବ୍ୟତୀତ ସଦସ୍ୟ ଭାବେ ଆର୍ଥ ଗ୍ଲୋବାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ନିରଞ୍ଜନ ରାଜାଧ୍ୟକ୍ଷ ରହିଛନ୍ତି। ଆୟୋଗର ବିଚାର ବିମର୍ଶରେ ସେ ଘରୋଇ କ୍ଷେତ୍ରର ଦୃଷ୍ଟିକୋଣକୁ ଉପସ୍ଥାପନ କରିବା ସହ ଆର୍ଥିକ ଯୋଜନାରେ ବିବିଧ ଆଭିମୁଖ୍ୟକୁ ଗୁରୁତ୍ୱ ଦେବେ। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗ୍ରୁପ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଉପଦେଷ୍ଟା ଡ. ସୌମ୍ୟକାନ୍ତି ଘୋଷଙ୍କ ନିଯୁକ୍ତି ବେସରକାରୀ ଏବଂ ସରକାରୀ କ୍ଷେତ୍ରର ନିଆରା ମିଶ୍ରଣର ଅନ୍ତର୍ଦୃଷ୍ଟିକୁ ସାମ୍ନାକୁ ଆଣିଛି। ତେବେ ରାଜ୍ୟଗୁଡ଼ିକ ମଧ୍ୟରେ ରାଜସ୍ୱ ବଣ୍ଟନ ଏକ ବିବାଦୀୟ ପ୍ରସଙ୍ଗ ହୋଇଥିବାବେଳେ ଏଭଳି ସ୍ଥିତିରେ ବିଶେଷକରି ଏହି ପ୍ରତିଷ୍ଠିତ ଗୋଷ୍ଠୀଙ୍କ ସୁପାରିସ ଉପରେ ଅନେକ କିଛି ନିର୍ଭର କରୁଛି ।

### ଟ୍ରାଇର ମୁଖ୍ୟ

ରେଲ୍‌ୱେ ବୋର୍ଡର ପୂର୍ବତନ ପ୍ରଭାବଶାଳୀ ବ୍ୟକ୍ତି ଅନୀଲ କୁମାର ଲାହୋଟି ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ)ର ମୁଖ୍ୟ ହୋଇଛନ୍ତି। ତାଙ୍କ କ୍ୟାରିୟର ଅତ୍ୟନ୍ତ ଭଲ ଏବଂ ଜଣେ ଅଭିଜ୍ଞ ରେଳ ଅଧିକାରୀ ରୂପେ ପରିଚିତ ଲାହୋଟିଙ୍କ ନିଯୁକ୍ତି ବିଭିନ୍ନ କ୍ଷେତ୍ରର ବହୁମୁଖୀ ପ୍ରତିଭା ଏବଂ ପରିବର୍ତ୍ତନଶୀଳତାକୁ ପ୍ରଦର୍ଶନକରେ। ରେଲୱେ ନେତୃତ୍ୱରୁ ଲାହୋଟିଙ୍କର ଟେଲିକମ୍ ନିୟାମକ ସଂସ୍ଥାକୁ ପରିବର୍ତ୍ତନ ହେବା ଅସ୍ୱାଭାବିକ ମନେହୁଏ। କିନ୍ତୁ ଲାହୋଟି ଜଣେ ସାଧାରଣ ରେଲୱେ ଅଧିକାରୀ ନୁହନ୍ତି। ରେଲୱେ ବୋର୍ଡର ପୂର୍ବତନ ଚେୟାରମ୍ୟାନ ତଥା ସିଇଓ ଭାବରେ ଜଟିଳ ଭିତ୍ତିଭୂମି ପ୍ରକଳ୍ପ ପରିଚାଳନାରେ ସେ ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ନୂଆଦିଲ୍ଲୀର ଆନନ୍ଦ ବିହାର ଟର୍ମିନାଲ ଏବଂ ସ୍କିକ୍ ଅଜମେରୀ ଗେଟ୍ ସାଇଡ୍ ଷ୍ଟେଶନ ବିଲ୍ଡିଂ ପରି ପ୍ରକଳ୍ପର ଯୋଜନା ଏବଂ ତାହାକୁ କାର୍ଯ୍ୟକାରୀ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଲାହୋଟି ବିଶ୍ୱସ୍ତରୀୟ ନୂଆଦିଲ୍ଲୀ ରେଳ ଷ୍ଟେଶନର ପୁନର୍ନିର୍ମାଣ ଯୋଜନା ସହିତ ଘନିଷ୍ଠ ଭାବରେ ଜଡିତ ଥିଲେ । ପ୍ରୋଜେକ୍ଟ ପରିଚାଳନା ଏବଂ ରଣନୀତିକ ଯୋଜନାରେ ଲାହୋଟିଙ୍କର ବିସ୍ତୃତ ଅଭିଜ୍ଞତା ତାଙ୍କୁ ଏକ ନିଆରା କୁଶଳୀ ଅଧିକାରୀ ଭାବେ ପରିଚିତି ଦେଇଛି। ବର୍ତ୍ତମାନ ତାଙ୍କ ଦୃଷ୍ଟି ରହିଛି ଟେଲିକମ୍ ଦୁନିଆ ଉପରେ । ତାଙ୍କର ନିଯୁକ୍ତି କେବଳ ସେକ୍ଟରଗୁଡ଼ିକର ଗଠନମୂଳକ ପରିବର୍ତ୍ତନକୁ ସୂଚିତ କରୁନାହିଁ, ବରଂ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକର ଉତ୍ଥାନରେ ତାଙ୍କ ନେତୃତ୍ୱର ମହତ୍ତ୍ୱକୁ ମଧ୍ୟ ଆଲୋକିତ କରେ। ତାଙ୍କ ନିଯୁକ୍ତି ମଧ୍ୟ ବିଭିନ୍ନ କ୍ଷେତ୍ରକୁ ନୂତନତ୍ୱ ଏବଂ ଅଭିବୃଦ୍ଧି ଦିଗରେ ପରିଚାଳନା କରିବାରେ ଜଣେ ସୁଦୃଢ଼ ତଥା ଦୂରଦୃଷ୍ଟିସମ୍ପନ୍ନ ନେତାଙ୍କ ଗୁରୁତ୍ୱକୁ ପ୍ରତିପାଦିତ କରିଛି।

### ପରିବର୍ତ୍ତନଶୀଳ ମୁହୂର୍ତ୍ତ

ଉତ୍ତରାଖଣ୍ଡ ୧୯୮୮ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ରାଧା ରାତୁରୀଙ୍କୁ ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବେ ପାଇଛି। ତାଙ୍କ ବ୍ୟାଚ୍‌ମେଟ୍ ସୁଖବୀର ସିଂ ସାନ୍ଧୁଙ୍କର ସେ ଉତ୍ତରାଧିକାରୀ ହୋଇଛନ୍ତି । ସର୍ବୋଚ୍ଚ ପ୍ରଶାସନିକ ପଦବୀରେ ରାତୁରୀଙ୍କର ନିଯୁକ୍ତି କେବଳ ତାଙ୍କ ସଫଳତାକୁ ସୂଚିତ କରେ ନାହିଁ ବରଂ ରାଜ୍ୟ ଶାସନରେ ସମାବେଶିତା ଦିଗରେ ଏକ ବ୍ୟାପକ ପରିବର୍ତ୍ତନର ସଙ୍କେତ ଦିଏ। ଏହା ନିଶ୍ଚିତ ଯେ, ୧୯୭୦ ମସିହାରେ ମହିଳାମାନେ ଆଇଏଏସ୍‌ରେ ଯୋଗଦେଉଥିବା ଲୋକଙ୍କ ମଧ୍ୟରୁ ୯ ପ୍ରତିଶତ ଥିଲେ। ଏବେ କାର୍ଯ୍ୟରତ ଆଇଏଏସ୍ ଅଧିକାରୀଙ୍କ ସଂଖ୍ୟାର ୨୧ ପ୍ରତିଶତ ହେଉଛନ୍ତି ମହିଳା। ଅନେକ ରାଜ୍ୟ ମହିଳାଙ୍କୁ ସମୟ ସମୟରେ ଆଇଏଏସ୍‌ର ମୁଖ୍ୟ ପଦବୀରେ ବସାଇବା ଦେଖାଯାଇଛି। ୨୦୨୨ରେ ରାଜସ୍ଥାନର ଉଷା ଶର୍ମା ବି ମୁଖ୍ୟ ଶାସନ ସଚିବ ହୋଇଥିଲେ। କିନ୍ତୁ ଏମାନଙ୍କ ସଂଖ୍ୟା ଏତେ କମ୍ ଯେ ଏଭଳି ନିଯୁକ୍ତି ଯେତେବେଳେ ଘଟେ ସେତେବେଳେ ଏକ ଗୁଞ୍ଜରଣ ସୃଷ୍ଟି ହୁଏ। ଉତ୍ତରାଖଣ୍ଡର ସର୍ବୋଚ୍ଚ ପ୍ରଶାସନିକ ପଦବୀରେ ଅବସ୍ଥାପିତ ହେବା ପୂର୍ବରୁ ରାତୁରୀ ପ୍ରଥମେ ଅବିଭକ୍ତ ଉତ୍ତରପ୍ରଦେଶରେ ଏବଂ ପରେ ଉତ୍ତରାଖଣ୍ଡରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। କୌତୂହଳର ବିଷୟ, ତାଙ୍କ ସ୍ୱାମୀ ଅନିଲ ରାତୁରୀ ଜଣେ ଆଇପିଏସ୍ ଅଧିକାରୀ ଓ ୨୦୨୦ରେ ଉତ୍ତରାଖଣ୍ଡର ପୋଲିସ ମହାନିର୍ଦ୍ଦେଶକ ପଦରୁ ଅବସର ନେଇଥିଲେ । ୨୦୦୦ ରେ ଗଠିତ ହୋଇଥିବା ଉତ୍ତରାଖଣ୍ଡ ରାଜ୍ୟ ବର୍ତ୍ତମାନ ଏହାର ପ୍ରଶାସନିକ ସ୍ତରରେ ସବୁ ବାଧାକୁ ଅତିକ୍ରମକରି ଆଗେଇବା ସହ ଏକ ପରିବର୍ତ୍ତନଶୀଳ ମୁହୂର୍ତ୍ତର ପ୍ରତ୍ୟକ୍ଷଦର୍ଶୀ ପାଲଟିଛି। ଏହି ସମୟରେ ଭାରତ ଏହାର ପ୍ରଥମ ମହିଳା କ୍ୟାବିନେଟ୍ ସଚିବଙ୍କ ଅପେକ୍ଷାରେ ରହିଛି।

Email: dilipcherian@gmail.com

# କୋଟିଆ ଆମର



ଜୟନ୍ତ ପଟ୍ଟନାୟକ

କୋଟିଆ ଆମର, ଆମର କୋଟିଆ। ଏଇ କଥାଟା ଶୁଣି ଶୁଣି ବିରକ୍ତ ଲାଗିଲାଣି। କୋଟିଆ ଯଦି ଆମର, ତା'ହେଲେ ଏତେଥର କହିବା ଦରକାର କ'ଣ, କୋଟିଆ ଆମର, କୋଟିଆ ଆମର। ୨୦୨୧ରୁ ଏକଥା ବାରମ୍ବାର ଶୁଣାଯାଉଛି ସବୁଠାରେ। ସିଏ ମୁଦ୍ରିତ ହେଉ ବା ବୈଦ୍ୟୁତିକ କିମ୍ବା ସାମାଜିକ ଗଣମାଧ୍ୟମଗୁଡିକରେ ମଧ୍ୟ ଏହା ପ୍ରକାଶ ପାଉଛି। ୨୦୨୧ ମସିହା ପୂର୍ବରୁ କ'ଣ କୋଟିଆ ସେଠାରେ ନ ଥିଲା, କଥାହେଲା କୋଟିଆ ଯୋଉଠି ଥିଲା ସେଇଠି ଅଛି।

୨୦୨୧ ଅକ୍ଟୋବରରେ ସବୁ ଦଳର ନେତାମାନେ କୋଟିଆରେ ଏକତ୍ର ହୋଇଥିଲେ ଆନ୍ଧ୍ରର ବିସ୍ତାରବାଦୀ ଚିନ୍ତାଧାରାରୁ ଓଡ଼ିଶାର ସୀମାବର୍ତ୍ତୀ ଏହି ମୂଲ୍ୟବାନ ଖଣି- ଖାଦାନଭରା ବିସ୍ତୃତ ଅଞ୍ଚଳକୁ ତା'ର ଲୋଲୁପଦୃଷ୍ଟିରୁ ବଞ୍ଚାଇବା ସକାଶେ। ସେଇ ଆରମ୍ଭ ଓ ସେଇ ଶେଷ, ଆଉ କାହାର ସେଇଠି ସାମୂହିକ ଭାବେ ଦେଖାନାହିଁ, କାଁ ଭାଁ କେମିତି ନେତାଙ୍କର ପାଦପଡେ ଏଇଠି। ଏ ଉପାନ୍ତ ଅଞ୍ଚଳକୁ କିଏ ଆସିବ କାହିଁକି, ରାଜଧାନୀର ଚକାଚକ ପରିବେଶ ଛାଡି,ଏମିତି କି ସ୍ଥାନୀୟ ନେତାଙ୍କର ଦର୍ଶନ ମଧ୍ୟ ଦୁଷ୍ପ୍ରାପ୍ୟ!

ସତେଯେମିତି ଫତୁଆ ଜାରି ହୋଇଛି ନେତା/ଅଫିସରମାନଙ୍କୁ କୋଟିଆ ନ ଯିବା ପାଇଁ। ଏ ପରିପ୍ରେକ୍ଷୀରେ ସମ୍ଭବତଃ ସରକାର ମନେକରୁଛନ୍ତି -ନଉଛି ତ ନେଇଯାଉ ଆନ୍ଧ୍ର। ଏମିତିରେ ପୁରା'ଆରାକୁ ଉପତ୍ୟକା'ତ ଚାଲିଯାଇଛି କାହାର ନା କାହାର ଅହେଳାରେ ଆନ୍ଧ୍ର ହାତକୁ;ଏଇଟା ନବ, ନେଇଯାଉ, ଆମେ ସେଠାରେ କ'ଣ କରୁଛୁ କି!

୧୯୬୨ରେ ଭାରତର ଏକ ବିସ୍ତୃତ ଅଞ୍ଚଳ ଚାଇନା ଜବରଦସ୍ତ ଦଖଲ କରିନେଲା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ କହିଥିଲେ, ସେଠାରେ ଦୁବ କଅଁଳେ ନାହିଁ। କିନ୍ତୁ ଆଜିର ଦିନରେ ସେ ସ୍ଥାନରେ ଚାଇନାର ଭିତ୍ତିଭୂମି ଉନ୍ନୟନ ଅବିଶ୍ୱସନୀୟ! ଆରାକୁରେ ଆନ୍ଧ୍ର ସରକାର ଲକ୍ଷ ଲକ୍ଷ ଟଙ୍କା କମାଉଛନ୍ତି। ଅବଶ୍ୟ ଆରାକୁରେ ଢେର ଭିତ୍ତିଭୂମି ଉନ୍ନୟନ କରିଛନ୍ତି ଆନ୍ଧ୍ର ସରକାର। ଆମେ ତ ଆମ ନିଜର ବର୍ତ୍ତମାନ ଯେତିକି ପ୍ରାକୃତିକ ପର୍ଯ୍ୟଟନସ୍ଥଳ ଅଛି ତା'ର ଉନ୍ନୟନ କରୁନେ। ଆଉ ସେଇ ଖଣିଖାଦାନ କଥା, ଓଡ଼ିଶା ନ ହେଲେ ଆନ୍ଧ୍ରର ହେବ,ଭାରତବର୍ଷର ଜିନିଷ ଭାରତବର୍ଷରେ ରହିବ! ନିଜର ସମ୍ପତ୍ତି ବା ଖାଲବୁହା ଧନ ହୋଇଥିଲେ କଥା ଅଲଗା। ଏ ପରିପ୍ରେକ୍ଷୀରେ କୋରାପୁଟର ପୂର୍ବତନ ଜିଲାପାଳ ଗଦାଧର ପରିଡ଼ାଙ୍କ 'କୋଟିଆ ବଞ୍ଚାଅ' ଆନ୍ଦୋଳନ ନିତାନ୍ତ ଧନ୍ୟବାଦାର୍ହ। ସରକାର ବୋଧେ ଚାହୁଁନାହାନ୍ତି ଆନ୍ଧ୍ର ସରକାର ସହିତ ସମ୍ପର୍କ ଖରାପ କରିବାକୁ। ଏଇ ଟୁକୁଡାଏ ଜମି ପାଇଁ କାହିଁକି




ସମ୍ପର୍କଟା ଖରାପ ହେବ। ସବୁ ଦଳର ମଧ୍ୟ ସେଇ ଏକା ମନୋଭାବ। ନଚେତ୍ ଚାହିଁଲେ କ'ଣ ଏଇ ଛୋଟିଆ କଥାଟାର ସମାଧାନ ହୋଇପାରନ୍ତାନି।

ଆମ ଜାଗାରେ କ'ଣ ସବୁବେଳେ ଆନ୍ଧ୍ର ଲୋକ ଆସି ଦାଦାଗିରି କରିବେ। କୋଉଦିନ କୋଟିଆରେ ତେଲୁଗୁ ସ୍କୁଲ ଖୋଲିଲେଣି ତ କୋଉଦିନ ବାର୍ଦ୍ଧକ୍ୟ ଭତ୍ତା ବାଣ୍ଟିଲେଣି, କୋଉଦିନ କୋଟିଆରେ ଜୋରଜବରଦସ୍ତି ସରପଞ୍ଚ ନିର୍ବାଚନ କରି ତେଲୁଗୁ ସରପଞ୍ଚ ନିର୍ବାଚିତ କରିଆଣିଲେଣି। ତା'ମାନେ ସେମାନେ ନିଜ ପାଇଁ ରାସ୍ତା ସଫା କରିଦେଲେ। କାଲି ଯଦି କିଛି ବିଚାର ହୁଏ ଉପର ସ୍ତରରେ ସେଇ ତେଲୁଗୁ ସରପଞ୍ଚମାନେ କ'ଣ ଓଡ଼ିଶା ସପକ୍ଷରେ ଓକିଲାତି କରିବେ? କେମିତି ଗୋଟିଏ ସରକାର ଅନ୍ୟ ରାଜ୍ୟ ଭିତରେ ପଶି ସ୍ଥାନୀୟ ନିର୍ବାଚନ (ଫେବୃଆରୀ ୨୦୨୧), ତା'ପୁଣି ନିଜ ସପକ୍ଷରେ କରାଇ ପାରିଲେ,ଏହା ତ ଏକ ସପ୍ତାଶ୍ଚର୍ଯ୍ୟଭଳି କଥା। ସେତିକି ନୁହେଁ ତାଙ୍କ ପାଇଁ ଓକିଲାତି କିମ୍ବା ଜନଜାଗରଣ କରିବା ପାଇଁ ଆନ୍ଧ୍ର ସରକାର ସେଇ କୋଟିଆରୁ ଓଡ଼ିଆ ଲୋକଙ୍କୁ ମାସିକ ୧୦ହଜାର ଦେଇ ନିଜର ଏଜେଣ୍ଟ ନିଯୁକ୍ତି କରିଛନ୍ତି। ଏହା ବ୍ୟତୀତ ଓଡ଼ିଶା ଭିତରେ ଥିବା ନଦୀ ଉପରେ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କରୁଛନ୍ତି ଆନ୍ଧ୍ର ସରକାର ୨୦୨୨ ପ୍ରାରମ୍ଭରୁ। ଏସବୁ ୧/୨ ଦିନର କଥା ନୁହେଁ, ଏଥିପାଇଁ ମାସ ମାସ,ବର୍ଷ ବର୍ଷ ସମୟ ଆବଶ୍ୟକ। ତା'ପୁଣି ଆମ ସରକାରୀ କର୍ମଚାରୀମାନଙ୍କ ନାକ ତଳେ। ଏଇଥିରୁ ଅନୁମେୟ ଆମ ସରକାର କିପରି ଜାଗତିଆର ଅଛନ୍ତି ଉପାନ୍ତ ଅଞ୍ଚଳର ଜନସାଧାରଣଙ୍କ ସ୍ୱାର୍ଥ ଜଗିବା ଦିଗରେ। ଏବେ ପୁଣି ଆନ୍ଧ୍ର ସରକାରଙ୍କ ଏକ ଆଧାର କେନ୍ଦ୍ର କାମକରୁଛି କୋଟିଆ ଅଞ୍ଚଳରେ,ତଳ ସେମ୍ବି ଗ୍ରାମରେ, ସିଏ କ'ଣ କେବେ ଓଡ଼ିଆଙ୍କ ସ୍ୱାର୍ଥ ପାଇଁ କାମ କରିବ? ସଂଶୋଧନ ଆଳରେ ବରଂ ଓଡ଼ିଆ ଆଧାର କାର୍ଡଗୁଡିକୁ ତେଲୁଗୁରେ ପରିବର୍ତ୍ତନ କରିଦେବେ!

ପ୍ରଣିଧାନର ବିଷୟ, ଓଡ଼ିଶାରେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ମାସିକ ୫୦୦ଟଙ୍କା ବେଳେ ଆନ୍ଧ୍ରରେ ଏହା ୨,୫୦୦। ପୁଣି ଆମ୍ମାବାଡି ଯୋଜନାରେ ଯୋଉ ପିଲା ତେଲୁଗୁ ସ୍କୁଲରେ ପଢ଼ିବେ ତାଙ୍କୁ ସବୁପ୍ରକାର ଶିକ୍ଷୋପକରଣ ମାଗଣା ମିଳିବା ସହିତ ମା'ମାନଙ୍କୁ ବାର୍ଷିକ ୧୫,୦୦୦ ଟଙ୍କା ମିଳିବ। ଏଥିରେ ପିଲା କୋଉ ଲାଭରେ ଓଡ଼ିଆରେ ପାଠ ପଢିବେ ବା ଆନ୍ଧ୍ରର ଲୋଭନୀୟ ଯୋଜନା ପ୍ରତି ଆଗ୍ରହୀ ନ ହେବେ? ସେମିତି ଅନ୍ୟ କେତେକ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି (ଗଜପତି ଜିଲା ଗଙ୍ଗାବାଡ ପଞ୍ଚାୟତର ଖୁଦୁଗୁଡି ୧୩।୧୦।୨୧) ଆମେ ଓଡ଼ିଶା ଯୋଜନାର ଲାଭାର୍ଥୀ ହେବାକୁ ଚାହୁଁନାହୁଁ, ବରଂ ଆମେ ଆନ୍ଧ୍ର ଯୋଜନାର ହିତାଧିକାରୀ ହେବାକୁ ଆଗ୍ରହୀ। ସେତିକିରେ କଥା ଅଟକିନାହିଁ, ଆମ ସରକାରଙ୍କ ଢିଲାପଣ ଦେଖି ଆନ୍ଧ୍ର କୋଟିଆ ସହିତ ଗଞ୍ଜାମ ଓ ଗଜପତି ଜିଲାର ସୀମାନ୍ତ ଗ୍ରାମଗୁଡିକ ଉପରେ ମଧ୍ୟ ନଜର ପକାଇଲାଣି। ସେଠାର ଅଧିବାସୀଙ୍କୁ ହାତକରି ପିଲାଙ୍କୁ ନିକଟବର୍ତ୍ତୀ ତେଲୁଗୁ ସ୍କୁଲକୁ ନିଆଯାଉଥିବା ଜଣାପଡ଼ିଛି। ମୂଳଦୁଆ ଟାଣକଲେ ଗଲା, ଏଥିପାଇଁ ଆନ୍ଧ୍ର ସରକାର ସ୍ୱତନ୍ତ୍ର ରଣନୀତି କରିଛନ୍ତି। ଏଇ ଉଦ୍ଦେଶ୍ୟରେ ଓଡ଼ିଶା ସୀମାବର୍ତ୍ତୀ ଶ୍ରୀକାକୁଲମ ଜିଲାକୁ 'ପାର୍ବତୀପୁରମ ମାନ୍ୟମ' ଜିଲା କରି ସାଲୁର ବିଧାୟକ ପି.ରାଜନ ଦୋରାଙ୍କୁ ଉପମୁଖ୍ୟମନ୍ତ୍ରୀ(ଆନ୍ଧ୍ରର ମୋଟ ୫ଜଣ ଉପ ମୁଖ୍ୟମନ୍ତ୍ରୀ) କରାଯାଇଛି,ଯେମିତି ସ୍ଥାନୀୟ ଅଧିବାସୀ ସରକାରଙ୍କ ଗୁରୁତ୍ୱକୁ ହୃଦୟଙ୍ଗମ କରି ଉତ୍ସାହିତ ହେବେ!

ଥରେ ନେଡ଼ିଗୁଡ଼ କହୁଣୀକୁ ଗଡ଼ିଗଲେ କଥା ସରିଲା। ପୁନଶ୍ଚ ଆନ୍ଧ୍ର ସରକାର ଓଡ଼ିଶାର ସର୍ବୋଚ୍ଚ ପର୍ବତ ଦେଓମାଳି ଉପରେ ନଜର ପକାଇଲେଣି, ଆନ୍ଧ୍ର ସରକାରଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧିଦଳ ବିଜୟନଗରମ୍ ଜିଲାପାଳଙ୍କ ସହିତ ଦେଓମାଳି ଆସି ପିକ୍‌ନିକ କରି ଫେରିଗଲେ। ଦୁର୍ମୂଲ୍ୟ ଖଣିଜ ପଦାର୍ଥଭରା ଦେଓମାଳିକୁ ଆନ୍ଧ୍ର ଦଳ କେବଳ ପିକ୍‌ନିକ କରିବାକୁ ଆସିଥିଲେ ବୋଲି ଆମ ସ୍ଥାନୀୟ ଅଧିକାରୀଙ୍କ ଉତ୍ତର ଖାପଛଡା ଲାଗୁଛି । କଥା ଏତେବାଟ ଗଲାଣି, କୁମ୍ଭୀର ମଝି ନଈରେ ପହଞ୍ଚିଲାଣି, ମାତ୍ର ଆମ ନେତାମାନଙ୍କର କୋଟିଆରେ ଦେଖାନାହିଁ। କେବେ ଆଉ ନିଦ ଭାଙ୍ଗିବ ଆମ ଏମାନଙ୍କର। ଏସବୁର ସମାଧାନ ନିମନ୍ତେ ଆନ୍ତରିକତା ଓ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ଜରୁରୀ। ଭାଷଣରେ କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ, କୋଟିଆ ଆମର କହିଲେ ଚଳିବ ନାହିଁ। ଅବଶ୍ୟ ସେଇଟା ଦିବାସୂର୍ଯ୍ୟ ପରି ସତ୍ୟ ଯେ, କୋଟିଆ ଯୋଉଠି ଅଛି ସେଇଠି ରହିବ ସବୁଦିନ, ଖାଲି ଓଡ଼ିଆ ଫଳକଟା ତେଲୁଗୁ ହୋଇଯାଇଥିବ ଯାହା!

ମୋ: ୯୦୯୦୧ ୯୦୦୬୯

# ମରୁଛେ ବୋଲି ସିନା ଏତେ କଥା



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ପପ୍ ଷ୍ଟାର୍ ମାଇକେଲ ଜାକ୍‌ସନ (୧୯୫୮-୨୦୦୯) ଜଣେ ବିଶ୍ୱବିଖ୍ୟାତ ପପ୍ ଗାୟକ, ଗୀତ ରଚୟିତା ଓ ନର୍ତ୍ତକ। ବିଂଶ ଶତାବ୍ଦୀର ଜଣେ ଶ୍ରେଷ୍ଠ ସାଂସ୍କୃତିକ ବ୍ୟକ୍ତିତ୍ୱ ଭାବେ ସେ ଖୁବ୍ ଜନପ୍ରିୟ ଥିଲେ। ଏପରି କି ତାଙ୍କୁ 'କିଙ୍ଗ୍ ଅଫ୍ ପପ୍' ବୋଲି ଆଖ୍ୟା ଦିଆଯାଇଥିଲା। ସଙ୍ଗୀତ-କଳାକାର ଭାବେ ସେ ଇତିହାସରେ ସର୍ବାଧିକ ପୁରସ୍କାର ପାଇଥିବା ବ୍ୟକ୍ତି ବୋଲି କୁହାଯାଇଥାଏ (ଦ ଗ୍ରେଟେଷ୍ଟ ବ୍ଲାକ୍ ଆଚିଭର୍ସ ଇନ୍ ହିଷ୍ଟ୍ରି ସିଲ୍‌ଭିଆ ଲୋଭିନା ଚିଡ଼ି, ୧ ନଭେମ୍ବର ୨୦୨୦)। ତାଙ୍କ ମୃତ୍ୟୁ ପରବର୍ତ୍ତୀ ସମୟରେ 'ଇଷ୍ଟେଟ୍ ଅଫ୍ ମାଇକେଲ ଜାକ୍‌ସନ' ଗଠିତ ହୋଇଥିଲା। ୨୦୧୬ରେ ଫୋର୍ବସର ଏକ ହିସାବ ଅନୁସାରେ ମୁଖ୍ୟତଃ ତାଙ୍କ ଗୀତରୁ ଆଦାୟ ଥିଲା ୮୨୫ ନିୟୁତ ଆମେରିକୀୟ ଡଲାର, ଯାହାକି ଏହି କ୍ଷେତ୍ରରେ ଜଣେ ସେଲିବ୍ରିଟିଙ୍କ ପାଇଁ ସର୍ବାଧିକ।

ଏତେ ଧନ ସମ୍ପଦ ଓ ଅସାଧାରଣ ଖ୍ୟାତି ସତ୍ତ୍ୱେ ତାଙ୍କ ଜୀବନ ଯାପନ ଶୈଳୀ ଅବିଶ୍ୱସନୀୟ ଭାବେ ଭିନ୍ନ ଧରଣର ଥିଲା। ତାଙ୍କର ଏକ ଅଜବ ଇଚ୍ଛା ଥିଲା ଯେ, ସେ ଅନ୍ତତଃ ଦେଢ଼ଶହ ବର୍ଷ ବଞ୍ଚିବେ। ସାଧାରଣତଃ ଆମେ ଏତେ ଦିନ ପର୍ଯ୍ୟନ୍ତ ଦୀର୍ଘାୟୁ ହୋଇ ନ ଥାଉ। ତେଣୁ ଏହି ଲକ୍ଷ୍ୟ ହାସଲ କରିବାକୁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ଓ ଆଚରଣ ଆବଶ୍ୟକ ବୋଲି ସେ ହୃଦୟଙ୍ଗମ କଲେ। ଏଥିସକାଶେ ତାଙ୍କ ଦୈନନ୍ଦିନ ଜୀବନ ଭିନ୍ନ ରୂପ ନେଲା। ମଣିଷ ବଞ୍ଚିବା ପାଇଁ ଅମ୍ଳଜାନ ନିହାତି ଆବଶ୍ୟକ। ତେଣୁ ସେ ଅକ୍ସିଜେନ ଚାମ୍ବରରେ ରହିବା ସହ ଅକ୍ସିଜେନ ବେଡ୍‌ରେ ମଧ୍ୟ ଶୋଉଥିଲେ। ଏତଦ୍‌ବ୍ୟତୀତ ସେ ବାହାର ଲୋକଙ୍କ ସହ ସାକ୍ଷାତ୍ କରିବା ବେଳେ ଖୁବ୍ ସତର୍କ ହୋଇଯାଉଥିଲେ। ହାତରେ ଗ୍ଲୋଭ୍‌ସ ଓ ପାଟିରେ ମାସ୍କ ଭିଡୁଥିଲେ। ସତେ ଯେମିତି ସେ ସେତେବେଳେ କରୋନା କାଳରେ ଥିଲେ ଓ କୋଭିଡ୍-୧୯ ଭୂତାଣୁ ତାଙ୍କୁ ସଂକ୍ରମିତ କରିଦେବ! ପୁଣି ଖାଦ୍ୟ ଗ୍ରହଣ କରିବା ବେଳେ ପୂର୍ବକାଳର ରାଜାମାନଙ୍କ ପରି ପ୍ରଥମେ ଏହି ଖାଦ୍ୟ ଜଣେ ବିଶ୍ୱସ୍ତ ପରୀକ୍ଷକ ଦ୍ୱାରା ନିରାପଦ ବୋଲି ଜାଣିବା ପାଇଁ ଉଦ୍‌ଗ୍ରୀବ ଥିଲେ। ବିଭିନ୍ନ କାରଣରୁ ଅବଶ୍ୟ ବଡ଼ଲୋକଙ୍କ ପାଇଁ ଖାଦ୍ୟ ପରୀକ୍ଷଣ ଏକ ଜରୁରୀ ଆବଶ୍ୟକତା ହୋଇପାରେ। ଏହି ପରିପ୍ରେକ୍ଷୀରେ ଗୋଟିଏ ଅଘଟଣ ଉଲ୍ଲେଖନୀୟ।

୧୯୬୨ ମସିହାରେ ସୁର ସମ୍ରାଜ୍ଞୀ (୧୯୨୯-୨୦୨୨) ଲତା ମଙ୍ଗେସ୍‌କର ହଠାତ୍ ଅତ୍ୟନ୍ତ ଅସୁସ୍ଥ ଅନୁଭବ କଲେ। ଏପରିକି ଶେଯରୁ ଉଠି ପାରିଲେ ନାହିଁ। ପ୍ରାୟ ୩ମାସ ପାଇଁ ଏହି ଦୌର୍ବଲ୍ୟ ଲାଗିରହିଲା। ସେ ଚିନ୍ତିତ ହେଲେ ଯେ, ହୁଏତ ସେ ଆଉ ଗୀତ ଗାଇପାରିବେ ନାହିଁ। ଡାକ୍ତର କପୁର




ପରୀକ୍ଷା କରି ଜାଣି ପାରିଲେ ଯେ, ଖାଦ୍ୟରେ ତାଙ୍କୁ ସ୍ଲୋ ପଏଜନ ଦିଆଯାଇଛି। ଏହି ନିଦାନ ଜାଣିବା ପରେ ପରେ ତାଙ୍କ ରୋଷେୟା ଦରମା ନ ନେଇ ହଠାତ୍ ଗାଏବ ହୋଇଗଲା। ତାଙ୍କ ବାନ୍ତିରେ ଶାଗୁଆ ବର୍ଣ୍ଣର ତରଳ ପଦାର୍ଥ ବାହାରିବା ପରେ ଡାକ୍ତରୀ ପରୀକ୍ଷଣରୁ ଏମିତି ସମ୍ଭାବନା ବ୍ୟକ୍ତ କରାଯାଇଥିଲା।

ଏହି ଅଭାବନୀୟ ଘଟଣା ପରେ ଖ୍ୟାତନାମା ଗୀତିକାର ଓ ଲତାଙ୍କ ବନ୍ଧୁ ମଜରୁଲ ସୁଲତାନପୁର ଲତାଙ୍କ ଘରକୁ ପ୍ରତିଦିନ ଯାଇ ତାଙ୍କ ଖାଦ୍ୟ ପରୀକ୍ଷା ପରେ ଲତା ଖାଉଥିଲେ। ପ୍ରକାଶଥାଉ କି, ସେତେବେଳେ ଲତାଙ୍କ ବୟସ ପ୍ରାୟ ୩୩ ବର୍ଷ ଓ ଗାୟିକା ହିସାବରେ ବଲିଉଡ୍‌ରେ ତାଙ୍କ ଚାହିଦା ଆକାଶଛୁଆଁ ଥିଲା ( ଲତା ମଙ୍ଗେସ୍‌କର ଇନ୍ ହର ଓନ୍ ଭଏସ୍-ନସ୍‌ରିନ ମୁନି କବୀରା)। ତେଣୁ ଜାକ୍‌ସନ ଯଦି ଖାଦ୍ୟରେ ସତର୍କତା ଅବଲମ୍ବନ କରନ୍ତି ଏଥିରେ ବିଶେଷ ଅସ୍ୱାଭାବିକତା ନାହିଁ। କିନ୍ତୁ ସେ କେବଳ ଏତିକିରେ ସୀମିତ ନ ଥିଲେ। ୧୨ଜଣିଆ ଡାକ୍ତରୀ ଦଳ ପ୍ରତିଦିନ ଥରକୁ ଥର ତାଙ୍କ ସର୍ବାଙ୍ଗର ସୁସ୍ଥତା ପ୍ରତି ତୀକ୍ଷ୍ଣ ନଜର ରଖୁଥିଲେ। କିନ୍ତୁ ଏତେ ସବୁ ନିଚ୍ଛିଦ୍ର ଆୟୋଜନ ସତ୍ତ୍ୱେ ସେ ମାତ୍ର ୫୦ ବର୍ଷରେ ପ୍ରାଣତ୍ୟାଗ କରିଥିଲେ। ତାଙ୍କ ସ୍ୱପ୍ନର ଦେଢ଼ଶହ ବର୍ଷର ଢେର୍ ଆଗରୁ। ତାଙ୍କ କପାଳରେ ଥିଲା ମଧ୍ୟମାୟୁ। ତାହା ଅତିକ୍ରମ କରିବା ଅସାଧ୍ୟ।

ହଲିଉଡ୍ ଓସ୍କାର ବିଜୟିନୀ ଅପରୂପା ସୁନ୍ଦରୀ ଏଲିଜାବେଥ୍ ଟେଲର (୧୯୩୨-୨୦୧୧)ଙ୍କ ଗୋଟିଏ ସଉକ ଥିଲା ଯେ, ସେ ପ୍ରତିଟି କାର୍ଯ୍ୟକ୍ରମରେ ଡେରିରେ ପହଞ୍ଚିବେ। ଏପରିକି ମଣିଷ ଶରୀର ନଶ୍ୱର ବୋଲି ଏକ ନ୍ୟାଯ୍ୟ ସତ୍ୟ ଜାଣି ମଧ୍ୟ ସେ ପୂର୍ବରୁ ଇଚ୍ଛାପ୍ରକାଶ କରିଥିଲେ ଯେ, ତାଙ୍କ ମରଶରୀରକୁ ଠିକ୍ ସମୟରେ କବର ଦିଆ ନ ଯାଇ ବିଳମ୍ବରେ ସମାପନ କରାଯାଉ। ତଦନୁଯାୟୀ ପନ୍ଦର ମିନିଟ୍ ଡେରିରେ ତାଙ୍କ ମରଶରୀର ସମାଧିସ୍ଥ ହେଲା। କେବଳ ଏହି ସେଲିବ୍ରିଟିମାନେ ନୁହନ୍ତି, ଆମେ ସମସ୍ତେ ସାଧାରଣ ଲୋକ ମଧ୍ୟ ଅଧିକରୁ ଅଧିକ ଦିନ ବଞ୍ଚିବାକୁ ଚାହୁଁ। ଆମର ଇଚ୍ଛା: ପୁରାଣକାରମାନେ 'ସପ୍ତ ଚିରଞ୍ଜୀବୀ'ଙ୍କ ତାଲିକାରେ ହନୁମାନ, ବଳି, ବ୍ୟାସ, ଅଶ୍ୱତ୍ଥମା, କୃପାଚାର୍ଯ୍ୟ, ବିଭୀଷଣ, ପର୍ଶୁରାମ ରଖିଥିବା ବ୍ୟକ୍ତିମାନଙ୍କ ପରି ଆମେ ସେମିତି ବରପ୍ରାପ୍ତ ହୋଇଯାଆନ୍ତେ କି! କିନ୍ତୁ ଆମ ମୃତ୍ୟୁ ପରେ ଶରୀର ଯେ ପଞ୍ଚଭୂତ (ଭୂମି, ଜଳ, ବାୟୁ, ଅଗ୍ନି ଓ ଆକାଶ)ରେ ଲୀନ ହେବ ଓ ଆମ ଜୈବଶରୀର ଅବଶ୍ୟ କ୍ଷଣ ଭଙ୍ଗୁର। ଆମେ ଭୁଲିଯାଉଛେ, ବରଂ ମନ ପକାଇବାକୁ ମଧ୍ୟ ଚାହୁଁନେ! ତେଣୁ ଏହି ଧରା-ରଙ୍ଗମଞ୍ଚରେ ଏତେ ନାଟକୀୟ ଦୃଶ୍ୟ ପରିଦୃଷ୍ଟ ହେଉଛି।

ବଡ଼ଖେମୁଣ୍ଡି ବଙ୍ଗଳା,ଉତ୍କଳ ଆଶ୍ରମ ମାର୍ଗ,
ବ୍ରହ୍ମପୁର, ମୋ: ୯୦୭୮୭୪୩୮୪୩

## ଏଇ ଭାରତରେ

ଲୋକଙ୍କ ପାଖରେ ବିଜ୍ଞାନ ପହଞ୍ଚିଯାଉଛି ଗାଡ଼ିରେ। ଶୁଣିବାକୁ ଅଜବ ଲାଗୁଥିଲେ ବି ପଞ୍ଜାବର ଜଣେ ଶିକ୍ଷକଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ପଟିଆଲାର ଅବସରପ୍ରାପ୍ତ ଶିକ୍ଷକ ଯଶବିନ୍ଦର ସିଂ ତାଙ୍କ କାରରେ ଏକ ଚଳନ୍ତି ବିଜ୍ଞାନାଗାର କରି ତାହାକୁ ଲୋକଙ୍କ ପାଖରେ ପହଞ୍ଚାଇ ଦେଉଛନ୍ତି। ଗଣିତର ବିଭିନ୍ନ ସୂତ୍ରଠାରୁ ଆରମ୍ଭ କରି ମହାକାଶ ଦୁନିଆର ସବୁକିଛି ପ୍ରଦର୍ଶନ କରୁଛନ୍ତି ଯଶବିନ୍ଦର। ସେ ଏହି ଅଭିଯାନର ନାଁ ରଖିଛନ୍ତି 'ଲାବ୍ ଅନ୍ ହ୍ୱିଲ' ଅର୍ଥାତ୍ ଗାଡ଼ିରେ ପରୀକ୍ଷାଗାର। ୧୧ ବର୍ଷ ହେଲା ଯଶବିନ୍ଦର ଏହି ଲାବ୍‌କୁ ନେଇ ବିଭିନ୍ନ ରାଜ୍ୟରେ ପ୍ରଦର୍ଶନ କରୁଛନ୍ତି। ଏବେ ସୁଦ୍ଧା ସେ ୧୧ ରାଜ୍ୟରେ ତାଙ୍କ ଚଳନ୍ତି ବିଜ୍ଞାନାଗାରକୁ ପ୍ରଦର୍ଶନ କରିସାରିଲେଣି। ମୋଟ ୧୩୫୯ଟି ପ୍ରଦର୍ଶନୀ ଆୟୋଜନ କରିସାରିଛନ୍ତି। ଏହା ମାଧ୍ୟମରେ ସେ ପାଖାପାଖି ୭ ଲକ୍ଷ ଲୋକଙ୍କୁ ବିଜ୍ଞାନ ସହ ଯୋଡ଼ି ସାରିଲେଣି। ସେ ଏହି ଭ୍ରାମ୍ୟମାଣ ବା ଚଳନ୍ତି ପରୀକ୍ଷାଗାରକୁ ନିଜ ଖର୍ଚ୍ଚରେ ପରିଚାଳନା କରୁଛନ୍ତି। ଏହି କାର୍ଯ୍ୟ ଲାଗି ତାଙ୍କୁ ଶିକ୍ଷାରତ୍ନ ପୁରସ୍କାର ଏବଂ ପ୍ରାଇଡ୍ ଅଫ୍ ପଞ୍ଜାବ ସମ୍ମାନ ମିଳିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଫେବୃଆରୀ ୧୯୭୫

- ଭାରତୀୟ କମ୍ୟୁନିଷ୍ଟ ଦଳର ସଭାପତି ଓ ସାଧାରଣ ସମ୍ପାଦକ ରୂପେ ଏସ୍.ଏ.ଡାଙ୍ଗେ ଏବଂ ସି.ରାଜେଶ୍ୱର ରାଓ ପୁନଃ ନିର୍ବାଚିତ।
- ଭାରତ-ସୋଭିଏତ ସାଂସ୍କୃତିକ ସଂଘ ଓ ସୋଭିଏତ-ଭାରତ ମୈତ୍ରୀ ସଂଘ ମଧ୍ୟରେ ସାଂସ୍କୃତିକ ବିନିମୟ ଚୁକ୍ତି ସମ୍ପାଦିତ।
- ଭାରତ ସାହାଯ୍ୟକାରୀ ଅନ୍ତର୍ଜାତୀୟ ସଂସ୍ଥାର ଅନ୍ୟତମ ସଦସ୍ୟ ଫ୍ରାନ୍ସ ଭାରତକୁ ୫୭ କୋଟି ୮୦ ଲକ୍ଷ ଟଙ୍କା ଋଣ ମଞ୍ଜୁର କରିଛି।
- ଏରିଟ୍ରିୟାର ବିଚ୍ଛିନ୍ନତାବାଦୀ ବିଦ୍ରୋହୀ ଗେରିଲା ବାହିନୀ ଏକ ରାସ୍ତା ପୋଲକୁ ଡିନାମାଇଟ ଖଞ୍ଜି ଉଡ଼ାଇଦେବା ଫଳରେ ଆଡିସ ଆବାବ ସହର ସହିତ ଇଥିଓପିଆର ତୈଳ ବିଶୋଧନାଗାରର ଯୋଗାଯୋଗ ବିଚ୍ଛିନ୍ନ।

## ଚିରନ୍ତନୀ

ଆସିଲ ଯେବେ କି ପାଇଁ ଦୂରେ ?
ମୁଁ ପରା ଅଛି ନିକଟେ ଅତି
ତୁମରି ପାଇଁ ରହିଛି ଚାହିଁ
ବିରହ-ବ୍ୟଥା ଟଳାଏ ମତି।
-(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | 6 | 5 | | | | |
| | | | | | 2 | 3 | | |
| 5 | | | 1 | 3 | 4 | | | |
| | | 3 | | | 8 | | 4 | |
| | 9 | 8 | | 7 | | | | 1 |
| | | | 2 | | | 8 | | |
| | | | | | | 1 | | 6 |
| | | 9 | | | | | | 8 |
| | 4 | | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 6 | 8 | 3 | 9 | 1 | 7 | 4 |
| 3 | 9 | 7 | 4 | 1 | 6 | 2 | 8 | 5 |
| 8 | 1 | 4 | 2 | 7 | 5 | 9 | 6 | 3 |
| 9 | 8 | 1 | 7 | 4 | 3 | 6 | 5 | 2 |
| 6 | 7 | 5 | 9 | 8 | 2 | 3 | 4 | 1 |
| 4 | 2 | 3 | 6 | 5 | 1 | 7 | 9 | 8 |
| 1 | 3 | 9 | 5 | 6 | 4 | 8 | 2 | 7 |
| 5 | 6 | 8 | 3 | 2 | 7 | 4 | 1 | 9 |
| 7 | 4 | 2 | 1 | 9 | 8 | 5 | 3 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଙ୍ଗନୱାଡି ଖାଦ୍ୟ ବ୍ୟବସ୍ଥାରେ ସୁଧାର ହେଉ

ମହାଶୟ,

ସରକାରଙ୍କ ନିର୍ଦ୍ଧାରିତ ଦରରେ ବଜାରରେ ଅଣ୍ଡା ନ ମିଳିବାରୁ ରାଜ୍ୟର କିଛି ଅଙ୍ଗନୱାଡି କେନ୍ଦ୍ର ଦୁଇ ମାସରେ ୧୨୦ ଟଙ୍କା (୨୪ଟି ଅଣ୍ଡାକୁ) ପିଲାଙ୍କ ଅଭିଭାବକମାନଙ୍କୁ ଫୋନ୍ ପେ'ରେ ପଠାଇ ଦେଉଥିବା କେତେକ ଅଞ୍ଚଳରୁ ଶୁଣିବାକୁ ମିଳୁଛି । ତା'ଛଡା ଦ୍ୱିତୀୟ କଥା ହେଲା, ଅଭିଭାବକମାନେ ସେ ଟଙ୍କା ପାଇଲେ ସେଥିରେ ସେମାନେ କ'ଣ ନିଜ ପିଲାଙ୍କ ପାଇଁ ଅଣ୍ଡା କିଣିବେ ସେ ଗ୍ୟାରେଣ୍ଟି କିଏ ଦେବ। କାରଣ ପ୍ରାୟ ପିଲାଙ୍କ ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଏହି ଅଣ୍ଡା ପଇସା ସେମାନେ ପାଇବେ ସତ, କିନ୍ତୁ ନିଜକୁ ତ ଅଣ୍ଟୁନି ପୁଣି ପିଲାଙ୍କୁ କ'ଣ ଦେବେ। ଏବେ କଥା ଉଠୁଛି ଯେ ଯେଉଁ ଗରିବ, ଶ୍ରମିକ, ସାଧାରଣ ପରିବାରର ପିଲାମାନେ ସରକାରୀ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛନ୍ତି ଓ ସରକାରଙ୍କୁ ଅବଗତ ଯେ ସେମାନଙ୍କ ଘୋଷଣା ଅନୁଯାୟୀ ଅଙ୍ଗନୱାଡି ପିଲାଙ୍କୁ ପୌଷ୍ଟିକ ଖାଦ୍ୟ ଦିଆଯାଉଛି, ତାହା ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଛି। ଏହା ଠିକ୍ ଭାବେ ତଦାରଖ ହେଉନାହିଁ। କେବଳ ଶିଶୁ ନୁହନ୍ତି ବରଂ ଗର୍ଭବତୀ ମହିଳା, କିଶୋରୀମାନଙ୍କ କ୍ଷେତ୍ରରେ ବି ସେଇ ଏକା ଅବସ୍ଥା। ଯଦି ସରକାର ପ୍ରକୃତରେ ସମାଜର ଶିଶୁ, ଗର୍ଭବତୀ ଓ କିଶୋରୀମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ଦିଗରେ ଧ୍ୟାନ ରଖିବାକୁ ଚାହୁଁଛନ୍ତି ତେବେ ସମାଜ ପ୍ରତି ଉତ୍ସର୍ଗୀକୃତ କୌଣସି ସଂସ୍ଥା ସହିତ ଯୋଗାଯୋଗ କରି ସେମାନଙ୍କୁ ଚୁକ୍ତିବଦ୍ଧ କରାଇ ସେମାନଙ୍କ ମାଧ୍ୟମରେ ପୁଷ୍ଟିକର ଖାଦ୍ୟ ଦିଆଯାଇପାରନ୍ତା । ଅନେକ ସ୍ଥଳରେ ହେଉଥିବା ମଧ୍ୟାହ୍ନଭୋଜନ ସ୍କୁଲ ପରିସରରେ ପ୍ରସ୍ତୁତ ନ କରି ଓ ଶିକ୍ଷକମାନଙ୍କୁ ହଇରାଣ ନ କରି କୌଣସି ପ୍ରତିଷ୍ଠିତ ସଂସ୍ଥାକୁ ଦେଇଦେବା ଉଚିତ। ତାହାଦ୍ୱାରା ଅନେକ ସମୟରେ ଯେଉଁସବୁ ଅଭିଯୋଗ ଆସୁଛି ତାହା ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଆନ୍ତା ଓ ପିଲାମାନେ ମଧ୍ୟ ପୌଷ୍ଟିକ ଖାଦ୍ୟ ଖାଇପାରନ୍ତେ ଏବଂ ସରକାରଙ୍କ ଯୋଜନା ସଫଳ ହୁଅନ୍ତା।

-ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ସୁବର୍ଣ୍ଣପୁରରୁ ଗଡ଼ିଲା ସୋନପୁର-ପୁରୀ ଏକ୍ସପ୍ରେସ୍

**ସୋନପୁର,୯।୨ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାବାସୀଙ୍କ ଦୀର୍ଘବର୍ଷର ସ୍ୱପ୍ନ ପୂରଣ ହୋଇଛି । ପ୍ରଥମ କରି ସୁବର୍ଣ୍ଣପୁରକୁ ରେଳ ଗଡ଼ିଛି । ସୋନପୁର ଷ୍ଟେଶନରୁ ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ୍ ଶୁକ୍ରବାର ସନ୍ଧ୍ୟାରୁ ନିୟମିତ ଚାଲିଲା। ଜିଲାବାସୀ ଷ୍ଟେଶନରେ ଉପସ୍ଥିତ ରହି ଟ୍ରେନ୍ ଓ ଯାତ୍ରୀମାନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଫେରିବା ମାର୍ଗରେ ୧୮୪୨୨ ସୋନପୁର-ପୁରୀ ଏକ୍ସପ୍ରେସ୍ ପ୍ରତି ଶୁକ୍ରବାର ସୋନପୁରରୁ ସନ୍ଧ୍ୟା ୭ଟା ୩୦ରେ ଛାଡି ଶନିବାର ସକାଳ ୬ଟା ୫୫ରେ ପୁରୀରେ ପହଞ୍ଚିବ। ସୋନପୁର ଷ୍ଟେଶନରୁ ୯୦ ଜଣ ଯାତ୍ରୀ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଟ୍ରେନ୍ ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ,ସମ୍ବଲପୁର ସହିତ ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ ଓ ପୁରୀ ଜିଲାକୁ ସଂଯୋଗ



କରୁଛି। ଅଞ୍ଚଳର ଛାତ୍ରୀଛାତ୍ର, କୃଷକ, ତୀର୍ଥଯାତ୍ରୀ ଓ ବ୍ୟବସାୟୀମାନଙ୍କୁ ଲାଭ ପ୍ରଦାନ କରିବ। ପୁରୀ-ସୋନପୁର-ପୁରୀ ଏକ୍ସପ୍ରେସ ପୁରୀ ଷ୍ଟେଶନଠାରୁ ପ୍ରତି ଗୁରୁବାର ଦିନ ଏବଂ ସୋନପୁର ଠାରୁ ପ୍ରତି ଶୁକ୍ରବାର ଦିନ ଯାତ୍ରା କରିବ । ଏହି ଟ୍ରେନ୍ ଗୁରୁବାର ସନ୍ଧ୍ୟା ୭ଟା ୩୫ରେ ପୁରୀ ଛାଡି ସୋନପୁରରେ ଶୁକ୍ରବାର ସକାଳ ୫ଟା ୩୦ରେ ପହଞ୍ଚିଥିଲା। ଟ୍ରେନ୍ ପୁରୀ ଓ ସୋନପୁର ମଧ୍ୟରେ ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, ନାରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର, ଅନୁଗୋଳ, ବୋଇଣ୍ଡା, ରେଢାଖୋଲ, ସମ୍ବଲପୁର, ବରଗଡ, ବଲାଙ୍ଗୀର, ବିଚ୍ଛୁପାଲି, ଖାରତରଭା, ନରସିଂହଗଡ ଷ୍ଟେଶନ ଗୁଡିକରେ ରହଣି କରିବ। ସାପ୍ତାହିକ ଏକ୍ସପ୍ରେସ୍‌ରେ ଗୋଟିଏ ଏସି-୨ ଟାୟାର, ୭ଟି ଏସି-୩ ଟାୟାର, ଗୋଟିଏ ଏସି-୩ ଟାୟାର ଇକୋନୋମି, ୬ଟି ସ୍ଲିପର

### ଷ୍ଟେଶନରେ ସ୍ୱାଗତ କଲେ ଜିଲାବାସୀ

ଶ୍ରେଣୀ, ୩ଟି ଦ୍ୱିତୀୟ ଶ୍ରେଣୀ ସିଟିଂ, ଗୋଟିଏ ଗାର୍ଡ, ଲଗେଜ୍ ତଥା ଦିବ୍ୟାଙ୍ଗଜନ କୋଚ ଏବଂ ଗୋଟିଏ ଗାର୍ଡ, ଲଗେଜ୍ ତଥା ମୋଟର କୋଚ୍ ଉପଲବ୍ଧ ରହିଛି । ଗତ ୩ ତାରିଖରେ ସମ୍ବଲପୁରରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ। ଫଳରେ ଶ୍ରୀକ୍ଷେତ୍ର ପୁରୀ ସହିତ ପାତାଳି ଶ୍ରୀକ୍ଷେତ୍ର ସୁବର୍ଣ୍ଣପୁରକୁ ଯୋଗାଯୋଗ ସହଜ ହୋଇପାରିଛି। ନାଗରିକ ସମାଜ ସମେତ ସାଧାରଣ ଲୋକ ସୋନପୁର ରେଳ ଷ୍ଟେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଉଭୟ ଟ୍ରେନ୍ ଓ ଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ।

# ୪.୨୭ ଲକ୍ଷ ସହ ଧରାପଡ଼ିଲେ ଟ୍ରାଫିକ୍ ଇନ୍ସପେକ୍ଟର

**ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ରାୟଗଡ଼ା,୯।୨(ଆଶିଷ ରଞ୍ଜନ ପଣ୍ଡା)**

କ୍ଷମତାର ଦୁରୁପଯୋଗ କରି ବେଆଇନ ଭାବେ ବିପୁଳ ସମ୍ପତ୍ତି ଠୁଳ କରୁଛନ୍ତି ସରକାରୀ ବାବୁ। କିଏ ଖସିଯାଉଛନ୍ତି ତ ଆଉ କିଏ ଧରାପଡୁଛନ୍ତି। ଏବେ ଭିଜିଲାନ୍ସ ପଞ୍ଝାରେ ଫସିଛନ୍ତି ଆଉଜଣେ ସରକାରୀ ବାବୁ। ସେ ହେଲେ ଜଗତ୍‌ସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ର ଓଏମ୍‌ଭିଡି ଟ୍ରାଫିକ୍ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର। ପ୍ରଶାନ୍ତ ୪.୨୭ ଲକ୍ଷ ଟଙ୍କା ଧରି ଭୁବନେଶ୍ୱର ଆସୁଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। କେତେଜଣ ଲୋକଙ୍କଠାରୁ ବିପୁଳ ପରିମାଣର ଟଙ୍କା ଗ୍ରହଣ କରିଥିବା ନେଇ ଭିଜିଲାନ୍ସ ଜାଣିବାକୁ ପାଇଥିଲା। ଏହାପରେ ଭିଜିଲାନ୍ସର ଟିମ୍ ତାଙ୍କ ଉପରେ ନଜର ରଖିଥିଲା। ଶୁକ୍ରବାର ୪ ଲକ୍ଷ ୨୭ ହଜାର ଟଙ୍କାକୁ ଧରି ପ୍ରଶାନ୍ତ କାର୍ (ଓଡି୦୨ସିପି୫୪୧୪) ଯୋଗେ ଜଗତ୍‌ସିଂହପୁରରୁ ଭୁବନେଶ୍ୱର ଆସୁଥିବା ଭିଜିଲାନ୍ସ ଟିମ୍ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲା। କଟକ ଜିଲା ବିରିବାଟୀ ତାରିଣୀ ଛକ ନିକଟରେ ଭିଜିଲାନ୍ସ ଟିମ୍ ପ୍ରଶାନ୍ତଙ୍କ କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ଉକ୍ତ ବିପୁଳ ଟଙ୍କା ମିଳିଥିଲା। ତେବେ ଏହି ଟଙ୍କା ସଂକ୍ରାନ୍ତରେ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତେଣୁ ତାଙ୍କ ନିକଟରୁ ମିଳିଥିବା ସମସ୍ତ ଟଙ୍କାକୁ ଭିଜିଲାନ୍ସ ପକ୍ଷରୁ ଜବତ କରାଯାଇଛି। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଦିଗକୁ ନେଇ ଭିଜିଲାନ୍ସ ପକ୍ଷରୁ ପ୍ରଶାନ୍ତଙ୍କ ଭିଏସ୍‌ଏସ୍‌ନଗରସ୍ଥିତ ବାସଭବନ ଓ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ତାରପୁରସ୍ଥିତ ଭଡ଼ା ଘରେ ଯାଞ୍ଚ ଜାରି ରହିଛି। ଏଥିସହ ବେଆଇନ ଟଙ୍କା ସଂକ୍ରାନ୍ତରେ ତାଙ୍କୁ ଅଧିକ ପଚରାଉଚରା କରାଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଆମ ରାୟଗଡ଼ା ପ୍ରତିନିଧିଙ୍କଠାରୁ ମିଳିଥିବା ସୂଚନାନୁସାରେ, ରାୟଗଡ଼ା ଟାଉନ୍ ରାମକୃଷ୍ଣ ନଗରରେ ଭଡ଼ାରେ ଲାଗିଥିବା ପ୍ରଶାନ୍ତ ଘରେ ରାୟଗଡ଼ା ଭିଜିଲାନ୍ସର ୪ଜଣିଆ ଟିମ୍ ଯାଞ୍ଚ କରୁଛନ୍ତି। ଭଡ଼ାରେ ରହୁଥିବା ଲୋକଙ୍କ ବୟାନ ରେକର୍ଡ କରାଯାଇଥିବା ଜଣାପଡିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଚଢ଼ାଉ ଓ ଯାଞ୍ଚ ଜାରି ରହିଥିଲା।

# ବିନା ଅସ୍ତ୍ରୋପଚାରରେ ଫୁସ୍‌ଫୁସ୍‌ରୁ ବାହାରିଲା ଛୁଞ୍ଚି

**ଭୁବନେଶ୍ୱର, ୯।୨ (ବନ୍ଦନା ସେଠୀ)**

ବିରଳ ଚିକିତ୍ସା କ୍ଷେତ୍ରରେ ଏମ୍ସ ଭୁବନେଶ୍ୱରକୁ ଆଉଏକ ସଫଳତା ମିଳିଛି। ଏମ୍ସ ଶିଶୁ ବିଭାଗର ଡାକ୍ତରୀ ଟିମ୍ ବିନା ଅସ୍ତ୍ରୋପଚାରରେ ଜଣେ ୯ ବର୍ଷୀୟ ବାଳକଙ୍କ ଫୁସ୍‌ଫୁସ୍‌ରୁ ଏକ ଛୁଞ୍ଚି ବାହାର କରି ତାଙ୍କ ଜୀବନ ବଞ୍ଚାଇଛନ୍ତି। ପ୍ରଥମଥର ବ୍ରୋଙ୍କୋସ୍କୋପିକ୍ ପଦ୍ଧତିରେ ସଫଳତାର ସହ ଏହି ଜଟିଳ ଚିକିତ୍ସା କରାଯାଇଛି।

ଉକ୍ତ ନାବାଳକଙ୍କ ଘର ପଶ୍ଚିମବଙ୍ଗରେ। ସେ ଅସାବଧାନତାବଶତଃ ୪ ସେ.ମି. ଲମ୍ବର ଏକ ସିଲେଇ ମେଶିନ ଛୁଞ୍ଚି ଗିଳିଦେଇଥିଲେ। ଦୁଇଦିନ ପରେ ଉକ୍ତ ନାବାଳକଙ୍କୁ ପରିବାର ଲୋକେ ଏମ୍ସ ଭୁବନେଶ୍ୱରକୁ ଆଣିଥିଲେ। ଛୁଞ୍ଚିଟି ତାଙ୍କ ବାମପାର୍ଶ୍ୱ ଫୁସ୍‌ଫୁସ୍‌ର ନିମ୍ନଭାଗରେ ଲାଖି ରହିଥିବା ଜଣାପଡ଼ିଥିଲା। ଏ କ୍ଷେତ୍ରରେ ସାଧାରଣତଃ ଅସ୍ତ୍ରୋପଚାର କରାଯାଇଥାଏ। ମାତ୍ର ନାବାଳକର ଗୁରୁତର ସ୍ଥିତି ଦେଖି ଏହାକୁ ବିନା ଅସ୍ତ୍ରୋପଚାରରେ ବାହାର କରିବାକୁ ଡାକ୍ତରମାନେ ନିଷ୍ପତ୍ତି ନେଇଥିଲେ। ଶିଶୁ ବିଶେଷଜ୍ଞ ଡା. ରଶ୍ମିରଞ୍ଜନ ଦାସ, ଡା. କ୍ରୀଷ୍ଣା ଏମ୍ ଗୁଲ୍ଲା, ଡା. କେତନ ଏବଂ ଡା. ରାମକୃଷ୍ଣଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା।

### ନାବାଳକଙ୍କ ଜୀବନ ବଞ୍ଚାଇଲା ଏମ୍ସ ଶିଶୁ ବିଭାଗର ଡାକ୍ତରୀ ଟିମ୍



ଏହି ବିଶେଷଜ୍ଞ ଦଳ ପ୍ରାୟ ୧ ଘଣ୍ଟା ଧରି ସତର୍କତାର ସହ ବ୍ରୋଙ୍କୋସ୍କୋପିକ୍ ପଦ୍ଧତିରେ ଛୁଞ୍ଚିକୁ ବାହାର କରିବାରେ ସଫଳ ହୋଇଥିଲା। ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏମ୍ସ ଚିକିତ୍ସକଙ୍କ ଏପରି ଉତ୍ସର୍ଗୀକୃତ ମନୋଭାବକୁ ପ୍ରଶଂସା କରିଛନ୍ତି। ଏମ୍ସ ସର୍ବଦା ଜନସାଧାରଣଙ୍କ ଜୀବନ ରକ୍ଷା ନିମିତ୍ତ ପ୍ରତିବଦ୍ଧ ବୋଲି ଡା. ବିଶ୍ୱାସ କହିଛନ୍ତି। ଟିମ୍‌ର ନେତୃତ୍ୱ ନେଇଥିବା ଶିଶୁ ବିଶେଷଜ୍ଞ ଡା. ରଶ୍ମି ରଞ୍ଜନ ଦାସ କହିଛନ୍ତି, ଏପରି ଜଟିଳ ସ୍ଥିତିରେ ଅସ୍ତ୍ରୋପଚାର କରିବା ନାବାଳକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଆନ୍ତା। ମାତ୍ର ଅଭିନବ ଉପାୟରେ କରାଯାଇଥିବା ଏହି ପ୍ରକ୍ରିୟା ବେଶ୍ ଲାଭଦାୟୀ ହୋଇପାରିଛି। ୪ଦିନ ପରେ ଉକ୍ତ ନାବାଳକଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ବର୍ତ୍ତମାନ ସେ ସୁସ୍ଥ ରହିବା ସହ ସାଧାରଣ ଜୀବନଯାପନ କରୁଥିବା ଡା. ଦାସ ସୂଚନା ଦେଇଛନ୍ତି। ଏମ୍ସ ଭୁବନେଶ୍ୱରରେ ଏକ ଉତ୍ସର୍ଗୀକୃତ ପେଡିଆଟ୍ରିକ ପଲ୍‌ମୋନୋଲୋଜି ଏବଂ ଆଇସିୟୁ ଦଳ କାର୍ଯ୍ୟ କରୁଛି। ୧ମାସର ଶିଶୁଙ୍କଠାରୁ ୧୫ ବର୍ଷ ବୟସର ଶିଶୁଙ୍କ ପର୍ଯ୍ୟନ୍ତ ଆବଶ୍ୟକ ସମସ୍ତ ଚିକିତ୍ସା ସେବା ମିଳିପାରୁଛି। ବିଶେଷକରି ବ୍ରୋଙ୍କୋସ୍କୋପିକ ପଦ୍ଧତି ମାଧ୍ୟମରେ ଗୋଟିଏ ସ୍ଥାନରେ ସାମଗ୍ରିକ ଶିଶୁ ଚିକିତ୍ସା ସୁବିଧା ରାଜ୍ୟରେ ଅନ୍ୟ କେଉଁଠି ଉପଲବ୍ଧ ନାହିଁ ବୋଲି ଡା. ଏମ୍. ଗୁଲ୍ଲା କହିଛନ୍ତି।

# ଶ୍ରୀମନ୍ଦିର ହୁଣ୍ଡିରୁ ଟଙ୍କା ଚୋରି

**ପୁରୀ, ୯।୨(ଅଜିତ୍ ମହାନ୍ତି)**

### ଧରାପଡ଼ିଲେ ଚତୁର୍ଥ ଶ୍ରେଣୀ କର୍ମଚାରୀ

ଦାରୁଦିଅଁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥ ଦାନ ଦେଇଥାନ୍ତି। ତେବେ ଏହି ହୁଣ୍ଡି ଅର୍ଥ ଚୋରି ହୋଇଛି। ଜଣେ ଶ୍ରୀମନ୍ଦିର କର୍ମଚାରୀ ଏହି ଅର୍ଥ ଚୋରି କରି ଧରାପଡ଼ିଛନ୍ତି। ସେ ହେଲେ ଶ୍ରୀମନ୍ଦିର କାର୍ଯ୍ୟାଳୟର ରେକର୍ଡ ରୁମ୍‌ରେ ଚତୁର୍ଥଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ପ୍ରଦୀପ କୁମାର ମହାପାତ୍ର। ତାଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଶ୍ରୀମନ୍ଦିର ଭିତରେ ଡୋନେସନ ସେଲ୍‌ରେ ଟଙ୍କା ଗଣତି ବେଳେ ସେ ଟଙ୍କା ଚୋରି କରିଥିବା ଜଣାପଡ଼ିଛି। ସିସିଟିଭି ଫୁଟେଜରୁ ଚୋରି ଧରାପଡ଼ିବା ପରେ ପ୍ରାୟ ୩୫ ହଜାର ଟଙ୍କା ତାଙ୍କଠାରୁ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ ଦିଆଯାଉଥିବା ଅର୍ଥକୁ ପ୍ରତ୍ୟେକ ଦିନ ଗଣାଯାଇଥାଏ। ଅଭିଯୁକ୍ତ ପ୍ରଦୀପ ଗତ କିଛିଦିନ ହେବ ଗଣତି ଦାୟିତ୍ୱରେ ରହିଥିଲେ। ସେ ଟଙ୍କା ଗଣତି କରୁଥିବା ସମୟରେ ସେଥିରୁ କିଛି ଅର୍ଥ ନେଇଯାଇଥିଲେ, ଯାହା ପରବର୍ତ୍ତୀ ସମୟରେ ସିସିଟିଭିରୁ ଜଣାପଡ଼ିଥିଲା। ଏହାପରେ ଶ୍ରୀମନ୍ଦିର ସୁପରଭାଇଜରଙ୍କ ପକ୍ଷରୁ ସିଂହଦ୍ୱାର ଥାନାରେ ତାଙ୍କ ନାମରେ ଏତଲା ଦିଆଯାଇଥିଲା। ପୋଲିସ ଏକ ମାମଲା (ନଂ. ୧୫/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଜେରା କରିଥିଲା। ସେ ଚୋରି କରିଥିବା ମାନିଥିଲେ। ଏହାପରେ ତାଙ୍କୁ ଗିରଫ କରାଯାଇଥିଲା। ଉକ୍ତ କର୍ମଚାରୀ ପ୍ରାୟ ୭ଦିନ ପାଇଁ ଶ୍ରୀମନ୍ଦିର ହୁଣ୍ଡି ଟଙ୍କା ଗଣତିରେ ନିୟୋଜିତ ହୋଇଥିଲେ। ତେବେ ସେ ଡ୍ୟୁଟି କରୁଥିବାବେଳେ ଅନ୍ୟ ଦିନରେ ଟଙ୍କା ଚୋରି କରିଛନ୍ତି ନା ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ହୁଣ୍ଡି ଗଣତି ନିମନ୍ତେ ସ୍ଥାୟୀ କର୍ମଚାରୀ ନିଯୁକ୍ତି କରାନଯିବା ଓ ଗଣତିରେ ସ୍ୱଚ୍ଛତା ରକ୍ଷା ଲାଗି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏଭଳି ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ୨ ମାଓବାଦୀଙ୍କ ଆତ୍ମସମର୍ପଣ



ପଡ଼ିଆମି ରାଜେ

**ମାଲକାନଗିରି,୯।୨ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲା ପୋଲିସ ନିକଟରେ ୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ତାଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପୂର୍ବରୁ ଘୋଷଣା କରାଯାଇଥିଲା।

ସୂଚନା ଅନୁଯାୟୀ ଶୁକ୍ରବାର ମାଓବାଦୀ ଅପରେଶନ କାର୍ଯ୍ୟାଳୟଠାରେ ଚିନ୍ତାଗୁମ୍ଫା ନିବାସୀ କେଏଏମ୍‌ଏସ୍ ଅଧକ୍ଷା ପଡ଼ିଆମି ରାଜେ ଓ ମିଲିସିଆ ସଦସ୍ୟ କବାସୀ ଭୋଲା ଆତ୍ମସମର୍ପଣ କରିଛନ୍ତି। ପଡ଼ିଆମି ରାଜେଙ୍କ ଉପରେ ସରକାର ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଏବେ ପୋଲିସ ପକ୍ଷରୁ ହେଉଥିବା ମାଓବାଦୀ ଦମନ ଅଭିଯାନରେ ଅନୁପ୍ରାଣିତ ହୋଇ ସେମାନେ ଆତ୍ମସମର୍ପଣ କରିଥିବା ଉଭୟ ମାଓବାଦୀ କହିଛନ୍ତି। ବର୍ତ୍ତମାନ ମାଓବାଦୀ ସଙ୍ଗଠନରେ ପୂର୍ବ ଆଦର୍ଶ ନ ଥିବା, ବରିଷ୍ଠ ମାଓବାଦୀ ନେତାମାନେ କନିଷ୍ଠମାନଙ୍କ ଉପରେ ଅତ୍ୟାଚାର କରୁଥିବା ଏବଂ ନିରୀହ ଗ୍ରାମବାସୀଙ୍କୁ ହତ୍ୟା କରୁଥିବାରୁ ଏଥିରେ ବୀତସ୍ପୃହ ହୋଇ ଉଭୟେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଏହି ୨ଜଣ ମାଓବାଦୀ ଆତ୍ମସମର୍ପଣ କରିବା ସମୟରେ ମାଓବାଦୀ ଅପରେଶନ କାର୍ଯ୍ୟାଳୟରେ ଅତିରିକ୍ତ ପୋଲିସ ଅଧୀକ୍ଷକ ଉତ୍ତମ ପ୍ରତାପ ସିଂହ, ସିଆର୍‌ପିଏଫ୍ ୫୦ ବାଟାଲିୟନର ସହାୟକ କମାଣ୍ଡର ବରୁଣ ରାଜ ଉପସ୍ଥିତ ଥିଲେ।

NITI Aayog | ATAL INNOVATION MISSION | AICTE | MoE's INNOVATION CELL (GOVERNMENT OF INDIA) | ATAL INCUBATION CENTRE — NALANDA INSTITUTE OF TECHNOLOGY FOUNDATION

AAROHAN
ଆରୋହଣ
THE ODISHA INNOVATION CONCLAVE 2023-24
INAUGURATION
in the august presence of
Prof. T.G. Sitharam
Chairman, AICTE
Dr. Chintan Vaishnav
Mission Director
Atal Innovation Mission
Dr. Abhay Jere
Vice Chairman, AICTE
Chief Innovation Officer, MIC
Date: 10th February 2024
Time: 11.00 A.M. Onwards
-: Venue :-
NALANDA INSTITUTE OF TECHNOLOGY, BHUBANESWAR
Website: www.thenalanda.com

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

Requirement
Required for Sai Krupa Spa Lady Expert Therapist and Receptionist.
Contact : 8984068077, 7848011468

REQUIRED
Sales Staff for a Tiles Showroom +2 / Graduate
Contact: 8340420307
EURO MARBLE & TILES

WALK-IN-INTERVIEW FOR MARKETING EXECUTIVES (HOUSING)
Place of Interview:
SHREE GOPINATH ENCLAVE APPARTMENT
Infront of KIST Engineering College, Gopinathpur, Gopinathpur Water Tank, Jatni
Time: Wednesday, Thursday and Friday (07.02.2024 - 09.02.2024) (10.00 A.M. to 12.00 P.M.)
Contact: 8249394305

REQUIRED
Sales Girl for Our New Showroom & Account Person with Account's Related Experience.
Contact : 9238499109

ankura hospital for women & children | 9M
WALK IN INTERVIEWS — JOIN OUR TEAM
Best healthcare brand for Women & Children is now recruiting for its upcoming Bhubaneswar center
10th & 11th Feb | 10am to 4pm
Pediatrics & Gynecology (DMO & Registrars)
Nursing, HR, Pharmacy, Operations, Quality, OT Tech, PRE, Front office, Billing, Marketing, IT, Lab Tech, MOD, Accounts & Internal Audit, Tele Caller
Drive Location:
Near Sisubhavan Bus Stop, Bapuji Nagar, Bhubaneswar, Odisha - 751009
9121053131 | job@ankurahospital.com
Telangana | Andhra Pradesh | Maharastra | Odisha

ଆବଶ୍ୟକ
ଶ୍ରୀ ତିରୁପତି କୋରିୟର ସର୍ଭିସ ପାଇଁ (୧) ମାର୍କେଟିଙ୍ଗ ମ୍ୟାନେଜର -(ଅଭିଜ୍ଞତା ୩ ବର୍ଷ), (୨) ଡେଲିଭରି/ପିକ୍ ଅପ୍ ବଏ -(ଯୋଗ୍ୟତା-10th/+2 ପାସ୍), (୩) ଅଫିସ୍ ଆସିଷ୍ଟାଣ୍ଟ (ମହିଳା)-(ଯୋଗ୍ୟତା- +2/+3ପାସ୍), (୪) ପିକ୍‌ଅପ୍ ଡ୍ରାଇଭର, (୫) ଅଟୋ ଡ୍ରାଇଭର ଆବଶ୍ୟକ।
ଯୋଗାଯୋଗ : B1/1, Kharavel Nagar, Unit-III, BBSR-01
Mob.: 9114342064

WANTED
ଧରିତ୍ରୀ DHARITRI Oriya daily is looking for
Layout Designers
- Minimum 3 years+ experience in print media.
- Proficiency in InDesign, Photoshop, CorelDRAW is a must.
Apply within 7 days to : recruitment@dharitri.com
Attractive salary commensurate with experience

Parul® University
Vadodara, Gujarat
9724323545 | NAAC GRADE A++
CSE | IT | EC | BCA | MCA
Applications are invited for the posts of Lecturer, Assistant/ Associate Professor / Professor in above disciplines
Salary
• For B.Tech/BCA (Fresher) - CTC 3.0 – 4.0 Lac/ Annum
• For M.Tech/MCA (Fresher) - CTC 4.8 – 6.0 Lac/ Annum
Outstation Candidates Shall Be Paid 10-15k Per Month Additional Salary As Relocation Allowance. *No Bar For Experienced & Deserving Candidates
WALK-IN INTERVIEW IN BHUBANESWAR
Address: Plot No: 22, Ground floor, Acharya Vihar, Near Regional Science Centre Date & Time: Feb 11, 2024 (Sunday), 09:30 AM
Qualification & experience as per AICTE norms. Interested candidates can also apply through www.paruluniversity.ac.in/careers
Registrar

PARADIP PORT AUTHORITY
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/196/2015(Pt.-IV)/321 Dated, the 06th Feb, 2024
Advertisement
Applications are invited from Indian Nationals for engagement of 01 (one) Sr. Manager (Information, Communication & Trade Facilitation) and Manager (Information, Communication & Trade Facilitation) on contractual basis in Paradip Port Authority.
For further details, visit our website https://paradipport.gov.in/Carret.aspx.
PPA/PR/84/2023-2024 dtd. 07.02.2024
Sd/- Sr. Asst. Secretary
Paradip Port Authority

ଗ୍ରାମୀଣ ଉଦ୍ୟମିତା ବିକାଶ ନିଗମ ରାଜ୍ୟଗୁଡ଼ିକରେ GRAMIN UDYAMITA VIKAS NIGAM
ବ୍ଲକ୍ ସ୍ତରରେ ବିଭିନ୍ନ ପଦବୀ ନିମନ୍ତେ ଅନ୍‌ଲାଇନ୍ ଆବେଦନ ଆମନ୍ତ୍ରଣ କରୁଛି।
www.guvn.co.in
VACANCY ANNOUNCEMENT
ଓଡ଼ିଶା ରାଜ୍ୟରେ 9302 ପଦବୀ ପାଇଁ

| କ୍ର.ସଂ. | ପଦବୀର ନାମ | ମୋଟ ପଦବୀ | ବେତନ | ଯୋଗ୍ୟତା |
|---|---|---|---|---|
| 1 | Jila Udyamita Vikas Adhikari | 252 | 33500 | ଗ୍ରାଜୁଏସନ୍ |
| 2 | Block Udyamita Vikas Adhikari | 1765 | 27500 | 12ଶ |
| 3 | Gram Udyamita Mitra | 3350 | 21500 | 10ମ |
| 4 | M.T.S. | 2620 | 15500 | 8ମ |
| 5 | Data Entry Executive | 1315 | 17500 | 10ମ |

ବୟସ: ୧୮-୪୦ ବର୍ଷ (Age Relaxation for SC/ST/PH) ଅନ୍‌ଲାଇନ୍ ଆବେଦନ ପଞ୍ଜୀକରଣ (ରେଜିଷ୍ଟ୍ରେଶନ ଆରମ୍ଭ ତାରିଖ: ୫ ଫେବୃଆରୀ ୨୦୨୪, ଅନ୍‌ଲାଇନ୍ ଆବେଦନ ପଞ୍ଜୀକରଣ (ରେଜିଷ୍ଟ୍ରେଶନ)ର ଶେଷ ତାରିଖ: ୯ ମାର୍ଚ୍ଚ ୨୦୨୪, ଅଧିକ ସୂଚନା ଏବଂ ଆବେଦନ କରିବା ପାଇଁ Nigam Website: www.guvn.co.in ହେଲ୍ପଲାଇନ ନଂ.: 011-41759948
ଇ-ମେଲ: graminudyamitavikasnigam28@gmail.com
ପ୍ରବନ୍ଧକ GUVN

# ବିଧାୟକଙ୍କ ପାଇଁ ଅଡୁଆ ଦଳୀୟ ଆଶାୟୀ

## ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ

କୁଜଙ୍ଗ,୯।୨(ମନୋଜ ପ୍ରଧାନ)

ପାରାଦୀପ ନିର୍ବାଚନମଣ୍ଡଳୀରେ ବିଜେଡି ଗୋଷ୍ଠୀ କନ୍ଦଳ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଧାୟକ ସମ୍ବିତ ରାଉତରାୟ ସୁରୁଖୁରୁରେ ଟିକେଟ ପାଇବେ ବୋଲି ଯାହା କୁହାଯାଉଥିଲା, ତାହା ତାଙ୍କ ପାଇଁ ଆଉ ସହଜ ହେବ ନାହିଁ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଛନ୍ତି। କାରଣ ବିଧାୟକଙ୍କ ସମର୍ଥକମାନେ ଏବେଠାରୁ ଆଶଙ୍କାରେ ରହିଥିବା କହିଲେଣି। ନୂଆ ପ୍ରାର୍ଥୀମାନେ ସଙ୍ଗଠନ କାର୍ଯ୍ୟ ଜାରି ରଖି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ଦେଖିବାକୁ ମିଳୁଛି।

କୁଜଙ୍ଗ ବ୍ଲକର ୨୮, ତିର୍ତ୍ତୋଲ ବ୍ଲକର ୮ ଓ ପାରାଦୀପ ପୌରାଞ୍ଚଳର ୧୯ ୱାର୍ଡକୁ ନେଇ ପାରାଦୀପ ନିର୍ବାଚନମଣ୍ଡଳୀ। ୨୦୧୯ ସାଧାରଣ ନିର୍ବାଚନ ପରଠାରୁ ବିଜେଡି ଦୁଇଭାଗ ହୋଇଥିବା ଚର୍ଚ୍ଚା ହେଉଥିଲା। ୨୦୨୨ ପୌର ନିର୍ବାଚନ ସମୟରେ ତାହା ସ୍ପଷ୍ଟ ହୋଇଥିଲା। ବର୍ତ୍ତମାନର ପୌରପାଳ ବସନ୍ତ ବିଶ୍ୱାଳଙ୍କୁ ଅଧ୍ୟକ୍ଷ ପ୍ରାର୍ଥୀ କରିବା ପାଇଁ ବିଧାୟକ ଚାହୁଁ ନ ଥିବା ସେତେବେଳେ ଅନେକେ ଟୁପୁରଟାପୁର ହୋଇଥିଲେ। ଦଳୀୟ ନିଷ୍ପତ୍ତି ଅନୁଯାୟୀ, ବସନ୍ତ ଅଧ୍ୟକ୍ଷ ପ୍ରାର୍ଥୀ ହୋଇଥିଲେ। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଧାୟକଙ୍କ ଦ୍ୱାରା ମନୋନୀତ କାଉନସିଲର ପ୍ରାର୍ଥୀମାନେ ଅନେକ ୱାର୍ଡରେ ପରାଜୟବରଣ କରିଥିବା ବେଳେ କଂଗ୍ରେସ ନେତା ବାପି ସର୍ଖେଲଙ୍କ 'ଆମ ପାରାଦୀପ ଆମ ପ୍ରଗତି' ସଙ୍ଗଠନ ଓ ବସନ୍ତଙ୍କ ସମର୍ଥିତ ବିଜେଡି ପ୍ରାର୍ଥୀମାନେ ବିପୁଳ ବିଜୟ ଲାଭ କରିଥିଲେ। ସେହିଦିନଠାରୁ ବିଧାୟକ ଓ ପୌରପାଳଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିବା ବିଷୟ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ସମ୍ଭବତଃ ଏଥିଯୋଗୁ ପୌରାଞ୍ଚଳରେ ବିଧାୟକ ରାଜନୈତିକ ପତିଆରା ହରାଇ ଥିବା ଆଲୋଚନା ହେଉଛି। ୨୮ଟି ପଞ୍ଚାୟତକୁ ନେଇ ଗଠିତ କୁଜଙ୍ଗ ବ୍ଲକରେ ଗତ ପଞ୍ଚାୟତ ନିର୍ବାଚନରେ ୨୦ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଜିତିବା ପରେ ଦଳ ପଞ୍ଚାୟତ ସମିତି ଗଠନ କରିଥିଲା। କିଛି ମାସ ପରେ ଅଧିକାଂଶ ଦଳୀୟ ସରପଞ୍ଚ, ସମିତି ସଭ୍ୟ ଓ ଆଗ ଧାଡ଼ିର କର୍ମୀ ଖୋଲାଖୋଲି ନ ହେଲେ ମଧ୍ୟ ଭିତରେ ଭିତରେ ବିଧାୟକ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିବା ସ୍ଥାନୀୟ ଲୋକେ ଭଲ ଭାବେ ଜାଣିଛନ୍ତି। ନିର୍ଦ୍ଧାରିତ ସମୟରେ ପଞ୍ଚାୟତ ସମିତି ବୈଠକ ବସୁ ନ ଥିବା ନେଇ ସରପଞ୍ଚ ସଂଘ ଅସନ୍ତୋଷ ପ୍ରକାଶ କରିବା ସାଙ୍ଗକୁ ୭ ଦିନ ମଧ୍ୟରେ ଅର୍ଥାତ୍ ଫେବୃଆରୀ ୪ ସୁଦ୍ଧା ବୈଠକ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗତ ଜାନୁଆରୀ ୨୯ରେ ଲିଖିତ ଆକାରରେ ବିଡିଓଙ୍କୁ ଜଣାଇଥିଲେ। ୨ ବର୍ଷରେ ମାତ୍ର ୩ ଥର ବୈଠକ ହୋଇଛି, ଯାହାକି ଅତି କମ୍‌ରେ ୮ ଥର ବୈଠକ ବସିବା କଥା। ଶେଷ ବୈଠକ ୮ ମାସ ପୂର୍ବରୁ ବସିଥିଲା ବୋଲି ସେଥିରେ ସେମାନେ ଉଲ୍ଲେଖ କରିଥିଲେ। ଏହାସତ୍ତ୍ୱେ ୪ ତାରିଖ ସୁଦ୍ଧା ବୈଠକ ଅନୁଷ୍ଠିତ ନ ହେବାରୁ ୫ତାରିଖରେ ସରପଞ୍ଚ ସଂଘ ଆନ୍ଦୋଳନ ପାଇଁ ସଜବାଜ ହେଉଥିଲା। ହେଲେ ଆସନ୍ତା ୧୬ରେ ବୈଠକ ହେବା ନିମନ୍ତେ ଅଧ୍ୟକ୍ଷା ଫାଇଲରେ ଦସ୍ତଖତ କରିଛନ୍ତି ବୋଲି ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଜଣାଇବାରେ ସେମାନେ ଆନ୍ଦେଳନରୁ ଓହରି ଯାଇଛନ୍ତି। ସରପଞ୍ଚମାନଙ୍କ ଆନ୍ଦୋଳନ କଥା ଶୁଣି ତରବରିଆ ଭାବେ ଏପରି କରାଯାଇଥିବା ଆଲୋଚନା ହେଉଛି। ସରପଞ୍ଚ ସଂଘ ସଭାପତି ରୋହିତ ଜେନାଙ୍କ କହିବାନୁଯାୟୀ, ଅଧ୍ୟକ୍ଷାଙ୍କ ମନମାନି ସାଧାରଣ ଲୋକଙ୍କ ସମସ୍ୟା ସମାଧାନରେ ଅନ୍ତରାୟ ସୃଷ୍ଟି କରୁଛି, ଯାହାକି ଆଗାମୀ ଦିନରେ ଏହାର ସୁଦୂରପ୍ରସାରି ପ୍ରଭାବ ପଡ଼ିବ। ଅର୍ଥାତ୍ ବିଧାୟକ ସମ୍ବିତ ରାଉତରାୟଙ୍କ ପ୍ରତି ଏହା ଅଡୁଆ ସୃଷ୍ଟି କରିବ ବୋଲି କୁହାଯାଉଛି। ଏଥିସହିତ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ କିଶୋର ଜେନା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଜାରି ରଖିଥିବାରୁ ସେମାନେ ଦଳରୁ ଆଶାୟୀ ତାଲିକାରେ ଅଛନ୍ତି। କେତେକ ଅଞ୍ଚଳରେ ବିଧାୟକଙ୍କ ବିରୋଧୀ ସୃଷ୍ଟି ହୋଇଥିବା ବେଳେ ନୂଆ ଆଶାୟୀ ମଧ୍ୟ ତାଙ୍କ ପାଇଁ ଟିକେଟ ପାଇବାରେ ପ୍ରତିବନ୍ଧକ ହୋଇପାରନ୍ତି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଛନ୍ତି।


ସମ୍ବିତ ରାଉତରାୟ


ପ୍ରମୋଦ କିଶୋର ଜେନା


ବସନ୍ତ କୁମାର ବିଶ୍ୱାଳ

# ବିଜେଡିରୁ ପ୍ରେମାନନ୍ଦଙ୍କ ଇସ୍ତଫା

## ତେଲକୋଇରେ କୁହୁଳିଲା ଅସନ୍ତୋଷ

କେନ୍ଦୁଝର,୯।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ବିଧାନସଭା ଚାଲିଥିବା ବେଳେ ଶେଷ ଦିନରେ କେନ୍ଦୁଝର ଜିଲା ତେଲକୋଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ବିଜେଡିରୁ ଇସ୍ତଫା ଦେଇଥିବା ଶୁକ୍ରବାର ଜଣାପଡ଼ିଛି। ସେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ଅକ୍ଟୋବର ୧୨ରୁ ଦଳର ସଭାପତି ଓ ସାଙ୍ଗଠନିକ ସମ୍ପାଦକଙ୍କୁ ଇ-ମେଲ୍ ମାଧ୍ୟମରେ ଜଣାଇଥିଲେ ବୋଲି କହିଛନ୍ତି। ମାତ୍ର ଏ ନେଇ ବିଜେଡି ପକ୍ଷରୁ କୌଣସି ସୂଚନା ନ ମିଳିବାରୁ ସେ ବିଜେଡିରୁ ଇସ୍ତଫା ଦେଇଥିବା କହିଛନ୍ତି। ପ୍ରେମାନନ୍ଦଙ୍କ ଇସ୍ତଫାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁଯାୟୀ, ପ୍ରେମାନନ୍ଦ ୨୦୦୯ ଓ ୨୦୧୯ରେ ବିଜେଡି ଟିକେଟ୍‌ରେ ବିଧାୟକ ହେବା ସହ ନବୀନ ପଟ୍ଟନାୟକଙ୍କ ସରକାରରେ ବୈଷୟିକ ଓ ଦକ୍ଷତା ବିକାଶ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଗତ କିଛି ମାସ ତଳେ ଅନ୍ୟଦଳର ନେତା ଓ କର୍ମୀଙ୍କ ବିଜେଡିରେ ଯୋଗଦାନକୁ ନେଇ ସେ ଅସନ୍ତୁଷ୍ଟ ଥିଲେ। ପରେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳୁ ନ ଥିଲା। ଏପରିକି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କେନ୍ଦୁଝର ଗସ୍ତ ସମୟରେ ସଭାରେ ଦଳର ସବୁ ବିଧାୟକ ଓ ନେତା ଯୋଗଦେଇଥିବା ବେଳେ ତାଙ୍କ ଅନୁପସ୍ଥିତିକୁ ନେଇ ଜୋର ଆଲୋଚନା ହୋଇଥିଲା। ସାଧାରଣ ନିର୍ବାଚନକୁ ଆଉ ମାସ କେଇଟା ବାକି ଥିବା ବେଳେ ପ୍ରେମାନନ୍ଦଙ୍କ ଇସ୍ତଫା ଦଳ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି। ଅବହେଳା କରାଯାଉଥିବାରୁ ସେ ଦଳ ଛାଡ଼ିଥିବା ତାଙ୍କର କେତେଜଣ ସମର୍ଥକ କହୁଛନ୍ତି।

ତେଲକୋଇ ନିର୍ବାଚନମଣ୍ଡଳୀରୁ ୨୦୧୪ରେ କଂଗ୍ରେସରୁ ଲଢ଼ି ବିଜେଡିର ବେଦବ୍ୟାସ ନାୟକଙ୍କଠାରୁ ଏବଂ ୨୦୧୯ରେ ଭାଜପାରୁ ପ୍ରାର୍ଥୀ ହୋଇ ପ୍ରେମାନନ୍ଦଙ୍କଠାରୁ ହାରିଥିବା ଧନୁର୍ଜୟ ସିଦ୍ଧୁ ପରବର୍ତ୍ତୀ ସମୟରେ ବିଜେଡିରେ ଯୋଗଦେଇଥିଲେ। ସେ ସମାନ୍ତରାଳ ସଙ୍ଗଠନ ଜାରି ରଖିବାରୁ ଏହା ପ୍ରେମାନନ୍ଦଙ୍କ ପାଇଁ ଅପ୍ରୀତିକର ସ୍ଥିତି ସୃଷ୍ଟି କରିଥିଲା। ସେଥିପାଇଁ ପ୍ରେମାନନ୍ଦ ଏଭଳି ନିଷ୍ପତ୍ତି ନେଲେ ବୋଲି ଚର୍ଚ୍ଚା ହେଉଛି। ବିଧାୟକ ହେବା ସହ ମନ୍ତ୍ରୀ ପଦ ପାଇଥିଲେ ମଧ୍ୟ ତାଙ୍କୁ ଅଞ୍ଚଳ ସମସ୍ୟା ଜଣାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯିବାକୁ ସୁଯୋଗ ଦିଆଗଲା ନାହିଁ। ଏଥିସହିତ ଧନୁର୍ଜୟଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇ ତାଙ୍କୁ ଅଲୋଡ଼ା କରିଦେବା ଏବଂ ୨୦୨୪ ନିର୍ବାଚନରେ ଧନୁର୍ଜୟଙ୍କୁ ପ୍ରାର୍ଥୀ କରାଯିବା ନେଇ ଜୋର ଆଲୋଚନା ହେବାରୁ ସେ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି।

ଅନ୍ୟପକ୍ଷରେ କେନ୍ଦୁଝର ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର କହିଛନ୍ତି, ତାଙ୍କୁ ଟିକେଟ ଦିଆଯାଇ ବିଧାୟକ କରାଯାଇଥିଲା। ଏହା ପରେ ମୁଖ୍ୟମନ୍ତ୍ରୀଙ୍କ ମନ୍ତ୍ରିମଣ୍ଡଳରେ ସେ ସ୍ଥାନ ପାଇଥିଲେ। ଏଣୁ କୌଣସି ଭାବେ ତାଙ୍କୁ ଅବହେଳା କରାଯାଇନାହିଁ। ବିଭିନ୍ନ ସମୟରେ ହେଉଥିବା ବୈଠକରେ ଆୟୋଜନ ସଂକ୍ରାନ୍ତ ସୂଚନା ଦିଆଯାଉଥିଲା। ବରଂ ସ୍ୱାସ୍ଥ୍ୟଗତ କିମ୍ବା ଅନ୍ୟ କାରଣ ଦର୍ଶାଇ ସେ ଆସୁ ନ ଥିଲେ ବୋଲି ସର୍ଦ୍ଦାର କହିଛନ୍ତି।

ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ ପ୍ରେମାନନ୍ଦ ଦୁଇଥର ବିଧାୟକ ହୋଇଥିବାରୁ ସମ୍ପୃକ୍ତ ଅଞ୍ଚଳରେ ତାଙ୍କର ସାଙ୍ଗଠନିକ ସ୍ଥିତି ଭଲ ରହିଛି। ଅନ୍ୟଦଳରୁ ନେତାଙ୍କୁ ଆଣି ଗୁରୁତ୍ୱ ଦିଆଯାଉଥିବାରୁ ବିଜେଡି ଏଠାରେ ଦୁର୍ବଳ ହେବା ଦେଖାଯାଉଛି। ଏଭଳି ସ୍ଥିତି ଜିଲାର ଅନ୍ୟାନ୍ୟ ନିର୍ବାଚନମଣ୍ଡଳୀରେ ରହିଥିବାରୁ ଆଗକୁ ତାହା କେଉଁ ରୂପ ନେବ ତାହା ଉପରେ ସମସ୍ତଙ୍କ ନଜର ରହିଥିବା କୁହାଯାଉଛି।


ପ୍ରେମାନନ୍ଦ ନାୟକ

# ବିଜେଡିରେ ଯୋଗଦେଲେ ସଂତୃପ୍ତ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟାନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ନବୀନ ନିବାସଠାରେ ଶୁକ୍ରବାର ସଂତୃପ୍ତ ମିଶ୍ର ବିଜେଡିରେ ଯୋଗଦେଉଛନ୍ତି।

ଭୁବନେଶ୍ୱର,୯।୨(ଅନିଲ ଦାସ)

ଆଦିତ୍ୟ ବିର୍ଲା ଗ୍ରୁପ୍‌ର ପୂର୍ବତନ ସିଇଓ ତଥା ଏକାମ୍ର ପ୍ରକଳ୍ପ ଉପଦେଷ୍ଟା କମିଟିର ଅଧ୍ୟକ୍ଷ ସଂତୃପ୍ତ ମିଶ୍ର ଶୁକ୍ରବାର ନବୀନ ନିବାସରେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ସମୟରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଶିଳ୍ପମନ୍ତ୍ରୀ ପ୍ରତାପ ଦେବ, ସେହ୍ନାଙ୍ଗିନୀ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

ବିର୍ଲା ଗ୍ରୁପ୍‌ର ସଫଳତା ପଛରେ ସଂତୃପ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। କମ୍ପାନୀର ୫ଟି ପଦବୀରେ ରହି ସେ ସଫଳତାର ସହ ଦାୟିତ୍ୱ ତୁଲାଇବାରେ ସମର୍ଥ ହୋଇଛନ୍ତି। ତାଙ୍କୁ ଦେଶ ବିଦେଶରୁ ଅନେକ କର୍ପୋରେଟ ସମ୍ମାନରେ ସମ୍ମାନିତ କରାଯାଇଛି।

# ସଞ୍ଜୀୟ ହେଲେ ମୁଖପାତ୍ର

ଭୁବନେଶ୍ୱର,୯।୨(ଅନିଲ ଦାସ)

- ୧୧ ବିଜୁ ଛାତ୍ର ଜନତା ଦଳ କର୍ମୀଙ୍କୁ ନିର୍ବାଚନମଣ୍ଡଳୀ ସହସଂଯୋଜକ
- ୩ ବିଜୁ ମହିଳା ଜନତା ଦଳ କର୍ମୀଙ୍କୁ ଜିଲା ପର୍ଯ୍ୟବେକ୍ଷକ

ଆଦିତ୍ୟ ବିର୍ଲା ଗ୍ରୁପ୍‌ର ପୂର୍ବତନ ସିଇଓ ସଂତୃପ୍ତ ମିଶ୍ର ଶୁକ୍ରବାର ବିଜେଡିରେ ଯୋଗଦେବା ପରେ ତାଙ୍କୁ ଦଳର ଜାତୀୟ ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପୂର୍ବତନ ବିଧାୟକ ସଞ୍ଜୟ ଦାସ ବର୍ମାଙ୍କୁ ବିଜେଡି ମୁଖପାତ୍ର କରାଯାଇଛି। ଏ ନେଇ ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସେହିପରି ୧୧ ଜଣ ବିଜୁ ଛାତ୍ର ଜନତା ଦଳ କର୍ମୀଙ୍କୁ ନିର୍ବାଚନମଣ୍ଡଳୀ ସହସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ୩୫ ଜଣଙ୍କୁ ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ, ଯୁଗ୍ମ ସମ୍ପାଦକ ପଦବୀରେ ନିଯୁକ୍ତି ଦିଆଯାଇଛି। ୩ ଜଣ ବିଜୁ ମହିଳା ଜନତା ଦଳ କର୍ମୀଙ୍କୁ ଜିଲା ଓ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀର ଶଶଧର ସାମଲଙ୍କୁ ବିଜୁ ଜନତା ଦଳ ଭଦ୍ରକ ଜିଲା କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ବିଜୁ ମହିଳା ଜନତା ଦଳର ସରୋଜିନୀ ରାଜଙ୍କୁ ନୂଆପଡ଼ା ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସୁଭଦ୍ରା ଦାସଙ୍କୁ ଭଦ୍ରକ ଜିଲା, ସସ୍ମିତା ରାଣୀ ନାୟକଙ୍କୁ ଛେଣ୍ଡିପଦା ଓ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବିଜୁ ଛାତ୍ର ଜନତା ଦଳର ଆଲାରଖା ଖାନ୍‌ଙ୍କୁ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ସହସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଦେବାଶିଷ ଦାସ ଖରିଆର, ଅସିତ ଦାସ ଛେଣ୍ଡିପଦା, ଅଭିଷେକ ଜଗତ ସମ୍ବଲପୁର, ପ୍ରଦୋଷ ପରିଡା ରେଙ୍ଗାଲି, ମିକୁ ପ୍ରଧାନ କୁଚିଣ୍ଡା, ରଞ୍ଜିତ ଦାସ ରେଢ଼ାଖୋଲ, ସୌମ୍ୟ ମହାପାତ୍ର ଦେବଗଡ, ସୁଜିତ ପାଣିଗ୍ରାହୀ ଜୟପୁର, ଦେବୀ ପ୍ରସାଦ ଲେଙ୍କା ନବରଙ୍ଗପୁର ଏବଂ ଦିନେଶ ପ୍ରଧାନଙ୍କୁ ଭବାନୀପାଟଣା ଓ ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ସହସଂଯୋଜକ ନିଯୁକ୍ତ କରାଯାଇଛି।

# ଦୁର୍ନୀତିର ଦୃଢ଼ ଜବାବ ଦେବାକୁ ଆହ୍ୱାନ

## ଭାଜପାର ଗୃହ ସମ୍ପର୍କ ଅଭିଯାନ

ଛତିଆ,୯।୨(ସୌମ୍ୟରଞ୍ଜନ ସାହୁ)

ଯାଜପୁର ଜିଲା ବଡ଼ଚଣା ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ଗୃହସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଅମର ନାୟକଙ୍କ ନେତୃତ୍ୱରେ ବୈରୀ ପଞ୍ଚାୟତରେ ଏହି ୨ ଦିନିଆ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ବଡ଼ଚଣା ନିର୍ବାଚନମଣ୍ଡଳୀରେ ଚାଲିଥିବା ଦୁର୍ନୀତି ସମ୍ପର୍କରେ ଘରକୁ ଘର ବୁଲି ଜନସାଧାରଣଙ୍କୁ ଅବଗତ କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ ବିଭିନ୍ନ ଯୋଜନାରେ ହେଉଥିବା ଦୁର୍ନୀତିର ଦୃଢ଼ ଜବାବ ଦେବାକୁ ଲୋକମାନଙ୍କୁ ଆହ୍ୱାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସ, ସମିତିସଭ୍ୟା ବିଳାସିନୀ ଖୁଣ୍ଟିଆ, ପବିତ୍ର ରାଉତ, ଗଙ୍ଗାଧର ଦାସ, ପ୍ରମୋଦ ରାଉତ, ବିନୋଦ ଦାସ, ପ୍ରବିଶ ସାହୁ ଓ ପ୍ରିତଶ ସାହୁଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ଭାଜପା-ବିଜେଡି ଭାଗୀଦାରି ସରକାରରେ ମହିଳା ଅସୁରକ୍ଷିତ: କଂଗ୍ରେସ

**ଭୁବନେଶ୍ୱର,୯।୨(ସୁଜିତ୍ ମିଶ୍ର):** ରାଜ୍ୟରେ ଆଦିବାସୀ, ଦଳିତ, ମହିଳା, ଯୁବ, କୃଷକଙ୍କ ସମେତ ଗରିବ ଲୋକମାନେ ସେମାନଙ୍କ ନିଜ ହକ୍‌ରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ହକ୍‌କୁ ସୁନିଶ୍ଚିତ କରିବା ସହ ନ୍ୟାୟ ଦେବା ଲାଗି ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଓଡ଼ିଶାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ଭାଜପା ଓ ବିଜେଡିର ଭାଗୀଦାରିରେ ଚାଲୁଥିବା ସରକାରଙ୍କ ଅମଳରେ ରାଜ୍ୟର ମହିଳାମାନେ ସୁରକ୍ଷିତ ନୁହନ୍ତି। ମହିଳା ହିଂସା ଓ ସାଇବର ଅପରାଧରେ ଓଡ଼ିଶା ୧ନମ୍ବର ହୋଇଥିବାବେଳେ ନାବାଳିକା ହିଂସାରେ ୨ୟ, ଶିଶୁ ନିଖୋଜରେ ୩ୟ, ଅସଦାଚରଣରେ ୪ର୍ଥ ଓ ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ପ୍ରତିଦିନ ୯ ଜଣ ବଳାତ୍କାରର ଶିକାର ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ନାବାଳିକା ଅନ୍ତର୍ଭୁକ୍ତ ବୋଲି ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଗଣମାଧ୍ୟମ ଓଡ଼ିଶା ପ୍ରଭାରୀ ବବିତା ଶର୍ମା କହିଛନ୍ତି।

କଂଗ୍ରେସ ଭବନଠାରେ ସେ କହିଛନ୍ତି, ଏନ୍‌ସିଆର୍‌ବି ରିପୋର୍ଟ ୨୦୨୨ ଅନୁସାରେ ରାଜ୍ୟରେ ଚାଲାଣ ହେଉଥିବା ୧,୧୨୦ ଜଣଙ୍କ ମଧ୍ୟରୁ ୫୦୨ ହେଉଛନ୍ତି ମହିଳା। ଉତ୍ପୀଡ଼ନର ଶିକାର ୭,୩୨୭ ହେଉଛନ୍ତି। ସେହିପରି ୫,୫୮୧ ଶିଶୁ ନିଖୋଜ ହୋଇଥିବାବେଳେ ମହିଳାଙ୍କ ବିରୋଧରେ ୫୪୨ ସାଇବର ଅପରାଧ ସଙ୍ଗଠିତ ହୋଇଛି, ଯାହାକି ଦେଶରେ ସର୍ବାଧିକ। ଓଡ଼ିଶା ବିକାଶ କନ୍‌କ୍ଲେଭ୍ ୨୦୨୩ ତଥ୍ୟ ଅନୁସାରେ ସମ୍ବଲପୁର, ନୂଆପଡ଼ା, କନ୍ଧମାଳ ଏବଂ କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ ଶିଶୁ ମୃତ୍ୟୁହାର ଉଦ୍‌ବେଗଜନକ ରହିଛି। ବିଜେଡି, ଭାଜପା ଭାଗୀଦାରିରେ ଚାଲୁଥିବା ରାଜ୍ୟ ସରକାର ମହିଳାଙ୍କ ସୁରକ୍ଷା ପ୍ରତି ଆଖିବୁଜି ଦେଇଛନ୍ତି। ରାଜ୍ୟ କଂଗ୍ରେସ ମହିଳାଙ୍କୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ଓ ଓଡ଼ିଆ ଅସ୍ମିତା ପାଇଁ କଂଗ୍ରେସର ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି।

# କଂଗ୍ରେସ, ଭାଜପା ଛାଡ଼ି ବିଜେଡିରେ ମିଶିଲେ ଶତାଧିକ କର୍ମୀ

ମାଲକାନଗିରି, ୯।୨
(ଦୁର୍ଯ୍ୟୋଧନ ପାତ୍ର)

ବିଜେଡିର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଦଳ ପକ୍ଷରୁ ପରିବାର ସମ୍ପର୍କ ପଦଯାତ୍ରା ଶୁକ୍ରବାର ମାଲକାନଗିରି ସଦର ବ୍ଲକର ପେଦାବାଡ଼ା ଓ ବୀର ଲକ୍ଷ୍ମଣପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ମାଲକାନଗିରି ଜିଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଉପସ୍ଥିତ ଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଏବଂ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଶତାଧିକ କଂଗ୍ରେସ ଓ ଭାଜପା ନେତା ବିଜେଡିରେ ମିଶିଥିଲେ। ପେଦାବାଡ଼ା ପଞ୍ଚାୟତର କଂଗ୍ରେସ ସମର୍ଥିତ ସରପଞ୍ଚ ବନିତା କୁର୍ମୀ, ଗୌରୀ କୁର୍ମୀ, କମରୁ ମଧେବୀ, ସୁନାଧର କୁର୍ମୀ ପ୍ରମୁଖ ଓ ବୀରଲକ୍ଷ୍ମଣପୁର ପଞ୍ଚାୟତରୁ ଭାଜପାର ଡମ୍ବରୁ ଗଲରି, ବଳଭଦ୍ର ଦଳପତି, ସୁକଦେବ ଗୁଣ୍ଡା, ଗୁରୁ ଖିଲ, ସୁରେନ୍ଦ୍ର ଭୁମିଆ ପ୍ରମୁଖଙ୍କ ସହ ୧୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ମିଶିଛନ୍ତି। ଏହି ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଦଶରଥ ମହନ୍ତ, ଜିଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ତଥା ପାଣ୍ଡ୍ରିପାଣି ଜୋନ ସଂଯୋଜକ ପ୍ରଭାକର ପ୍ରଧାନ, ବିଜୁ ଜନତା ଦଳ ଜିଲା ଉପସଭାପତି ଡନେଲ ପାଟଲା, ମାଲକାନଗିରି ବ୍ଲକ ସଭାପତି ହେମନ୍ତ ପଟ୍ଟନାୟକ, ପୂର୍ବତନ ବ୍ଲକ ସଭାପତି ବିଭ୍ରାଂଶୁ ସାମଲ, ବରିଷ୍ଠ ବିଜେଡି ନେତା ସୁନ୍ଦରରାୟ ସେଡା, ବରିଷ୍ଠ ନେତା ବିଦେଶୀ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ।


ବିଜେଡି ନେତାଙ୍କ ଗହଣରେ ଦଳରେ ମିଶିଥିବା କଂଗ୍ରେସ ଓ ଭାଜପା କର୍ମୀମାନେ।



ଷୋଡ଼ଶ ବିଧାନସଭା ପଞ୍ଚଦଶ ଅଧିବେଶନର ଶେଷଦିବସରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସମସ୍ତ ଦଳର ସଦସ୍ୟ ଫଟୋ ଉଠାଇବା ଅବସରରେ।

## ଗୃହକୁ ବନ୍ଦ କରିବା ସମ୍ପର୍କିତ ଆଲୋଚନାରେ ବିରୋଧୀଙ୍କୁ ମିଳିଲାନି ସୁଯୋଗ

**ଏ ଅହଂକାର ବେଶିଦିନ ରହିବନି କହିଲେ ବିରୋଧୀ ଦଳ ମୁଖ୍ୟ ସଚେତକ**

ଭୁବନେଶ୍ୱର,୯।୨(ସୁନିତ୍ ମିଶ୍ର)

ବିଧାନସଭାରେ ଶୁକ୍ରବାର ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୨୦୨୪-୨୫ ବର୍ଷ ପାଇଁ ଆସିଥିବା ଲେଖା ଅନୁଦାନ ବିଲ୍ ଉପସ୍ଥାପନ କରିବା ପରେ ତାହା ପାସ୍ ହୋଇଥିଲା। ଏହାପରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଆଗକୁ ଆଉ କିଛି ବିଲ୍ ଆସିବାର ନ ଥିବା ବେଳେ ସେମିତି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନାହିଁ ବୋଲି କହିଥିଲେ। ଏହାସହ ନିର୍ବାଚନକୁ କମ୍ ସମୟ ଥିବାବେଳେ ସମସ୍ତ ସଦସ୍ୟଙ୍କୁ ନିଜ କର୍ମକ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଯିବାର ଥିବାରୁ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିଦେବାକୁ କହିଥିଲେ। ଏହାସହ ସମସ୍ତେ ଏହାକୁ ସହମତି ଦେବା ଲାଗି ଅନୁରୋଧ କରିଥିଲେ। ଏହାପରେ ବାଚସ୍ପତି ପ୍ରମିଳା ମଲ୍ଲିକ ଏ ସମ୍ପର୍କରେ ଶାସକ ଦଳର ସଦସ୍ୟ ଅମର ଶତପଥୀ, ଶଶିଭୂଷଣ ବେହେରା ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଏ ବାବଦରେ କହିବା ଲାଗି କହିଥିଲେ। ସରକାରୀ ଦଳ ମୁଖ୍ୟ ସଚେତକ ଯେଉଁ କଥା କହିଛନ୍ତି ସମସ୍ତେ ସେହି କଥା ଉପରେ ସହମତି ମଧ୍ୟ ପ୍ରକାଶ କରିଥିଲେ। ଏହାପରେ ବାଚସ୍ପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିବା ଲାଗି କହିଥିଲେ। ଏହି ସମୟରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଗୃହରେ ଠିଆହୋଇ ପ୍ରତିବାଦ ଜଣାଇଥିଲେ। ମୋହନ କହିଛନ୍ତି, ଆମକୁ କ'ଣ କହିବାକୁ ସୁଯୋଗ ଦିଆଯିବନି। ଗୃହ କାହିଁକି ବନ୍ଦ ହେବ ସେନେଇ ବିରୋଧୀଙ୍କ ମତ ନିଆଯିବନି। ଏହା ଆଜ୍ଞା ଠିକ୍ ହେଉ ନାହିଁ। ଏହା ଗଣତନ୍ତ୍ର ପ୍ରତି ଘୋର ଅପମାନ। ଏ ଗର୍ବ, ଅହଂକାର କେତେଦିନ ଚାଲିବ। ବିରୋଧୀଙ୍କୁ ଉପେକ୍ଷା କରାଯାଇଥିବାରୁ ଆମେ ଏହି ଗୃହ ତ୍ୟାଗ କରୁଛୁ ବୋଲି କହି ଭାଜପା ସଦସ୍ୟମାନେ ଚାଲିଯାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ତାଙ୍କ କଥା ଶେଷ କରିବା ପରେ ସରକାରୀ ଦଳ ମୁଖ୍ୟ ସଚେତକ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ଏହି ସମୟରେ ବାଚସ୍ପତି ଭାଜପା ସଦସ୍ୟମାନଙ୍କୁ ବୁଝାଇ ଗୃହକୁ ଫେରାଇ ଆଣିବା ଲାଗି ଦାୟିତ୍ୱ ଦେଇଥିଲେ। ହେଲେ ସେମାନେ ଏଥିରେ ବିଫଳ ହୋଇଥିଲେ।

## ଶେଷହେଲା ବିଧାନସଭା

# ଭାବବିହ୍ୱଳ ହେଲେ ବିଧାୟକ

ଭୁବନେଶ୍ୱର,୯।୨(ଅନିଲ ଦାସ)

ଷୋଡ଼ଶ ବିଧାନସଭାର ପଞ୍ଚଦଶ ଅଧିବେଶନ ଶୁକ୍ରବାର ଶେଷହୋଇଛି। ଏହି ଅଧିବେଶନ ୭ ଦିନ ବସିବାକୁ ଥିବାବେଳେ ୨ ଦିନ ଆଗରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହକୁ ମୁଲତବୀ ଘୋଷଣା କରାଯାଇଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଏହି ଅଧିବେଶନରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ୪ ମାସିଆ ୧ ଲକ୍ଷ ୧୮ ହଜାର କୋଟିର ଲେଖା ଅନୁଦାନ ବିଧାନସଭାର ଅନୁମୋଦନ ଲାଭ କରିଛି। ଏଥିସହିତ ଗୃହରେ ୨୯୧ଟି ତାରକା ଓ ୫୨୩ ଅଣତାରକା ପ୍ରଶ୍ନ ଉପସ୍ଥାପିତ ହୋଇଥିଲା। ଏଥିସହିତ ୬୦ଟି ପେପର, ୧୦ଟି ବାର୍ଷିକ ରିପୋର୍ଟ ଏବଂ ୪ଟି କମିଟି ରିପୋର୍ଟ ଉପସ୍ଥାପନ କରାଯାଇଛି। ଏହି ଅଧିବେଶନରେ ଅର୍ପଣ ରଥରେ ଉଷୁନା ଚାଉଳ ଏବଂ ପରୀ ହତ୍ୟା ମାମଲାରେ ଦୋଷୀକୁ ଖସାଇବା ନେଇ ଗୃହ ହୁଲସ୍ଥୂଳ ହୋଇଥିଲା। ପ୍ରଥମ ଦିବସରେ ରାଜ୍ୟପାଳ ରଘୁବର ଦାସ ନିଜର ପ୍ରଥମ ଅଭିଭାଷଣ ରଖିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଅଭିଭାଷଣ ଉପରେ ଆଲୋଚନା ଠିକ୍ ଢଙ୍ଗରେ ହୋଇପାରି ନ ଥିଲା । ଏହି ଅଧିବେଶନରେ ଗୋଟିଏ ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇଥିଲା। ଏହି ଅଧିବେଶନ ସ୍ୱଳ୍ପ ସମୟ ପାଇଁ ବସିଥିଲେ ମଧ୍ୟ ଏକ ଭିନ୍ନ ପରିବେଶ ସୃଷ୍ଟି ହୋଇଥିଲା। ଆସନ୍ତା ବିଧାନସଭା ନିର୍ବାଚନ ନ ଲଢ଼ିବାକୁ କଂଗ୍ରେସର ଦୁଇ ଜଣ ବରିଷ୍ଠ ନେତା ନରସିଂହ ମିଶ୍ର ଏବଂ ସୁରେଶ କୁମାର ରାଉତରାୟ ଘୋଷଣା କରିଥିଲେ। ଦଳଗତ ନିର୍ବିଶେଷରେ ଏହି ବର୍ଷୀୟାନ ନେତାଙ୍କୁ ସମସ୍ତେ ବିଦାୟୀ ଶୁଭେଚ୍ଛା ଜଣାଇଥିଲେ। ଗୃହରେ ଏହା ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ଅନେକ ନିଜର ରାଜନୈତିକ ଭବିଷ୍ୟତକୁ ନେଇ ମଧ୍ୟ ସନ୍ଦିହାନ ଥିବା ମୁଖମଣ୍ଡଳରୁ ସ୍ପଷ୍ଟ ବାରିହୋଇ ପଡୁଥିଲା। ପରସ୍ପରକୁ କରମର୍ଦ୍ଦନ କରିବା ସହ ବିଧାନସଭାରେ ଦୀର୍ଘ ୫ ବର୍ଷର ସମ୍ପର୍କ ବିଷୟରେ ପରସ୍ପର ଭାବବିନିମୟ କରୁଥିବା ଦେଖିବାକୁ ମିଳିଥିଲା। ବିଧାୟକମାନଙ୍କ ପାଇଁ ଏହା ଶେଷ ଅଧିବେଶନ ଥିବାରୁ ଗୃହର ନେତା ନବୀନ ପଟ୍ଟନାୟକଙ୍କ ସମେତ ସମସ୍ତ ଦଳର ବିଧାୟକମାନେ ବିଧାନସଭାରେ ଏକାଠି ଫଟୋ ଉଠାଇଥିଲେ।

ଅପରାହ୍ନରେ ଗୃହର ନେତା ବିଧାନସଭା ଅଧିବେଶନକୁ ମୁଲତବୀ ରଖିବା ପ୍ରସ୍ତାବ ଉପରେ ଆଲୋଚନାରେ ଭାଗ ନେଇ କହିଥିଲେ ଯେ ଏହି ଅଧିବେଶନର ୫ଟି କାର୍ଯ୍ୟଦିବସ ଥିଲା । ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ପାରିତ ହୋଇଥିଲା। ବଜେଟ ବି ପାରିତ ହୋଇଛି । ଆମ ରାଜ୍ୟର ବିକାଶରେ ୧୬ତମ ବିଧାନସଭା ଘଟଣାବହୁଳ ଓ ସ୍ମରଣୀୟ ହୋଇ ରହିବ। ଗତ ୫ ବର୍ଷ ମଧ୍ୟରେ ଗୃହ ସୁପରିଚାଳନା ନିମନ୍ତେ ବାଚସ୍ପତି, ଉପବାଚସ୍ପତି ଓ ଅଧିଷ୍ଠାତା ପ୍ୟାନେଲଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଶାସକ ଦଳର ପ୍ରସ୍ତାବ ଉପରେ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ ।

# ଆଉ ନିର୍ବାଚନ ଲଢ଼ିବେନି ନରସିଂହ, ସୁର

ଭୁବନେଶ୍ୱର,୯।୨(ସୁନିତ୍ ମିଶ୍ର)

ଷୋଡ଼ଶ ବିଧାନସଭାର ପଞ୍ଚଦଶ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ଏହି ଅଧିବେଶନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ହେବା ସମ୍ପର୍କିତ ଘୋଷଣା ପୂର୍ବରୁ କଂଗ୍ରେସ ବିଧାୟକ ଦଳ ନେତାଙ୍କୁ ବାଚସ୍ପତି କହିବାକୁ ସୁଯୋଗ ଦେଇଥିଲେ। ତେବେ ନରସିଂହ କହିବା ଆରମ୍ଭରୁ, ବିଧାନସଭାରେ ଆଜି ତାଙ୍କର ଶେଷଦିନ। ବିନା କୌଣସି ମୋସନ ପାସ୍ ନ କରି ଗୃହ ବନ୍ଦ କରିବାକୁ ଯାଉଛନ୍ତି। ଏହା ଟେକ୍ନିକାଲି କେତେ ଠିକ୍ ତାହା ଆପଣ ବିଚାରକରିବେ। ତଥାପି ଏହି ଅଧିବେଶନରେ ସମସ୍ତଙ୍କୁ ଆପଣ ବିଶ୍ୱାସକୁ ନେଇଛନ୍ତି ଏବଂ ଗୃହକୁ ଠିକ୍ ଭାବେ ପରିଚାଳନା କରିଥିବାରୁ ଧନ୍ୟବାଦ। ୧୯୯୦ରେ ଏ ଗୃହକୁ ଆସିଥିଲେ। ଆଜି ଏଠି ତାଙ୍କର ଶେଷ ଦିନ। ଏ ବର୍ଷ ଆଉ ନିର୍ବାଚନ ଲଢିବେ ନାହିଁ। ସବୁବେଳେ ତାଙ୍କୁ ବିଭିନ୍ନ ପଦପଦବୀ ମିଳିଛି। ଯେତିକି ଦିନ ଏ ଗୃହକୁ ଆସିଛନ୍ତି ସମସ୍ତଙ୍କଠାରୁ ସ୍ନେହ, ଶ୍ରଦ୍ଧା, ସମ୍ମାନ ପାଇଛନ୍ତି। କାହା ବିରୋଧରେ ତାଙ୍କର କିଛି ଅଭିଯୋଗ ନାହିଁ। ଯଦି କାହାକୁ ଅଜାଣତରେ କଷ୍ଟ ଦେଇଥିବେ ତେବେ କ୍ଷମା କରିଦେବେ। ଆଗକୁ ଏ ଗୃହକୁ ଆହୁରି ଭଲ ପ୍ରତିନିଧି ଆସିବେ ବୋଲି ଆଶା। ଯେଉଁମାନେ ଆସିବେ ସେମାନେ ଗଣତନ୍ତ୍ରକୁ ରକ୍ଷା କରିବା ଦିଗରେ କାମ କରିବା ସହ ଗୃହର ସମ୍ମାନ ବଢାଇବେ ବୋଲି ନରସିଂହ କହିଛନ୍ତି। ବିଧାନସଭା ଶେଷ ହେବାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଆରମ୍ଭକରି ଶାସକ ଦଳ ଏବଂ କଂଗ୍ରେସ ସଦସ୍ୟଙ୍କ ପର୍ଯ୍ୟନ୍ତ ବହୁ ନେତା ନରସିଂହଙ୍କୁ ବିଦାୟକାଳୀନ ଶୁଭେଚ୍ଛା ଜଣାଇଥିଲେ। ବହୁ ଶାସକ ଏବଂ କଂଗ୍ରେସ ସଦସ୍ୟ ତାଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଉଥିବା ଦେଖିବାକୁ ମିଳିଥିଲା। ଏହାପରେ ଶାସକ ଏବଂ କଂଗ୍ରେସ ସଦସ୍ୟମାନେ ନରସିଂହଙ୍କ ସହ ସେଲ୍‌ଫି ନେବା ସଙ୍ଗେ ସଙ୍ଗେ ଫଟୋ ମଧ୍ୟ ଉଠାଇଥିଲେ। ଏହାପରେ ସୁରେଶ କୁମାର ରାଉତରାୟ ମଧ୍ୟ ଏହା ତାଙ୍କ ଶେଷ ଅଧିବେଶନ ବୋଲି କହିବା ସହ ମୁଖ୍ୟମନ୍ତ୍ରୀଙ୍କ ସହ ହାତ ମିଳାଇ ଯିବା ସମୟରେ ବିଧାନସଭା ବାହାରେ ମୁଣ୍ଡିଆ ପକାଇ ଯାଇଥିଲେ।



ଅଧିବେଶନ ଶେଷ ଦିନରେ କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ଆଉ ନିର୍ବାଚନ ଲଢ଼ିବେ ନାହିଁ କହି ବିଧାନସଭାକୁ ମୁଣ୍ଡିଆମାରି ବିଦାୟ ନେଉଛନ୍ତି।

## ବୋର୍ଡ ୱେବ୍‌ସାଇଟ୍‌ରେ ମାଟ୍ରିକ ଆଡ୍‌ମିଟ୍ କାର୍ଡ, ପରୀକ୍ଷା କେନ୍ଦ୍ରର ସୂଚନା

କଟକ,୯।୨ (କାର୍ତ୍ତିକ ସାହୁ)

ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ପରୀକ୍ଷା କେନ୍ଦ୍ରଗୁଡ଼ିକ ସମ୍ପର୍କିତ ସୂଚନା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ୱେବ୍‌ସାଇଟ୍(www.bseodisha.ac.in)ରେ ଶୁକ୍ରବାର ଉପଲବ୍ଧ ହୋଇଛି। ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ପରୀକ୍ଷା କେନ୍ଦ୍ର ସମ୍ପର୍କିତ ତଥ୍ୟ ଡାଉନ୍‌ଲୋଡ୍ କରିବାକୁ ବୋର୍ଡ ପକ୍ଷରୁ କୁହାଯାଇଛି। ପରୀକ୍ଷାର୍ଥୀ କେଉଁ କେନ୍ଦ୍ରରେ ପରୀକ୍ଷା ଦେବେ, ସମ୍ପୃକ୍ତ ଶିକ୍ଷାନୁଷ୍ଠାନଟି ପରୀକ୍ଷା କେନ୍ଦ୍ର/ନୋଡାଲ କେନ୍ଦ୍ର/ମୂଲ୍ୟାୟନ କେନ୍ଦ୍ର ପାଇଁ ଚୟନ କରାଯାଇଛି କି ନାହିଁ, ପରୀକ୍ଷା କେନ୍ଦ୍ର ହୋଇଥିଲେ ସେଠାରେ କେତେଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ, ସମସ୍ତ ପରୀକ୍ଷା ପାଇଁ ସବୁ ବିଷୟରେ କେତେ ପ୍ରଶ୍ନପତ୍ର ଦରକାର ଆଦିର ସୂଚନା ୱେବ୍‌ସାଇଟ୍‌ରେ ରହିଛି। ଏ ସମସ୍ତ ପରୀକ୍ଷାର ଆଡ୍‌ମିଟ୍ କାର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯାଇଛି। ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରି ପରୀକ୍ଷାର୍ଥୀମାନଙ୍କୁ ବଣ୍ଟନ କରିବାକୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଚରଣ ସିଂ, ନରସିଂହ ରାଓ, ...

ସମର୍ଥକ ଥିଲେ ଓ ସେମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ। ସେହିପରି କୃଷି କ୍ଷେତ୍ରରେ ଭାରତକୁ ସ୍ୱାବଲମ୍ବୀ କରିବାରେ ବିଶ୍ୱବିଖ୍ୟାତ କୃଷିବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ପଶ୍ଚିମ ଉତ୍ତରପ୍ରଦେଶର ଜାଠ ନେତା ଚରଣ ସିଂ ୧୯୭୯-୮୦ରେ ଭାରତର ପ୍ରଧାନମନ୍ତ୍ରୀ ତଥା ସେତେବେଳେ କଂଗ୍ରେସ ବିରୋଧୀ ରାଜନୀତିର ଅନ୍ୟତମ ଅଗ୍ରଦୂତ ଥିଲେ। ଦେଶ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ସରକାର ତାଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରିବାର ସୌଭାଗ୍ୟ ପାଇଛନ୍ତି ବୋଲି ମୋଦି କହିଛନ୍ତି। ଜଣେ ବିଧାୟକ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ ସେ ସବୁବେଳେ ରାଷ୍ଟ୍ରନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜରୁରୀ ସ୍ଥିତିକୁ ଦୃଢ଼ ବିରୋଧ କରିଥିଲେ।

ତେଲୁଗୁ ନେତା ନରସିଂହ ରାଓ ୧୯୯୧ରୁ ୧୯୯୬ ପ୍ରଧାନମନ୍ତ୍ରୀ ରହିଥିଲେ। ଆର୍ଥିକ ସଂସ୍କାର ଆଣିବାରେ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରରେ ମନ୍ତ୍ରୀ ତଥା ବିଧାୟକ ଓ ଏମ୍‌ପି ଭାବେ ତାଙ୍କର କାର୍ଯ୍ୟ ମଧ୍ୟ ଅନୁରୂପ ଭାବେ ସ୍ମରଣୀୟ। ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଭାରତକୁ ଅର୍ଥନୀତିରେ ଅଗ୍ରଣୀ କରିବାରେ ପ୍ରମୁଖ ଭୂମିକା ନେଇଥିଲା। ଦେଶର ବିକାଶ ଓ ସମୃଦ୍ଧିର ସେ ଦୃଢ଼ ମୂଳଦୁଆ ପକାଇଥିଲେ ବୋଲି ମୋଦି କହିଛନ୍ତି। କୃଷି ଓ କୃଷକମାନଙ୍କ କଲ୍ୟାଣରେ ଦେଶକୁ ସ୍ମରଣୀୟ ଅବଦାନକୁ ସ୍ୱୀକୃତି ସ୍ୱରୂପ ସରକାର ସ୍ୱାମୀନାଥନଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରୁଛନ୍ତି। ଭାରତୀୟ କୃଷିକୁ ଆଧୁନିକୀକରଣ କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ଖରାପ ସମୟରେ ଦେଶର କୃଷିକୁ ଆତ୍ମନିର୍ଭର କରାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ଭାରତରତ୍ନ ସମ୍ମାନ ଜରିଆରେ ଜଣେ ପ୍ରବର୍ତ୍ତକ, ମାର୍ଗଦର୍ଶକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷା ଓ ଗବେଷଣାକୁ ପ୍ରୋତ୍ସାହିତ କରିବାରେ ସ୍ୱାମୀନାଥନଙ୍କ ମୂଲ୍ୟବାନ କାର୍ଯ୍ୟକୁ ଦେଶ ସ୍ୱୀକୃତି ଦେଉଛି। ସେ କେବଳ ଭାରତୀୟ କୃଷିରେ ପରିବର୍ତ୍ତନ ଆଣି ନ ଥିଲେ ଦେଶର ଖାଦ୍ୟ ସୁରକ୍ଷା ଓ ସମୃଦ୍ଧିକୁ ମଧ୍ୟ ନିଶ୍ଚିତ କରାଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି କୃଷିଅର୍ଥନୀତିଜ୍ଞଙ୍କର ଗତବର୍ଷ ପରଲୋକ ହୋଇଥିଲା। ଚଳିତ ବର୍ଷର ୫ ଭାରତରତ୍ନ ପୁରସ୍କାର ମଧ୍ୟରୁ କେବଳ ଆଡଭାନୀଙ୍କୁ ଜୀବିତାବସ୍ଥାରେ ଏହି ପୁରସ୍କାର ମିଳିବାକୁ ଥିବାବେଳେ ଅନ୍ୟ ୪ଟି ମରଣୋତ୍ତର ଭାବେ ପ୍ରଦାନ କରାଯିବ।

### ଉତ୍ତରାଖଣ୍ଡ ହିଂସା ...

କଡ଼ାକଡ଼ି ଯାଞ୍ଚ କରାଯାଉଛି।। ପୋଲିସ କିମ୍ବା ପ୍ରଶାସନ ପକ୍ଷରୁ ଉତ୍ତେଜନା କିମ୍ବା କାହା ପ୍ରତି କୌଣସି କ୍ଷତି ଘଟାଯାଇ ନ ଥିଲା ବୋଲି ଭିଡିଓରୁ ଜଣାପଡ଼ିଥିବା ନୈନିତାଲ ଜିଲାପାଳ ବନ୍ଦନା ସିଂ କହିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜବରଦଖଲ ହଟାଯାଉଥିଲା। ତେବେ ଉତ୍ତ୍ୟକ୍ତ ଦଙ୍ଗାକାରୀମାନେ ଲୋକଙ୍କୁ ପୋଡ଼ିଦେବାକୁ ଉଦ୍ୟମ କରିଥିଲେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ହିଂସାକାଣ୍ଡକୁ ଦେଖି ଜିଲା ପ୍ରଶାସନ ଗୁରୁବାର ସନ୍ଧ୍ୟାରେ ହଲଦ୍ୱାନିରେ କର୍ଫ୍ୟୁ ଜାରି କରିବା ସହ ଦେଖିବାମାତ୍ରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲା। ପ୍ରଶାସନର କହିବା ଅନୁଯାୟୀ, ମ୍ୟୁନିସିପାଲ କମିଶନର ପଙ୍କଜ ଉପାଧ୍ୟାୟ, ମାଜିଷ୍ଟ୍ରେଟ୍ ରିଚା ସିଂ ଏବଂ ଏସ୍‌ଡିଏମ୍ ପାରିତୋଷ ବର୍ମାଙ୍କ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ଚାଲିଥିବାବେଳେ ଉତ୍ତ୍ୟକ୍ତ ଲୋକେ ଟେକାମାଡ଼ କରିଥିଲେ। ସେମାନଙ୍କ ଆକ୍ରମଣରେ ଏସ୍‌ଡିଏମ୍, ପୋଲିସ ଅଫିସରଙ୍କ ସମେତ ବହୁ ଲୋକ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ୫ ଜଣଙ୍କ ମୃତ୍ୟୁ ଘଟିଛି।

### କଟକଣା ସତ୍ତ୍ୱେ ...

ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ। ୨୦୦୦ ମସିହାରେ ମୋ ବାପା ଏହି ଅଲଟ୍ରାସାଉଣ୍ଡ ମେଶିନ ଏକ କମ୍ପାନୀରୁ ଆଣିଥିଲେ। ଯେହେତୁ ଲିଙ୍ଗ ନିରୂପଣ ବେଆଇନ ତେଣୁ ଉକ୍ତ ମେଶିନ ସମ୍ପୃକ୍ତ କମ୍ପାନୀକୁ ଫେରାଇବାର ଥିଲା। ହେଲେ କୌଣସି କାରଣବଶତଃ ଏହି ମେଶିନ ଫେରାଇପାରିନାହିଁ। ଉପଜିଲାପାଳ ଦାସଙ୍କ ଅଭିଯୋଗ ଅନୁଯାୟୀ ଥାନାରେ ଏକ ମାମଲା(ନଂ.୫୦/୨୪) ରୁଜୁ ହୋଇଛି। ଡା. ଦାସ ଦେବଗଡ଼ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଅଛନ୍ତି। ପୂର୍ବରୁ ସେ ଦୁଇଥର ଲିଙ୍ଗ ନିରୂପଣ କରି ଧରାପଡିଥିଲେ। ତେଣୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା।

### ୨୦୨୨-୨୩ରେ ଭାଜପାର ...

କୋଟି ଟଙ୍କା ବ୍ୟୟ କରିଥିବାବେଳେ ସେଥିରୁ ନିର୍ବାଚନ ବ୍ୟୟ ୧,୦୯୨.୧୫ କୋଟି। ସେଥିରୁ ବିଜ୍ଞାପନରେ ସର୍ବାଧିକ ୪୩୨.୧୪ କୋଟି ଟଙ୍କା ବ୍ୟୟ ହୋଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକାଶିତ ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ପୂର୍ବ ବର୍ଷ ଭଳି ଏଥର ମଧ୍ୟ ଆୟର ଏକ ବଡ଼ ଭାଗ ଇଲେକ୍ଟୋରାଲ ବଣ୍ଡରୁ ଆସିଛି। ସ୍ୱେଚ୍ଛାକୃତ ଦାନ ୨,୧୨୦.୦୬ କୋଟି ମଧ୍ୟରୁ ଇଲେକ୍ଟୋରାଲ ବଣ୍ଡରୁ ୬୧ ପ୍ରତିଶତ ଅର୍ଥାତ୍ ୧,୨୯୪.୧୪ କୋଟି ଟଙ୍କା ମିଳିଛି। ୨୦୨୧-୨୨ ବର୍ଷରେ ଭାଜପା ପାଖରେ ମୋଟ ପାଣ୍ଠି ୪,୪୫୬.୧୮ କୋଟି ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ତାହା ୫,୪୨୪.୭୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୨-୨୩ ବର୍ଷରେ ଷ୍ଟେଟ୍ ବ୍ୟାଙ୍କ ୨,୮୦୦.୩୬ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ ବିକ୍ରି କରିଛି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTCONBBSeOTBDPKEIAlt20, ତା.31.01.2024ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ ମଣ୍ଡଳରେ ବୁଢ଼ାପଙ୍କ-ମେରାମଣ୍ଡଳି ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍‌ରେ କାର୍ଯ୍ୟ ସମ୍ପର୍କରେ ବୁଢ଼ାପଙ୍କ (BDPK) ଷ୍ଟେସନରେ ସିଗନାଲ୍ ଏବଂ ଟେଲିକମ୍ ଯୋଗାଯୋଗ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା, ଜଟିଳ ସାମଗ୍ରୀର ଯୋଗାଣ ଓ ମେଧା ସର୍ବୋ ଡ୍ରାଇଭସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (EI)ର ସଂସ୍ଥାପନ ଏବଂ କମିଶନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 12,67,62,650/-, EMD (₹) : 7,83,800/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.03.2024ରିଖ 1100 ଘଟିକାରେ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ। ଯଦି ଇଣ୍ଟରନେଟ୍‌ରୁ ଡାଉନଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପ୍ରାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ନିର୍ମାଣ, ଭୁବନେଶ୍ୱର
PR-123/CG/23-24

**ଶିକ୍ଷା ଅଧିକାର**

ସଭିଏଁ ପଢ଼ନ୍ତୁ; ସଭିଏଁ ବଢ଼ନ୍ତୁ

**SAMAGRA SHIKSHA (S.S.), ANGUL**

PH: 06764-232412 (DPO)/ 2234185 (Fin) / 232808 (MIS),
E-mail ID- dpcangulssa.opepa@nic.in

Letter No. 284/Ped File No. ...................... Date: 08.02.2024

**CORRIGENDUM**

The opening of Bid document for supply of Blank Question cum Answer Sheet vide tender call notice no 167/dt.25.01.2024 which was scheduled to be opened on dt 09.02.2024 at 11.00 A.M has been postponed to **dt.13.02.2024 at 11.00 A.M.** and the opening of Bid document for supply of Holistic Report card vide tender call notice no 170./dt.25.01.2024 which was scheduled to be opened on dt 09.02.2023 at 03.00 P.M has been postponed to **dt.13.02.2023 at 03.00 P.M.** due to some unavoidable circumstances.Others terms and conditions of the tender remained unaltered.

Sd./- District Education Officer-cum-D.P.C.
Samagra Shiksha, Angul

ନଂ. ଏ-୧୨୦୩୪/୨/୨୦୨୪-ପିଏମ୍ଏସ୍ଏସ୍ୱାଇ-ଆଇଭି

**ଭାରତ ସରକାର**
**ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ**
**(ପିଏମ୍ଏସ୍ଏସ୍ୱାଇ ଡିଭିଜନ)**
**ରୁମ୍ ନଂ. ୨୦୧-ଡି, ନିର୍ମାଣ ଭବନ, ନୂଆଦିଲ୍ଲୀ - ୧୧୦୦୧୧**

**(i) ଗୋରଖପୁର (ଉତ୍ତରପ୍ରଦେଶ) ଏବଂ (ii) ମାନେଠି (ହରିୟାଣା) ସ୍ଥିତ ପ୍ରତ୍ୟେକ ଏଆଇଆଇଏମ୍ଏସ୍‌ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଦବୀ ନିମନ୍ତେ ବିଜ୍ଞାପନ**

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ (ପିଏମ୍ଏସ୍ଏସ୍ୱାଇ ଡିଭିଜନ) (i) ଗୋରଖପୁର (ଉତ୍ତରପ୍ରଦେଶ) ଏବଂ (ii) ମାନେଠି (ହରିୟାଣା)ଠାରେ ପ୍ରତ୍ୟେକ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏଆଇଆଇଏମ୍ଏସ୍)ରେ ଡେପୁଟେସନ/ସ୍ୱଳ୍ପମିଆଦୀ ଚୁକ୍ତି/ଚୁକ୍ତି ଭିତ୍ତିରେ ସ୍ତର ୧୫; ଟ.୧୮୨୨୦୦-୨୨୪୧୦୦/- ବେତନ ମାଟ୍ରିକ୍ସ (୭ମ ସିପିସି ଅନୁଯାୟୀ)ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଦବୀ ପୂରଣ କରିବା ନିମନ୍ତେ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଅଧିକ ବିବରଣୀ ପାଇଁ, ଦୟାକରି ମନ୍ତ୍ରଣାଳୟର ୱେବ୍‌ସାଇଟ୍ ତଥା ଡିଭିଜନର ୱେବ୍‌ସାଇଟ୍ **https://main.mohfw.gov.in** ଏବଂ **https://pmssy.mohfw.gov.in** ପରିଦର୍ଶନ କରନ୍ତୁ।

ସବିଶେଷ ବିଜ୍ଞାପନ ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ପ୍ରକାଶିତ ହେବ। ଦରଖାସ୍ତ ଗ୍ରହଣର ଶେଷ ତାରିଖ ହେଉଛି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ବିଜ୍ଞାପନ ପ୍ରକାଶ ତାରିଖରୁ ୪୫ ଦିନ।

ସ୍ୱା./- (ଦିନେଶ କୁମାର), ଯୁଗ୍ମ ନିର୍ଦ୍ଦେଶକ
cbc 17101/11/0016/2324 ଦୂରଭାଷ: ୦୧୧-୨୩୦୬୧୭୩୦

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.66/ET/SBP/ENGG/ 2023-24, ତା.05.02.2024ରିଖ
ଇ-ଟେଣ୍ଡର ସଂ.33-eT-SDENW-SBP-23

କାର୍ଯ୍ୟର ନାମ : ରେଳବାଇ ଜମି/ଖଦାନ (Land/Quarry) ବାହାରୁ କୋମାଖାନ ଡିପୋ ଠାରେ ରେଳବାଇ ବିନିର୍ଦ୍ଦେଶ ଅନୁଯାୟୀ ମେସିନ୍ ଦ୍ୱାରା ଭଙ୍ଗା ଯାଇଥିବା 80,000 ଘନ ମିଟର ବିଶିଷ୍ଟ ଟ୍ରାକ୍ ବାଲାଷ୍ଟର ଯୋଗାଣ ଏବଂ ଗଦା ମାରିବା ତଥା ତାହାକୁ ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ମହାସମୁନ୍ଦ ପରିସୀମା ଅଧୀନସ୍ଥ ରେଳବାଇ ୱାଗନଗୁଡ଼ିକରେ ବୋଝେଇ କରିବା କାର୍ଯ୍ୟ (ଶେଷ ହେବା ଅବଧି : ବର୍ଷାଋତୁ ଅବଧି ବ୍ୟତୀତ 12 ମାସ)।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 11,23,87,200, ବିଡ୍ ସିକ୍ୟୁରିଟି (₹): 7,12,000/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (ବର୍ଷାଋତୁ ଅବଧି ବ୍ୟତୀତ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.03.2024ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ), ସମ୍ବଲପୁର
PR-1068/O/23-24

Odisha Coal and Power Limited
OCPL

**ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍**
(ଓଡ଼ିଶା ସରକାରଙ୍କ ଉଦ୍ୟୋଗ)
ଜୋନ୍-ଏ, ଫୋର୍ଥ ଫ୍ଲୋର୍, ଫର୍ଚ୍ୟୁନ୍ ଟାୱାର୍ସ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ପିନ୍-୭୫୧୦୨୩, ଓଡ଼ିଶା
ଫୋନ୍: 0674-2300654, mines@ocpl.org.in, www.ocpl.org.in

**ପରିବେଶ ମଞ୍ଜୁରୀ (ଇ.ସି.) ବିଜ୍ଞାପନ**

**ସର୍ବସାଧାରଣଙ୍କ ଅବଗତି ନିମନ୍ତେ**

ଓଡ଼ିଶା କୋଲ୍ ଆଣ୍ଡ ପାୱାର୍ ଲିମିଟେଡ୍ (ଓସିପିଏଲ୍)ର 'ମନୋହରପୁର ଏବଂ ଡିପ୍ ସାଇଡ୍ ମନୋହରପୁର' ଖଣି ଯାହାକି ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ତହସିଲ୍ ଅନ୍ତର୍ଭୁକ୍ତ ମନୋହରପୁର, ପରମାନନ୍ଦପୁର, କାଠଫାଳି, ଘୁମୁଡାସନ, ଡୁଲାଙ୍ଗ, ଦୂରୁବାଗା, କାତରବଗା, ଲାଇକେରା ଏବଂ ସାରବାହାଲ ଗ୍ରାମମାନଙ୍କରେ ଅବସ୍ଥିତ। ଉକ୍ତ କୋଇଲା ଖଣିର ବାର୍ଷିକ କୋଇଲା ଉତ୍ପାଦନ କ୍ଷମତା ୮ ନିୟୁତ ଟନ୍ ଥିବା ସ୍ଥଳେ ଏହାର ସମ୍ପ୍ରସାରଣ ପ୍ରକଳ୍ପ ୧୬ ନିୟୁତ ଟନ୍ (୮ MTPA ରୁ ୧୬ MTPA)କୁ ବୃଦ୍ଧି କରିବା ନିମନ୍ତେ ପ୍ରକଳ୍ପ ଅଞ୍ଚଳକୁ ୯୭୭.୮୭୫ ହେକ୍ଟର୍‌ରୁ ୧୭୮୧.୫୯୧ ହେକ୍ଟର୍‌କୁ ବୃଦ୍ଧି କରାଯାଇ ଏହାର ପରିବେଶ ମଞ୍ଜୁରୀ (Environmental Clearance) ନୂଆଦିଲ୍ଲୀ ସ୍ଥିତ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC) ଦ୍ୱାରା ତା୦୫।୦୨।୨୦୨୪ରିଖ, ଚିଠି ସଂଖ୍ୟା– J-୧୧୦୧୫/୧୩୯/୨୦୦୮.IA.II(M) ମାଧ୍ୟମରେ ପ୍ରଦାନ କରାଯାଇଛି। ଉକ୍ତ ପରିବେଶ ମଞ୍ଜୁରୀ ପତ୍ର (Environmental Clearance)ର ନକଲ ଓଡ଼ିଶା ସରକାରଙ୍କ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଉପଲବ୍ଧ ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC)ର ୱେବ୍‌ସାଇଟ୍ (www.parivesh.nic.in)ରେ ମଧ୍ୟ ଉପଲବ୍ଧ ଅଟେ।

**झारखण्ड राज्य ग्रामीण पथ विकास प्राधिकरण (JSRRDA)**
**एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड**

अल्पकालीन ई–पुनर्निविदा आमंत्रण सूचना (4th Call)
**PR No. 314100 Dated 22.12.2023**

अल्पकालीन ई–पुनर्निविदा संख्या:- **308/2023-24** दिनांक :- 08.02.2024

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या/पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-LOH-06 /2023-24 | भण्डरा | 1 | बेदाल भौरो पी०एम०जी०एस०वाई० पथ से सेमरा तक पथ का सुदृढ़ीकरण कार्य। (लं० –5.100 कि०मी०) | 1408.991 | चौदह करोड़ आठ लाख निन्यानबे हजार एक सौ रू० मात्र | 15 महीना |
| | | भण्डरा | 2 | बेड़ों लोहरदगा मुख्य पथ (धोबाली) से बिटपी तक पथ का सुदृढ़ीकरण कार्य। (लं० –1.560 कि०मी०) | | | |
| | | भण्डरा | 3 | बलसोता (मुरलीपोखर) से सोरेण्डा बाजार तक पथ का सुदृढ़ीकरण कार्य। (लं० –4.100 कि०मी०) | | | |
| | | भण्डरा | 4 | भैंसमुण्डो मसमानो सिमाना से बेदाल तक पथ का सुदृढ़ीकरण कार्य। (लं० –2.400 कि०मी०) | | | |
| | | भण्डरा | 5 | कोटा मोड़ से डुमरी तक पथ का सुदृढ़ीकरण कार्य।(लं०–2.200 कि०मी०) | | | |
| | | भण्डरा | 6 | पझरी से सेमरा मोड़ तक पथ का सुदृढ़ीकरण कार्य। (लं०–1.400 कि०मी०) | | | |
| | | भण्डरा | 7 | धनामुंजी मोड़ से धनामुंजी तक पथ का सुदृढ़ीकरण कार्य। (लं०–0.835 कि०मी०) | | | |
| | | भण्डरा | 8 | जामूनडीपा से मादा सिमाना भाया टोटो तक पथ का सुदृढ़ीकरण कार्य। (लं०–3.700 कि०मी०) | | | |
| | | भण्डरा | 9 | भण्डरा से सोरण्डा तक पथ का सुदृढ़ीकरण कार्य। (लं०–4.300 कि०मी०) | | | |

2. वेबसाईट मे निविदा प्रकाशन की तिथि:–13.02.2024
3. ई–निविदा प्राप्ति की अंतिम तिथि एवं समय:– 19.02.2024 अपराह्न 5.00 बजे तक।
4. निविदा खोलने की तिथि एवं समय:–20.02.2024 .अपराह्न 5.00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ............................

विस्तृत जानकारी के लिए वेबसाईट **jharkhandtenders.gov.in** मे देखा जा सकता है।

मुख्य अभियंता
जे०एस०आर०आर०डी०ए०, राँची

PR 318527 (Rural Work Department)23-24*D

# ସତ୍ୟ ଓ ତଥ୍ୟର ଦସ୍ତାବିଜ୍: ପ୍ରବନ୍ଧାବଳୀ

**ଅତୀତର ବହି**



ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

**ପାରଳାଖେମୁଣ୍ଡି ରାଜଗୁରୁ ବଂଶରେ ୧୨ ଫେବୃଆରୀ ୧୮୬୬ ମସିହାରେ ଶ୍ୟାମସୁନ୍ଦର ରାଜଗୁରୁ ଜନ୍ମଗ୍ରହଣ କରିଥିଲେ। ପିତା ରଘୁନାଥ ରାଜଗୁରୁ, ମାତା ରାଧିକା ଦେବୀ। ରଘୁନାଥ ରାଜଗୁରୁ ପାରଳାର ବ୍ରାହ୍ମଣ ସମାଜରେ ଜଣେ ପ୍ରତିଷ୍ଠିତ ବୁଦ୍ଧିଜୀବୀ ଭାବେ ସମ୍ମାନିତ। ଅର୍ଥାଭାବରୁ ଶ୍ୟାମସୁନ୍ଦରଙ୍କ ଶିକ୍ଷାଲାଭ ବାଧାପ୍ରାପ୍ତ ହୋଇଥିଲା। ୧୮୭୮ ସାଲରେ ନିଜସ୍ୱ ପ୍ରଚେଷ୍ଟାରେ ସେ ସ୍ଥାନୀୟ ଇଂରାଜୀ ହାଇସ୍କୁଲରେ ନାମ ଲେଖାଇଥିଲେ। ସେତେବେଳେ ପାରଳାଖେମୁଣ୍ଡି କୋର୍ଟ-ଅଫ୍-ୱାର୍ଡ୍ସ ଅଧୀନରେ ଥାଏ। ରାଣୀଙ୍କ ଆର୍ଥିକ ସାହାଯ୍ୟରେ ସେ ବ୍ରହ୍ମପୁର କଲେଜରୁ ୧୮୯୦ରେ ଏଫ୍.ଏ. ଓ ରାଜମହେନ୍ଦ୍ରୀ କଲେଜରୁ ୧୮୯୨ରେ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ଦକ୍ଷିଣ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍।**

ଐତିହାସିକ ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ଶ୍ୟାମସୁନ୍ଦରଙ୍କ ଜନ୍ମ ୧୮୬୨ ମସିହାରେ, କିନ୍ତୁ ଏହା ଗବେଷକଙ୍କ ଦ୍ୱାରା ସ୍ୱୀକୃତ ନୁହେଁ। ତାଙ୍କର ପ୍ରକୃତ ଜନ୍ମ ୧୮୬୬ ମସିହାରେ। ବିଳମ୍ବରେ ରାଜଗୁରୁଙ୍କ ବିଦ୍ୟାରମ୍ଭ ହୋଇଥିଲା। ମେଧାବୀ ଛାତ୍ର ଥିବାରୁ ଡବଲ୍ ପ୍ରମୋଶନ ପାଇ ୫ ବର୍ଷରେ ଅର୍ଥାତ୍ ୨୧ ବର୍ଷ ବୟସରେ ମାଟ୍ରିକ୍ୟୁଲେଶନ ଓ ୨୫ ବର୍ଷ ବୟସରେ ବି.ଏ. ପାସ୍ କରିଥିଲେ।

୧୯୦୩ରୁ ୧୯୦୯ ମସିହା ପର୍ଯ୍ୟନ୍ତ ରାଜଗୁରୁ ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକରେ ନେତୃତ୍ୱ ନେଇ ପାରଳାଖେମୁଣ୍ଡିକୁ ବିଦ୍ୟାର ଏକ ଉତ୍କର୍ଷ ପୀଠରେ ପରିଣତ କରିଥିଲେ। ୧୮୯୪ରୁ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟିର ଚେୟାରମ୍ୟାନ୍ ରୂପେ ମନୋନୀତ ହୋଇ ସେ ଏହି ଅଞ୍ଚଳର ସାମଗ୍ରିକ ଉନ୍ନତି ସାଧନ କରିଥିଲେ। ପାରଳାରେ ପ୍ରତିଷ୍ଠିତ ପଦ୍ମନାଭ ରଙ୍ଗାଳୟର ସୁପରିଚାଳନା ଭାର ତାଙ୍କ ଉପରେ ନ୍ୟସ୍ତ ଥିଲା। ପାରଳାର ଗଜପତିଙ୍କ ପୃଷ୍ଠପୋଷକତାରେ ପ୍ରତିଷ୍ଠିତ ଗଜପତି ପ୍ରେସ୍ ଥିଲା ରାଜଗୁରୁଙ୍କର ମାନସସନ୍ତାନ। ଏହି ପ୍ରେସ୍‌ରୁ ପ୍ରକାଶ ପାଇଥିବା ଗଞ୍ଜାମ ନ୍ୟୁଜ୍ (୧୮୯୬)ର ସେ ଥିଲେ ସମ୍ପାଦକ। ୧୯୦୩ ଏପ୍ରିଲ୍ ୧୧-୧୨ରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ଗଞ୍ଜାମ ଜାତୀୟ ସମ୍ମିଳନୀର ସେ ଥିଲେ ସଭାପତି। ତାଙ୍କରି ପ୍ରଚେଷ୍ଟାରେ ଗଞ୍ଜାମରେ ଭାଷା ଆନ୍ଦୋଳନ ଏବଂ ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣର ଯେଉଁ ବୀଜ ପତନ ହୋଇଥିଲା, ପରବର୍ତ୍ତୀ ପର୍ଯ୍ୟାୟରେ ତାହା ଉତ୍କଳ ସମ୍ମିଳନୀର ରୂପ ନେଇଥିଲା। ତାଙ୍କଦ୍ୱାରା ତାଲିମପ୍ରାପ୍ତ କୃଷ୍ଣଚନ୍ଦ୍ର ଗଜପତି ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୁରୋଧା ହୋଇଥିଲେ।

ଶ୍ୟାମସୁନ୍ଦର ରାଜଗୁରୁଙ୍କ ଦ୍ୱାରା ରଚିତ ଅନେକ ପ୍ରବନ୍ଧ ଉତ୍କଳ ସାହିତ୍ୟରେ ପ୍ରକାଶ ପାଇ ଚର୍ଚ୍ଚିତ ହୋଇଥିଲା। ଓଡ଼ିଆ ଛନ୍ଦ ଉପରେ ତାଙ୍କର ରଚନା ଥିଲା ଓଡ଼ିଶାରେ ପ୍ରଥମ। ବିଭିନ୍ନ ଅନାଲୋଚିତ ପ୍ରତିଭାଙ୍କର ସାରସ୍ୱତ ସୃଷ୍ଟିକୁ ଲୋକଲୋଚନକୁ ଆଣିବାରେ ସେ କରିଥିଲେ ପ୍ରାରମ୍ଭିକ ଉଦ୍ୟମ। ଏ ପ୍ରସଙ୍ଗରେ ସାରଳା ଦାସ, ବଳରାମ ଦାସ, ଦୀନକୃଷ୍ଣ ଦାସ, ଦ୍ୱାରକା ଦାସ, ଧନଞ୍ଜୟ ଭଞ୍ଜ, ହଳଧର ଦାସ, ଗୋପାଳ କବି, କୃଷ୍ଣ ସିଂହ, ଦାଶରଥି ଦାଶ, କୃପାସିନ୍ଧୁ ଦାସ, କବି ହରିକୃଷ୍ଣ, ରାମ ଦାସ, ନିଶଙ୍କରାୟ ରାଣୀ, କାହ୍ନୁ ଦାସ ପ୍ରମୁଖଙ୍କ ଉପରେ ଗବେଷଣାତ୍ମକ ଆଲୋଚନା ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ କରିଥିଲେ। ଓଡ଼ିଆ ବ୍ୟାକରଣ ସମ୍ପର୍କରେ ତାଙ୍କ ରଚନା ଓଡ଼ିଆ ଭାଷାତତ୍ତ୍ୱକୁ ସମୃଦ୍ଧ କରିଛି। ଏହି ପ୍ରସଙ୍ଗରେ ତାଙ୍କର ଓଡ଼ିଆ ବିଭକ୍ତି, ଓଡ଼ିଆ ସର୍ବନାମ ଓ ଓଡ଼ିଆ ଅବ୍ୟୟ ଆଲୋଚନାକୁ ସ୍ମରଣ କରାଯାଇପାରେ।

ତାଙ୍କ ପ୍ରଦର୍ଶିତ ପଥରେ ପାଦ ଥାପି ଗୋପୀନାଥ ନନ୍ଦ, ଅପର୍ଣ୍ଣା ପଣ୍ଡା ଏବଂ ବିନାୟକ ମିଶ୍ର ପ୍ରମୁଖ ଓଡ଼ିଆ ଭାଷାତତ୍ତ୍ୱର ଗତିପଥକୁ ପୁଷ୍କଳ କରିଛନ୍ତି। ଗୋପୀନାଥ ନନ୍ଦଙ୍କର ଓଡ଼ିଆ ଭାଷାତତ୍ତ୍ୱ ପୁସ୍ତକ ଶ୍ୟାମସୁନ୍ଦରଙ୍କ ପ୍ରେରଣା ଦ୍ୱାରା ସମ୍ଭବ ହୋଇଥିବା ନନ୍ଦେ ସ୍ୱୀକାର କରନ୍ତି। ପାରଳାଖେମୁଣ୍ଡିର ରାଜା ଗୌରଚନ୍ଦ୍ର ଗଜପତିଙ୍କ 'ଧ୍ରୁବ ନାଟକ' ଏବଂ ତାଙ୍କ ନାମ ଅଙ୍କିତ ଗୀତପ୍ରସ୍ତବକ, ଗୀତରତ୍ନାବଳୀ ପୁସ୍ତକ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଦ୍ୱାରା ରଚିତ ବୋଲି ଅନେକେ ଗ୍ରହଣ କରନ୍ତି। ପଦ୍ମନାଭ ନାରାୟଣଦେବଙ୍କ 'ଶ୍ରୀ ସଙ୍ଗୀତ ପ୍ରହ୍ଲାଦ' ନାଟକର ଅନେକ ଗୀତ ଶ୍ୟାମସୁନ୍ଦର ରଚନା କରିଥିବା ଗ୍ରନ୍ଥ ପ୍ରଣେତା ସ୍ୱୀକାର କରନ୍ତି। ଇଂରେଜ ପ୍ରଶାସକମାନଙ୍କୁ ଓଡ଼ିଶାର ପର୍ବପର୍ବାଣି ଓ ରୀତିନୀତି ସମ୍ପର୍କରେ ସୂଚନା ଦେବାପାଇଁ ଶ୍ୟାମସୁନ୍ଦର 'The Feasts and Fast of the Uriyas' ଇଂରାଜୀ ପୁସ୍ତକ ରଚନା କରିଥିଲେ। ଏଥିରେ ୬୭ଟି ଓଷା ଓ ବ୍ରତର ବିବରଣୀ ପ୍ରଦତ୍ତ।

ଶ୍ୟାମସୁନ୍ଦରଙ୍କ ରଚିତ ୨୨ଗୋଟି ପ୍ରବନ୍ଧକୁ ନେଇ ତାଙ୍କ ମୃତ୍ୟୁ ପରେ ପ୍ରବନ୍ଧାବଳୀ ପୁସ୍ତକ ୧୯୧୭ରେ ଉତ୍କଳ ସାହିତ୍ୟ ପ୍ରେସ୍, କଟକରୁ ପ୍ରକାଶିତ। ଏହାର ପ୍ରକାଶକ ଥିଲେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବ। ଏହି ପୁସ୍ତକରେ ମୁଖବନ୍ଧ ରଚନା କରିଥିଲେ ସିଂହାଦ୍ରି ଗନ୍ତାଇତ ଓ ନିତ୍ୟାନନ୍ଦ ପଟ୍ଟନାୟକ। ଏଥିରେ ଶ୍ୟାମସୁନ୍ଦର ରାଜଗୁରୁଙ୍କ ସଂକ୍ଷିପ୍ତ ଜୀବନୀ ସଂଲଗ୍ନ ହୋଇଛି। ଓଡ଼ିଆ ସାହିତ୍ୟର ପ୍ରେକ୍ଷାପଟରେ ପ୍ରବନ୍ଧାବଳୀ ଏକ ଉତ୍କୃଷ୍ଟ ପୁସ୍ତକ।



ଶ୍ୟାମସୁନ୍ଦର ରାଜଗୁରୁ (୧୮୬୬-୧୯୦୯)

ଶ୍ୟାମସୁନ୍ଦର ଜଣେ ଉଚ୍ଚଶିକ୍ଷିତ ପ୍ରତିଭା ହୋଇଥିବାରୁ ତାଙ୍କର ଅନ୍ତର୍ଦୃଷ୍ଟି ଓ ବିଶ୍ଳେଷଣ ଦକ୍ଷତା ତାଙ୍କ ସମକାଳୀନ ଲେଖକମାନଙ୍କ ରଚନାରେ ଅନୁପସ୍ଥିତ। ଗୌରଚନ୍ଦ୍ର ଗଜପତିଙ୍କ ଧ୍ରୁବ ନାଟକରେ ଥିବା ପ୍ରାଦେଶିକ ଭାଷାକୁ ଉତ୍କଳ ସାହିତ୍ୟର ସମ୍ପାଦକ ବିଶ୍ୱନାଥ କର ସମାଲୋଚନା କରିଥିଲେ। ଏହି ସମାଲୋଚନାକୁ ନିଜର ବିଜ୍ଞାନସିଦ୍ଧ, ଯୁକ୍ତିନିଷ୍ଠ ବିଶ୍ଳେଷଣ ମାଧ୍ୟମରେ ଖଣ୍ଡନ କରିଥିଲେ ଶ୍ୟାମସୁନ୍ଦର ରାଜଗୁରୁ। ଶ୍ୟାମସୁନ୍ଦରଙ୍କ ମତରେ, ପ୍ରାଦେଶିକ ଭାଷାର ସମ୍ମିଳନ ହିଁ ମାନକ ଓଡ଼ିଆ ଭାଷାକୁ ପରିପୁଷ୍ଟ କରେ। ଏ ସମ୍ପର୍କରେ ସେ ମାକ୍ସମୁଲାର, ହ୍ୱିଟିନ୍ ପ୍ରମୁଖ ପାଶ୍ଚାତ୍ୟ ଗବେଷକଙ୍କ ମନ୍ତବ୍ୟକୁ ଉଦ୍ଧାର କରି


ପ୍ରବନ୍ଧାବଳୀ।
ଶ୍ୟାମସୁନ୍ଦର ରାଜଗୁରୁ
ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିନାରାୟଣ ଦେବଙ୍କ
Printed by V. Kar.
THE UTKAL SAHITYA PRESS.
CUTTACK.
1917.

ନିଜର ବକ୍ତବ୍ୟକୁ ବଳିଷ୍ଠ କରିଛନ୍ତି।

ଓଡ଼ିଆ ଭାଷାର ବିଶ୍ଳେଷଣ କଲାବେଳେ ଶ୍ୟାମସୁନ୍ଦର ସଂସ୍କୃତ ଓ ପ୍ରାକୃତ ଭାଷାର ପ୍ରଭାବକୁ ସ୍ୱୀକାର କରିଛନ୍ତି ଏବଂ ଏହାରି ମାଧ୍ୟମରେ ଓଡ଼ିଆ ଭାଷା ସମୃଦ୍ଧ ହୋଇଥିବା ଦର୍ଶାଇଛନ୍ତି। ତାଙ୍କ ପୂର୍ବରୁ ପୋଥିକୁ ନେଇ କୌଣସି ଆଲୋଚକ ସାହିତ୍ୟ ଆଲୋଚନା କରିଥିବା ଜଣାଯାଇ ନାହିଁ। ଓଡ଼ିଆ ସମାଲୋଚନା ସାହିତ୍ୟରେ ସେ ନୂତନ ରୁଚିବୋଧ ଓ ବିଜ୍ଞାନସମ୍ମତ ଆଭିମୁଖ୍ୟର ପ୍ରଥମ ସ୍ରଷ୍ଟା। ତାଙ୍କର ପ୍ରତ୍ୟେକ ମନ୍ତବ୍ୟ ତଥ୍ୟଭିତ୍ତିକ। କଳ୍ପନାକୁ ସେ ସାହିତ୍ୟ ବିଶ୍ଳେଷଣର ଅଙ୍ଗରୂପେ ଗ୍ରହଣ କରିନାହାନ୍ତି। ଗଭୀର ଅଧ୍ୟୟନ ଓ ଅଧ୍ୟବସାୟ ବଳରେ ସେ ଯେଉଁ ସତ୍ୟର ଆବିଷ୍କାର କରନ୍ତି, ତାହା ହିଁ ତାଙ୍କ ରଚନାରେ ପ୍ରତିଫଳିତ। ସତ୍ୟ ପ୍ରତି ତାଙ୍କ ପ୍ରାଣର ଐକାନ୍ତିକ ଅନୁଭବ ହିଁ ତାଙ୍କ ଆଲୋଚନାଗୁଡ଼ିକୁ ସାର୍ଥକ ଓ ବୈଶିଷ୍ଟ୍ୟପୂର୍ଣ୍ଣ କରିଛି।

ଓଡ଼ିଆ ସାହିତ୍ୟର ଗବେଷଣାତ୍ମକ ଅନୁଶୀଳନ, ପ୍ରାଚୀନ ସାହିତ୍ୟର ପୁଙ୍ଖାନୁପୁଙ୍ଖ ଆଲୋଚନା, ପତ୍ରପତ୍ରିକା ସମ୍ପାଦନା ଏବଂ ଉତ୍କଳ ସମ୍ମିଳନୀ ତଥା ଗଞ୍ଜାମ ଜାତୀୟ ସମ୍ମିଳନୀର ପଶ୍ଚାତ୍‌ରେ ଏହି ମହନୀୟ ପ୍ରତିଭାଙ୍କର ଅବଦାନ ଓଡ଼ିଆ ସାହିତ୍ୟର ଏକ ବହୁମୁଖୀ ଅଧ୍ୟାୟ। ସେ ଅଜସ୍ର ସାହିତ୍ୟର ସ୍ରଷ୍ଟା ନୁହନ୍ତି, କିନ୍ତୁ ଯେଉଁ କତିପୟ ଆଲୋଚନା ପ୍ରବନ୍ଧାବଳୀରେ ସ୍ଥାନିତ, ତାହା ଓଡ଼ିଆ ସାହିତ୍ୟର ଦିଗବାରେଣୀ ଭାବରେ ଚିରଜାଜ୍ଜ୍ୱଲ୍ୟମାନ।

ମୋ: ୯୪୩୭୨୫୬୧୭୬

**ପୁସ୍ତକ ପରିଚୟ**

## ସାଧାରଣ ପ୍ରଶାସନ: ଲୋକସେବାର ଅସାଧାରଣ ମାଧ୍ୟମ




**ଲେଖକ:** ଡ. ତାରା ଦତ୍ତ
**ପ୍ରକାଶକ:** ବି.କେ. ପବ୍ଲିକେଶନ୍ସ ପ୍ରା.ଲି., ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୩୪୯/-

ଆଲୋଚ୍ୟ ପୁସ୍ତକଟି ଅଭିଜ୍ଞ ପ୍ରଶାସକ ଡକ୍ଟର ତାରା ଦତ୍ତଙ୍କର ଆତ୍ମଜୀବନୀ, ଯହିଁରେ ଲେଖକ ନିଜର ବ୍ୟକ୍ତିଗତ ଓ ପ୍ରାଶାସନିକ ଜୀବନର ବୟାନ ରଖିଛନ୍ତି। ପୁସ୍ତକଟିରେ ଦୁଇଟି ଭାଗ ରହିଛି। ପ୍ରଥମ ଭାଗରେ ଲେଖକ ତାଙ୍କ ସଂଘର୍ଷମୟ ବ୍ୟକ୍ତି-ଜୀବନର କଥା ଉପସ୍ଥାପନ କରିଛନ୍ତି ଓ ଦ୍ୱିତୀୟ ଭାଗରେ ନିଜ ପ୍ରାଶାସନିକ ଜୀବନର ଅଭିଜ୍ଞତା ବଖାଣିଛନ୍ତି। 'ଉପକ୍ରମଣିକା'ରେ ଲେଖକ ଲେଖିଛନ୍ତି: ''ପୁସ୍ତକଟି ଜୀବନରେ ଘଟିଥିବା ବ୍ୟକ୍ତିଗତ ସଂଘର୍ଷ ସହ ଜଡ଼ିତ କିଛି ପ୍ରାଶାସନିକ ଏବଂ କିଛି ଅଣପ୍ରାଶାସନିକ ଘଟନାର ଏକ ଛୋଟ ଦଲିଲ ଅଟେ। x x ମୁଁ ପ୍ରଶାସନର ସର୍ବୋଚ୍ଚ ପଦବୀ ହାସଲ କଲାପରେ ମଧ୍ୟ ଜୀବନରେ ସଫଳତା ହାସଲ କରିଛି ଏବଂ ମୋ' ଜୀବନ ସଫଳ ହୋଇଛି ବୋଲି ଭାବିବା ଅସତ୍ୟ ଅଟେ। x x ବ୍ୟାବହାରିକ ଜୀବନରେ ଏପରି କିଛି ନାହିଁ, ଯାହାକୁ ସମ୍ପୂର୍ଣ୍ଣ ସତ୍ୟ ଭାବରେ ଗ୍ରହଣ କରାଯାଇପାରିବ।'' ଗ୍ରନ୍ଥାରମ୍ଭରେ 'ସାମାନ୍ୟ କଥନ' ଶୀର୍ଷକରେ ଗ୍ରନ୍ଥ ସମ୍ବନ୍ଧୀୟ ଯେଉଁ ଗଦ୍ୟଲେଖଟି ଲେଖକ ଲେଖିଛନ୍ତି, ସେଥିରେ କହିଛନ୍ତି: ''ଲେଖକଙ୍କ କର୍ମଭୂମି ହେଲା ଓଡ଼ିଶା। ପୁସ୍ତକର ଅଧିକାଂଶ ଭାଗ ହେଲା ଲେଖକଙ୍କର ସରକାରୀ ସେବାକାଳର କର୍ମାନୁଭୂତି।'' ବହିଟି ପଢ଼ିଲେ ମନେହୁଏ, ଲେଖକ କିପରି ତାଙ୍କ ଜୀବନ ଓ ଜୀବନବଞ୍ଚିବା ପ୍ରବାହିତ ହୋଇଛି ଓ ତାହା କିପରି ପାଠିକାପାଠକଙ୍କ ପାଇଁ ଅନୁକୂଳ ସାବ୍ୟସ୍ତ ହେବ, ତା'ରି ଉପରେ ଧ୍ୟାନ ଦେଇଛନ୍ତି। ଆଶା, ବହିଟି ପାଠକୀୟ ଆଦୃତି ଲାଭକରିବ।

## ବିଧାନସଭାରେ ଭାଷା ଆଇନ




**ସମ୍ପାଦନା:** ପବିତ୍ର ମହାରଥା
**ପ୍ରକାଶକ:** ଶବ୍ଦସ୍ପର୍ଶ, ନୂଆପଲ୍ଲୀ, ଭୁବନେଶ୍ୱର-୧୫
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୭୫୦/-

୧୯୪୮ ମସିହା ଜୁନ୍ ୧ ତାରିଖରୁ ସମସ୍ତ ଦପ୍ତରରେ ଓଡ଼ିଆରେ ସମସ୍ତ କାର୍ଯ୍ୟ କରିବା ପାଇଁ ତତ୍କାଳୀନ ବରଗଡ଼ ବିଧାୟକ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଏପ୍ରିଲ୍ ୧, ୧୯୪୮ ମସିହାରେ ଆଣିଥିବା ପ୍ରସ୍ତାବଠାରୁ ଆରମ୍ଭକରି ବିଧାନସଭାରେ 'ଭାଷା ଆଇନ-୧୯୫୪' ପ୍ରଣୟନ ଓ ସଂଶୋଧିତ ଭାଷା ଆଇନ-୨୦୧୮ (ଦ୍ୱିତୀୟ) ପର୍ଯ୍ୟନ୍ତ ରାଜ୍ୟ ବିଧାନସଭାରେ କରାଯାଇଥିବା ଆଲୋଚନାଯାକ ଆଲୋଚ୍ୟ ଗ୍ରନ୍ଥରେ ଅବତାରଣା କରାଯାଇଛି। ବହିଟିରେ ଦୁଇଟି ଭାଗ ରହିଛି। ପ୍ରଥମ ଭାଗରେ ଭାଷା ଆଇନର ଆବଶ୍ୟକତା, ବିଧାନସଭାରେ ଭାଷା ଆଇନ, ଓଡ଼ିଶା ସରକାରୀ ଭାଷା ସଂଶୋଧନ ବିଧେୟକ-୧୯୬୩, ଅକ୍ଷର ଓ ସଂଖ୍ୟା ଲେଖିବାର ପ୍ରାବଧାନ, ଭାଷା ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ଆଦି ବିଷୟରେ ଜାନକୀଶ ବଡ଼ପଣ୍ଡା, ଶ୍ରୀରାମ ଦାଶ, ଭଗବାନ ପ୍ରକାଶ, ଦାଶ ବେନହୁର ଓ ଅରୁଣ ପଣ୍ଡା ପ୍ରମୁଖ ବିଷୟ-ଅବଗାହୀ ଲେଖକମାନେ ଲେଖିଛନ୍ତି ଓ ଦ୍ୱିତୀୟ ଭାଗରେ ବିଧାନସଭାରେ ଭାଷା ଆଇନ (୧୯୪୮-୨୦୧୮) ଆଲୋଚନାରେ ବିଧାୟକମାନଙ୍କର ଅଂଶଗ୍ରହଣ ସବିଶେଷଭାବେ ଅନ୍ତର୍ଭୁକ୍ତ ହୋଇଛି। ଓଡ଼ିଆ ଭାଷା-ଆଇନ ବିଷୟରେ ବହୁ ତଥ୍ୟ ସମ୍ବଳିତ ଏହି ପୁସ୍ତକଟି ସବୁବର୍ଗର ପାଠିକାପାଠକଙ୍କ ପାଇଁ ଯେ ଉପାଦେୟ ହେବ, ଏଥିରେ ସନ୍ଦେହ ନାହିଁ।

**କବିତା**

## ପ୍ରେମିକାର ମୃତ୍ୟୁରେ

**ତେଜସ୍ୱିନୀ ପଣ୍ଡା**

ମୁଁ ମରିଗଲା ପରେ
ଋତୁରାଜ ଭାବିବ,
ଏମିତି ଗୋଟିଏ ପ୍ରେମିକା ଥିଲା,
ଯାହାର ମୃତ୍ୟୁରେ ଲୁହ ନୁହେଁ,
ଝରୁଥିଲା ସ୍ତର ସ୍ତର ସ୍ମୃତି।

ମୁଁ ମରିଗଲା ପରେ
ଋତୁରାଜ ଆସିବ,
ମୋ ଅଜଣା ମୃତ୍ୟୁର
କାରଣ ଖୋଜିବ,
ପାଉଁଶ ତଳୁ ପ୍ରେମିକାର
ଉତ୍ତର ଖୋଜିବ।

ମୁଁ ମରିଗଲା ପରେ
ଋତୁରାଜ କବି ହେବ,
ଛାତିକୁ ପଥର କରି
ପ୍ରେମିକାର ମୃତ୍ୟୁ
କାବ୍ୟ ଲେଖିବ,
ଜୀବନକୁ ଦ୍ୱାହି ଦେଇ
ବର୍ତ୍ତମାନ ବଖାଣିବ।

ମୁଁ ମରିଗଲା ପରେ
ଋତୁରାଜ ଅଶାନ୍ତ ହେବ,
କହିବ ଖୋଜିଦିଅ
ମୋର ପୁଣ୍ୟ ପ୍ରେମିକା,
ଏମିତି ପ୍ରେମିକା ଥିଲା
ଯାହାର ହାତରେ ଲେଖାଥିଲା
ମୋର ଭାଗ୍ୟରେଖା।

ମୁଁ ମରିଗଲା ପରେ
ଋତୁରାଜ ହଜିଯିବ,
ଉପାନ୍ତରୁ ଉପତ୍ୟକାଯାଏଁ
ସେ କେଉଁଠି ନ ଥିବ,
ପ୍ରେମିକାର ସନ୍ଧାନରେ ସେ
ପାଲଟି ସାରିଥିବ ପାଉଁଶ।

ମୋ: ୯୬୯୨୩୬୧୪୦୪

## ତିନିଟି କବିତା

**ଶିବ ମିଶ୍ର**

**॥ ଏତିକି ମାଗୁଛି ତୁମକୁ ॥**
ମୁଁ ଏବେ ମୋର
ସବୁ କାମ ଛାଡ଼ିଦେଇ
ଧାଇଁଆସିଛି ତୁମରି ପାଖକୁ।
ତୁମେ ତ ନିହାତି ଆପଣାର,
ଜନ୍ମ ଜନ୍ମାନ୍ତରର ସାଥୀ ମୋର,
ଅଣଦେଖା କରିବ ଯେବେ,
ତେବେ କହିବି କାହାକୁ ?
କୋଳେଇ ନ ନିଅ ପଛକେ,
ଥରଟିଏ ଚାହିଁଦିଅ ମୋ' ଆଡ଼କୁ
ବାସ୍ ଏତିକି ମାଗୁଛି ତୁମକୁ।

**॥ କେବେ ଆସିବ କହ ॥**
ତମେ କେବେ ଆସିବ କହ ?
କହିଦିଅ ତମ ଆସିବାର
ତିଥି, ବାର, ଲଗ୍ନ ସମୟ,
ହଁ ଶୁଣ, ତମେ ସାଙ୍ଗରେ ଆଣିବନି,
ମୁଁ ଏଠି ଯୋଗାଡ଼ିଥିବି
ଶିରିଶିରି ଫଗୁଣ ମଳୟ,
ଚନ୍ଦନର ବାସ ମହମହ,
କେବଳ ତମେ କେବେ ଆସିବ କହ ?

**॥ ଗାଇଦିଅ ପୁଣିଥରେ ॥**
ଯେଉଁ ଗୀତ ତମେ ଗାଉଥିଲ
ଦିନେ ଜହ୍ନ ରାତିରେ
ଏଇ ମୋର ଘର ଅଗଣାରେ
ସେହି ଗୀତ ଏବେ
ଗାଇଦିଅ ପୁଣିଥରେ
ଥାଅ ପଛେ ଯେତେ ଦୂରେ।
ପବନରେ ଆସି ଗୁଞ୍ଜରି ଯିବ
କାନ ପାଖେ ମୋର
ତୁମରି ଗୀତର ସ୍ୱର,
ବିଶ୍ୱାସ କର, ଦୋହରାଉଥିବି
ସେହି ସ୍ୱରକୁ ମୁଁ ଜିଇଥିବାଯାଏ
ନିରବଧି ନିରନ୍ତର।

ମୋ: ୯୮୫୩୦୭୦୦୧୮

**ଗୀତି-କବିତା**

## ଝରାପତ୍ରର ବ୍ୟଥା

**ଜୟନ୍ତୀ ସାହୁ**

ଶୀତୁଆ ସଞ୍ଜର ଝରାପତ୍ରଟେ ମୁଁ
ହେମାଳ ବାଆରେ ଲୋଟୁଛି
ପହିଲି ବସନ୍ତ ମଳୟ ଗୋ ତୁମେ
ଛୁଇଁବ କି ଥରେ ଭାବୁଛି।

ନିଥର ଶରୀର ଅସାଡ଼ ହୃଦୟ
ଜଡ଼ତା ଆବୋରି ବସୁଛି
ସ୍ନିଗ୍ଧ ସମୀରଣ ସ୍ନେହସିକ୍ତ ପ୍ରାଣ
ଶୁଷ୍କ ତନୁ ମୋର ଖୋଜୁଛି।
ମୁଁ ଯେ ଗୋଧୂଳିର ଅସ୍ତ ଚକ୍ରବାଳ
ତୁମେ ତ ଉଷାର ସୀମନ୍ତ
ମୋ ପାଇଁ ଆସୁଛି ଘନ ଘୋର ରାତି
ତୁମ ପାଇଁ ଦିବ୍ୟ ଦିଗନ୍ତ।

ମୋ: ୮୦୯୩୪୮୬୬୭୪



**କାଳକାଳକୁ**

**''ଜଣେ ଲେଖକ ତା' ଆଖିରୁ ଲେଖିବ, ଜଣେ ଚିତ୍ରକର ତା' କାନରୁ ଚିତ୍ର କରିବ- ଏପରି ହେବା ଉଚିତ।''**

**- ଗେର୍‌ଟ୍ରୁଡ୍ ଷ୍ଟାଇନ୍**

**ଗେର୍‌ଟ୍ରୁଡ୍ ଷ୍ଟାଇନ୍‌ଙ୍କ** ଜନ୍ମ ୩ ଫେବୃଆରୀ ୧୮୭୪ରେ ପେନ୍‌ସିଲ୍‌ଭାନିଆର ଆଲିଘେନିରେ ଓ ପରଲୋକ ୨୭ ଜୁଲାଇ ୧୯୪୬ରେ, ଫ୍ରାନ୍ସରେ। ଆଧୁନିକ ସାହିତ୍ୟର ଏହି ଦିଶାଦର୍ଶୀ ଆମେରିକୀୟ ଲେଖିକା ଏକାଧାରରେ ଜଣେ ଔପନ୍ୟାସିକା, କବୟିତ୍ରୀ, ନାଟ୍ୟ-ରଚୟିତା ଓ କଳା-ସଂଗ୍ରାହିକା। ୧୯୩୩ରେ ପ୍ରକାଶିତ ତାଙ୍କ ଜୀବନ ସ୍ମୃତି ପ୍ୟାରିସ୍-ଅନୁଭୂତି ଆଧାରିତ, ଯାହାର ଶୀର୍ଷକ 'ଦ ଅଟୋବାୟୋଗ୍ରାଫି ଅଫ୍ ଆଲିସ୍ ବି ଟୋକ୍‌ଲାସ୍।' ୧୯୦୩ରେ ପ୍ରକାଶିତ ଉପନ୍ୟାସ 'କ୍ୟୁ.ଇ.ଡି.' ନାରୀ-ସମଲିଙ୍ଗୀ ପ୍ରସଙ୍ଗ ଆଧାରିତ। ତାଙ୍କର ଉପନ୍ୟାସ ତ୍ରୟୀ 'ଥ୍ରି ଲାଇଭ୍‌ସ', 'ଦ ମେକିଙ୍ଗ୍ ଅଫ୍ ଆମେରିକାନ୍ସ' ଓ 'ଟେଣ୍ଡର ବଟନ୍ସ' ହେଉଛି ଏକ ତ୍ରିକୋଣୀୟ ପ୍ରେମକାହାଣୀ। ତାଙ୍କର ଏକ ବହୁ ଉଦ୍ଧୃତ ଉକ୍ତି ହେଉଛି- ''ଗୋଲାପ ଗୋଲାପ, ଗୋଲାପ ହିଁ ଗୋଲାପ, ଗୋଲାପ ହିଁ ତ ଗୋଲାପ।''

**ଅବଲୋକନ**

**ଡ. ବିନୋଦିନୀ ପାତ୍ର**

## ଉତ୍କଳ ଭାରତୀ କୁନ୍ତଳା କୁମାରୀ

ଆଜିପରି ଦିନଟିରେ, ଏହି ପାଞ୍ଚ ଫେବୃଆରୀ ଉଣେଇଶ ଶହ ଏକ ମସିହାରେ ଓଡ଼ିଆ ଭାଷାଭାଷୀ ଜଗଦଳପୁରରେ ଗୁଞ୍ଜରି ଉଠିଥିଲା ଯେଉଁ କରୁଣ କୁଆଁ ସ୍ୱର, ତାହା ଯେ ଉତ୍କଳ ଭାରତୀଙ୍କ ବୀଣାର ଟଂକାର ହୋଇ ଓଡ଼ିଶାରୁ ଦିଲ୍ଲୀ ତଥା ସାରା ଭାରତର ସବୁରି ହୃଦୟରେ ଏକ ଆଶା ଓ ବିଶ୍ୱାସର ଅପୂର୍ବ ଶକ୍ତି ଭରି ଝଙ୍କାରି ଉଠିବ, ତାହା ତାଙ୍କ ଜେଜୀମା' ସାଧବୀ ଦେବୀଙ୍କୁ କ'ଣ ଜଣାଥିଲା ? ଏକ ପୌତ୍ରର ପ୍ରତୀକ୍ଷାରେ, ମାତା ମୋନିକା ଦେବୀ ଜନ୍ମ ଦେଇଥିବା ଏକ ମାଂସପିଣ୍ଡୁଳାକୁ ଗୋଇଠା ମାରି ସେ ଫଟେଇ ଦେଇଥିଲେ। ସାଗର ମନ୍ଥନରୁ ଅମୃତ କଳସ ଧରି ଲକ୍ଷ୍ମୀ ବାହାରିବା ପରି କୁନ୍ତଳା ସେଦିନ ଜନ୍ମ ନେଇଥିଲେ ସତେ କି ଉତ୍କଳ ଭାରତୀଙ୍କ ବୀଣାଦଣ୍ଡ ହାତରେ ଧାରଣ କରି।

ପିତା ଡାକ୍ତର ଦାନିଏଲ୍ ସାବତଙ୍କ ସନ୍ତାନମାନଙ୍କ ଭିତରେ ସର୍ବପ୍ରଥମ କନ୍ୟା ଥିଲେ କୁନ୍ତଳା। ତାଙ୍କ ଡାକ୍ତର ପିତା କର୍ତ୍ତବ୍ୟର ଆହ୍ୱାନରେ ବର୍ମାରେ ସପରିବାର ଅବସ୍ଥାନ କରିବା କାଳରେ କୁନ୍ତଳା ମାତୃଭାଷାର ଆନୁଷ୍ଠାନିକ ଶିକ୍ଷା ନ ପାଇ ମଧ୍ୟ ତାଙ୍କର ଗଭୀର ଓଡ଼ିଆ ପ୍ରୀତି ତଥା ମାତା ମୋନିକାଙ୍କ ଯତ୍ନ ତାଙ୍କୁ ମାତୃଭାଷାରେ ଧୁରୀଣ କରିପାରିଥିଲା।

ପାରିବାରିକ କାରଣରୁ ସେ ଓଡ଼ିଶା ଆସି କଟକ ରେଭେନ୍ସା ଗାର୍ଲସ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ଦାଖିଲା ପାଇ ମାଟ୍ରିକ ପାସ୍ ପରେ ଏଣ୍ଟ୍ରାନ୍ସ ପାସ୍ କରି ଡାକ୍ତରୀ ପଢ଼ିଲେ। କଟକ ମେଡିକାଲ ସ୍କୁଲରେ ପଢ଼ିଲାବେଳୁ ସେ କବିତା ପ୍ରତି ଅନୁରକ୍ତା ଥିଲେ। ଅତ୍ୟନ୍ତ ବୁଦ୍ଧିମତ୍ତାଯୁକ୍ତ ଓ ପରିଶ୍ରମ ହେତୁ ପୁଅଙ୍କୁ ପଛରେ ପକାଇ ସେ ସବୁବେଳେ ପ୍ରଥମ ହେଉଥିଲେ ଏବଂ ମେଡିକାଲ ସ୍କୁଲରୁ ବାରଟି ରୁପା ପଦକ ସହ ସ୍ୱର୍ଣ୍ଣ ପଦକ ବିଜୟିନୀ ହୋଇଥିଲେ। ସଂଗୀତରେ ତାଙ୍କର ଅତ୍ୟଧିକ ରୁଚି ରହିଥିଲା। କୁହାଯାଏ, ସଂଗୀତ ପ୍ରୀତି ହିଁ ତାଙ୍କୁ କବିତା ଲେଖିବାକୁ ପ୍ରଚୋଦିତ କରିଥିଲା। ତେଣୁ ତାଙ୍କ କବିତାରେ ଭାଷା ଓ ଭାବର ଅପୂର୍ବ ସମନ୍ୱୟ ସହ ସାଙ୍ଗିତିକତା ମଧ୍ୟ ଯଥେଷ୍ଟ ରହୁଥିଲା, ଯାହା ପାଠକଙ୍କୁ ବିମୋହିତ କରି ରଖୁଥିଲା।

ଦାରିଦ୍ର୍ୟର କଷାଘାତ ଭିତରେ ବି ସେ ଭାଙ୍ଗିପଡ଼ି ନ ଥିଲେ। ପ୍ରଥମେ ପ୍ରାଇଭେଟ ଭାବେ ଡାକ୍ତରୀ ଓ ପରେ ପରେ ରେଡ୍‌କ୍ରସ ଡାକ୍ତର ଭାବେ ପ୍ରଚୁର ଅର୍ଥ ସହ ମାନସମ୍ମାନର ଅଧିକାରିଣୀ ହେଲେ।

କବିତା ଲେଖା ପୂର୍ବବତ୍ ଜାରି ରହିଥିଲା, ଯାହା ତାଙ୍କୁ ଏକ ଅନନ୍ୟ କବି ଓ ଔପନ୍ୟାସିକା ଭାବେ ପରିଚିତି ଆଣି ଦେଇଥିଲା। ତାଙ୍କ ରଚିତ ପ୍ରଥମ କବିତା ତାରା ପ୍ରତି, ଶେଫାଳି ପ୍ରତି, କମଳା ପ୍ରତି, ଓ ଅର୍ଚ୍ଚନା, ଅଞ୍ଜଳି, ଆହୁତି, ଉଚ୍ଛ୍ୱାସ, ଆହ୍ୱାନ, ସ୍ଫୁଲିଙ୍ଗ, ପ୍ରେମଚିନ୍ତାମଣି ଓ ଓଡ଼ିଆ କାନ୍ଦଣା ପରି କାବ୍ୟଗ୍ରନ୍ଥ ସହ ସେ ଭ୍ରାନ୍ତି, ପରଶମଣି, ନଅତୁଣ୍ଡି, କାଳିବୋହୂ, ରଘୁଅରକ୍ଷିତ ଓ ଚିତ୍ରପଟ ପରି ଓଡ଼ିଆ ଜନଜୀବନ ଓ ସଂସ୍କୃତି ସମନ୍ୱିତ ସାହିତ୍ୟ କୃତିରେ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି।

କେବଳ ସାହିତ୍ୟ ସଂରଚନା ନୁହେଁ, ସମ୍ପାଦନା କ୍ଷେତ୍ରରେ ମଧ୍ୟ ସେ ବହୁତ ସଫଳ ଥିଲେ। ଜୀବନ, ସ୍ତ୍ରୀ, ଭୂଷଣ, ନାରୀ ଓ ଭାରତୀ ପରି ପତ୍ରିକାର ସମ୍ପାଦନା କରି ସେ ସୁନାମ ଅର୍ଜନ କରିଥିଲେ। ନାରୀ ଜାଗରଣ, ସତୀତ୍ୱ ଓ ଅନ୍ୟ କେତେକ ହିନ୍ଦୀ ପୁସ୍ତକର ରଚୟିତ୍ରୀ ମଧ୍ୟ ସେ ଥିଲେ। ହିନ୍ଦୀ, ଓଡ଼ିଆ ଓ ଇଂଲିଶ୍ ଭାଷାରେ ତାଙ୍କର ଗଭୀର ବ୍ୟୁତ୍ପତ୍ତି ଥିଲା। ରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମଶତାବ୍ଦୀ ଅବସରରେ ଗୁଆଲିଅରଠାରେ ସେ ଯେଉଁ ଅଗ୍ନିବର୍ଷୀ ଭାଷଣ ଦେଇଥିଲେ, ତାହା 'ନାରୀ ସ୍ୱରାଜ'ରେ ଚାଳିଶ ପୃଷ୍ଠାର ଏକ ପ୍ରମୁଖ ପ୍ରବନ୍ଧ ରୂପେ ପ୍ରକାଶିତ ହୋଇଥିଲା। ତାଙ୍କର ସାହିତ୍ୟ ପ୍ରତିଭା,



ବାଗ୍ମିତା ଓ ସମାଜସେବା ପାଇଁ ସତ୍ୟବାଦୀ ଗ୍ରୁପ୍‌ର ସାହିତ୍ୟିକମାନେ ତାଙ୍କୁ ଗଭୀର ଶ୍ରଦ୍ଧା ଦେଖାଉଥିଲେ। ପଲ୍ଲୀକବି ନନ୍ଦକିଶୋର ବଳ ତାଙ୍କୁ ଖୁବ୍ ଆପଣାପଣ ଦେଖାଇଥିଲେ। ଭକ୍ତକବି ମଧୁସୂଦନ, ଗୋଦାବରୀଶ ମିଶ୍ର, ରାଧାନାଥ ରାୟଙ୍କର ସେ ଖୁବ୍ ନିକଟତର ଥିଲେ। ତାଙ୍କ ଶିକ୍ଷାଗୁରୁ ତଥା ପ୍ରେମୀ ଡାକ୍ତର କୈଳାସ ନାଥ ରାଓ ତାଙ୍କୁ କବିତା ଲେଖିବାରେ ଓ ପ୍ରକାଶନରେ ବିଶେଷ ସହାୟତା କରିଥିଲେ।

କୁନ୍ତଳା ଥିଲେ ଅସମ୍ଭବ ଭାବେ ଆତ୍ମବିଶ୍ୱାସୀ ଓ ଆଶାବାଦୀ। କୌଣସି କୁତ୍ସା ବା ପ୍ରତିକୂଳ ପରିସ୍ଥିତି ତାଙ୍କୁ ନିଜ କର୍ତ୍ତବ୍ୟ ପଥରୁ ବିଚ୍ୟୁତ କରିପାରି ନ ଥିଲା। ସେ ଥିଲେ ଜଣେ ସଂଗଠିକା, ସମାଜସେବିକା ଓ ଦରିଦ୍ର ଜନର ସେବାକାରିଣୀ। ଭାରତ ମେଡିକାଲ ହଲ୍ ସ୍ଥାପନା କରି ସେ ରୋଗୀସେବା କରୁଥିଲେ। ନିଜ ବୃତ୍ତି ଓ ପ୍ରବୃତ୍ତି ପ୍ରତି ସଦା ସତ୍ୟନିଷ୍ଠ ଥିଲେ କୁନ୍ତଳା। ଉନ୍ନତ ସାହିତ୍ୟ ରଚନା ଓ ସମାଜସେବା ପାଇଁ ତାଙ୍କୁ ପୁରୀର ମହିଳା ବନ୍ଧୁ ସମିତି ତରଫରୁ ଉତ୍କଳ ଭାରତୀ ଉପାଧି ତଥା ଅସମ୍ଭବ ବାଗ୍ମିତା ପାଇଁ ତାଙ୍କୁ ଆର୍ଯ୍ୟସମାଜ ପକ୍ଷରୁ ଭାରତ ଭୂଷଣ ସମ୍ମାନରେ ଭୂଷିତ କରାଯାଇଥିଲା। ସେତେବେଳର ପ୍ରତିଷ୍ଠିତ ସାହିତ୍ୟିକମାନଙ୍କର ସେ ପ୍ରିୟ କବୀ ହୋଇ ଅନେକ ଶ୍ରଦ୍ଧା ଓ ପ୍ରୋତ୍ସାହନ ପାଇ କାବ୍ୟଜଗତରେ ଆଗେଇ ଚାଲିଲେ। କେବଳ କାବ୍ୟ କବିତା ନୁହେଁ, କୁନ୍ତଳାଙ୍କର ଥିଲା ଅସମ୍ଭବ ବୁଦ୍ଧିମତ୍ତା ଓ ଉଦାତ୍ତ ବାଗ୍ମିତା।

କୁନ୍ତଳାଙ୍କ ଜୀବନ ବର୍ତ୍ତମାନର ସଂସ୍କୃତି ବିଧ୍ୱସ୍ତସମାଜ ପାଇଁ ଏବଂ ଅଧଃପତିତ ମଣିଷମାନଙ୍କ ପାଇଁ ଏକ ଆଦର୍ଶର ଆଲୋକବର୍ତ୍ତିକା। ମାତ୍ର ଅଣଚାଳିଶ ବର୍ଷ ବୟସରେ କୁନ୍ତଳାଙ୍କ ଆଲୋକମୟ ଜୀବନର ଦୁଃଖଦ ଅବସାନ ଓଡ଼ିଆମାନଙ୍କ ପାଇଁ ନିଶ୍ଚିତରେ ଅବସୋସର ବିଷୟ। ମାତ୍ର ତାଙ୍କ ଆଶା ଓ ଆତ୍ମବିଶ୍ୱାସର ଅମର ଉଚ୍ଚାରଣ: 'ତଥାପି ମୋ ଆମ୍ବୁଫୁଲ ନ ଯିବରେ ମଉଳି' ପ୍ରତ୍ୟେକ ମଣିଷ ମନରେ ଅଫୁରନ୍ତ ଆଶା ଓ ବିଶ୍ୱାସ ସବୁକାଳ ପାଇଁ ସୃଜୁଥିବ।

ମୋ: ୮୬୩୭୨୫୬୪୭୦

ଧରିତ୍ରୀ 50 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୦/୨୦୨୪ Bhubaneswar, Saturday, February 10/ 2024

# ଆଜିଠୁ କଳିଙ୍ଗରେ ପୁରୁଷ ହକି ପ୍ରୋ-ଲିଗ୍

ଭୁବନେଶ୍ୱର, ୯।୨
(ତପନ ସ୍ୱାଇଁ)

ମହିଳା ହକି ପ୍ରୋ ଲିଗ୍ ୨୦୨୩-୨୪ର ଭୁବନେଶ୍ୱର ଚରଣ ଶୁକ୍ରବାର ଶେଷ ହୋଇଛି। ୧୨ ତାରିଖଠାରୁ ଏହାର ରାଉରକେଲା ଚରଣ ଆରମ୍ଭ ହେବ। ପୁରୁଷ ହକି ପ୍ରୋ ଲିଗ୍‌ର ଭୁବନେଶ୍ୱର ଚରଣ ଶନିବାରଠାରୁ ଆରମ୍ଭ ହେବ। କଳିଙ୍ଗ ଷ୍ଟାଡିୟମରେ ୫ ଦଳ ଆୟର୍ଲାଣ୍ଡ, ନେଦରଲାଣ୍ଡ୍ସ,

FIH PRO LEAGUE 2023/24

ଭାରତ, ସ୍ପେନ୍ ଓ ଅଷ୍ଟ୍ରେଲିଆ ଦଳ ଆକ୍ସନରେ ଦେଖିବାକୁ ମିଳିବେ। ପ୍ରଥମ ଦିବସରେ ଅପରାହ୍ନ ୫ଟା ୩୦ରେ ଆୟର୍ଲାଣ୍ଡ ଓ ନେଦରଲାଣ୍ଡ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ସନ୍ଧ୍ୟା ୭ଟା ୩୦ରେ ସ୍ପେନ୍ ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ଭାରତ ୧୧ରେ


ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ କୋଚ୍ କ୍ରେଗ୍ ଫୁଲଟନ ଓ ଅଧିନାୟକ ହରମନପ୍ରୀତ ସିଂ।

ନେଦରଲାଣ୍ଡ୍ସ, ୧୫ରେ ଅଷ୍ଟ୍ରେଲିଆ ଓ ୧୬ରେ ଆୟର୍ଲାଣ୍ଡକୁ ଭେଟିବ। ଏହାପରେ ପ୍ରତିଯୋଗିତାର ରାଉରକେଲା ଚରଣ ଆରମ୍ଭ ହେବ। ସେଠାରେ ଏହି ୫ ଦଳ ୧୯ରୁ ୨୫ ପର୍ଯ୍ୟନ୍ତ ପରସ୍ପରକୁ ଥରେ ଲେଖାଏ ଭେଟିବେ।

"ଅଲିମ୍ପିକ୍ସ ପୂର୍ବରୁ ଘରୋଇ ପରିବେଶରେ ପ୍ରୋ-ଲିଗ୍ ହେବାକୁ ଯାଉଛି। ତେଣୁ ଆମେ ସ୍ଥିର ପ୍ରଦର୍ଶନ ଉପରେ ବିଶେଷ ଗୁରୁତ୍ୱ ଦେବୁ। ଦଳରେ ସ୍ଥାନ ପାଇଥିବା କେତେକ ଯୁବ ଖେଳାଳିଙ୍କ ଉପରେ ନଜର ରହିବ। ପ୍ରୋ-ଲିଗ୍‌ରେ ୮ଟି ମ୍ୟାଚ ଖେଳିବାକୁ ସେମାନଙ୍କୁ ସୁଯୋଗ ଦିଆଯାଇଛି। ପ୍ରଦର୍ଶନ ଭିତ୍ତିରେ ଆମେ ଅଲିମ୍ପିକ୍ ଦଳ ଚୟନ କରିବୁ" ବୋଲି ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକା ଗସ୍ତରୁ ଫେରି ଭାରତ ପ୍ରୋ-ଲିଗ୍ ଖେଳିବାକୁ ଯାଉଛି। ସେଠାରେ ଭାରତୀୟ ଦଳ ଫ୍ରାନ୍ସ ଓ ନେଦରଲାଣ୍ଡ୍ସ ବିପକ୍ଷରେ ୩ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଗୋଟିଏ ଅଫିସିଆଲ ମ୍ୟାଚ ଖେଳିଥିଲା। ଫ୍ରାନ୍ସ ବିପକ୍ଷରେ ପ୍ରଥମ ମ୍ୟାଚରେ ୪-୦ ବିଜୟ ପରେ ପରବର୍ତ୍ତୀ ମ୍ୟାଚକୁ ୨-୨ରେ ଡ୍ର ରଖିଥିଲା। ପରବର୍ତ୍ତୀ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୩-୦ରେ ହରାଇଥିବାବେଳେ ନେଦରଲାଣ୍ଡ୍ସଠାରୁ ୧-୫ରେ ହାରି ଯାଇଥିଲା। ଏ ସମ୍ପର୍କରେ ମତଦେଇ ଫୁଲଟନ କହିଛନ୍ତି ଯେ, ଆମର ଆକ୍ରମଣାତ୍ମକ ବିଭାଗ ବେଶ୍ ଭଲ ଏବଂ ରକ୍ଷଣଭାଗରେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରୁଛୁ। ଦକ୍ଷିଣ ଆଫ୍ରିକା ଗସ୍ତରୁ ସୂଚନା ମିଳୁଛି ଯେ ଆମେ ଠିକ୍ ପଥରେ ରହିଛୁ। ଚୂଡ଼ାନ୍ତ ଦଳରେ ସ୍ଥାନ ପାଇବା ପାଇଁ ଖେଳାଳିଙ୍କ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ରହିଛି ଏବଂ ଏହା ଜରୁରୀ ମଧ୍ୟ। ଯୁବ ଖେଳାଳିମାନେ ଉଭୟ ରଣକୌଶଳ ଏବଂ ବୈଷୟିକ ଦୃଷ୍ଟିରୁ ଅଭିଜ୍ଞ ହୁଅନ୍ତୁ ବୋଲି ଆମେ ଚାହୁଁଛୁ। ପର୍ଯ୍ୟାପ୍ତ ବିକଳ୍ପ ଖେଳାଳି ଉପଲବ୍ଧ ରହିଲେ ଦଳର ଶକ୍ତି ବଢ଼ିବ ଏବଂ ଆହତ ସମସ୍ୟାର ସମାଧାନ କରିବା ସହଜ ହେବ।

ଭାରତ ଓ ସ୍ପେନ୍ ମଧ୍ୟରେ ମୋଟ ୩୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଭାରତ ୧୪ଟି ଜିତିଥିବାବେଳେ ସ୍ପେନ୍ ୧୨ଟିରେ ବିଜୟୀ ହୋଇଛି। ଅବଶିଷ୍ଟ ୬ ମ୍ୟାଚ ଡ୍ର ରହିଛି। ଶେଷ ୭ ମ୍ୟାଚର ଫଳାଫଳକୁ ଦେଖିବାକୁ ଗଲେ ଉଭୟ ଦଳ ପରସ୍ପରକୁ କଡ଼ା ଟକ୍କର ଦେଇଛନ୍ତି। ଭାରତ ଓ ସ୍ପେନ୍ ୩ଟି ଲେଖାଏ ମ୍ୟାଚ ଜିତିଥିବାବେଳେ ଗୋଟିଏ ମ୍ୟାଚ ଡ୍ର ରହିଛି। ଶେଷଥରପାଇଁ ଉଭୟ ଦଳ ଗତବର୍ଷ ପରସ୍ପରକୁ ବାର୍ସିଲୋନାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ଭେଟିଥିଲେ। ଏଥିରେ ସ୍ପେନ୍ ୨-୧ ଗୋଲରେ ବିଜୟୀ ହୋଇଥିଲା।

ଆସନ୍ତା ଲିଗ୍‌ରେ ଭାରତୀୟ ଦଳର ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଅଧିନାୟକ ହରମନପ୍ରୀତ ସିଂ। "ପ୍ରୋ-ଲିଗ୍‌ରେ ଆମେ ବିଶ୍ୱର ଟପ୍-କ୍ୱାଲିଟି ଟିମ୍ ବିପକ୍ଷରେ ଖେଳିବା ସୁଯୋଗ ପାଇବୁ। ଫଳରେ ଆସନ୍ତା ଅଲିମ୍ପିକ୍ସ ପାଇଁ ଭଲଭାବେ ନିଜକୁ ପ୍ରସ୍ତୁତ କରିପାରିବୁ। ଯେଉଁ ବିଭାଗଗୁଡ଼ିକ ଉପରେ କାର୍ଯ୍ୟ କରିବାର ଅଛି ତା' ଉପରେ ଆମେ ଫୋକସ କରୁଛୁ। ଆମେ ନିଜର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଜାଣିବାକୁ ମଧ୍ୟ ଅବସର ରହିବ। ତେଣୁ ପ୍ରୋ-ଲିଗ୍ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ" ବୋଲି ହରମନପ୍ରୀତ କହିଛନ୍ତି।

# ଫୁଟ୍‌ବଲରେ ଖୁବ୍‌ଶୀଘ୍ର ବ୍ଲୁ କାର୍ଡ

**ଫୁଟ୍‌ବଲରେ ଖୁବ୍ ଶୀଘ୍ର 'ବ୍ଲୁ କାର୍ଡ' କାର୍ଯ୍ୟକାରୀ ହେବାକୁ ଯାଉଛି। ଜଣେ ଖେଳାଳିଙ୍କୁ ବ୍ଲୁ କାର୍ଡ ଦିଆଗଲେ ସମ୍ପୃକ୍ତ ଖେଳାଳି ଖେଳରୁ ୧୦ ମିନିଟ୍ ପାଇଁ ସସ୍‌ପେଣ୍ଡ ହେବେ। ସମୟ ନଷ୍ଟ କରିବା ଉଦ୍ଦେଶ୍ୟରେ ଅଯଥା ଜାଣିଶୁଣି ଫାଉଲ ମାରିବା କିମ୍ବା ରେଫରିଙ୍କୁ ଅପମାନିତ କଲେ ସମ୍ପୃକ୍ତ ଖେଳାଳିଙ୍କୁ ବ୍ଲୁ କାର୍ଡ ମିଳିବ।**



ଫୁଟ୍‌ବଲରେ ଖୁବ୍ ଶୀଘ୍ର 'ବ୍ଲୁ କାର୍ଡ' କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ନୂଆ ନିୟମ ବିଶେଷକରି ରେଫରିଙ୍କୁ ସାହାଯ୍ୟ କରିବ। ରିପୋର୍ଟ ଅନୁସାରେ ଏକ ହ୍ୟାଣ୍ଡବଲ୍ ମ୍ୟାଚରେ ରେଫରି ମାର୍ଟିନ ଥୋଏନ୍ ବ୍ଲୁ କାର୍ଡ ନିୟମକୁ କାର୍ଯ୍ୟକାରୀ କରିଥିଲେ। ଏହାକୁ ପ୍ରଣୟନ କରି ଇଣ୍ଟରନ୍ୟାଶନାଲ ଆସୋସିଏଶନ ଫୁଟ୍‌ବଲ ବୋର୍ଡ (ଆଇଏଫ୍ଏବି) ଖେଳ ନିୟମରେ ଏକ ଐତିହାସିକ ପରିବର୍ତ୍ତନ ଆଣିବାକୁ ଯାଉଛି। ଏଥିରେ ରେଡ୍ କାର୍ଡ ତୁଳନାରେ ସ୍ୱଳ୍ପ ଦଣ୍ଡର ବ୍ୟବସ୍ଥା ଥିଲେ ମଧ୍ୟ ଖେଳରେ ଏହା ଖୁବ୍ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି। ଜଣେ ଖେଳାଳିଙ୍କୁ ବ୍ଲୁ କାର୍ଡ ଦିଆଗଲେ ସମ୍ପୃକ୍ତ ଖେଳାଳି ଖେଳରୁ ୧୦ ମିନିଟ୍ ପାଇଁ ସସ୍‌ପେଣ୍ଡ ହେବେ। ସମୟ ନଷ୍ଟ କରିବା ଉଦ୍ଦେଶ୍ୟରେ ଅଯଥା ଜାଣିଶୁଣି ଫାଉଲ ମାରିବା କିମ୍ବା ରେଫରିଙ୍କୁ ଅପମାନିତ କଲେ ସମ୍ପୃକ୍ତ ଖେଳାଳିଙ୍କୁ ବ୍ଲୁ କାର୍ଡ ମିଳିବ।

ଅନ୍ୟପକ୍ଷରେ ଆସନ୍ତା ସିଜନରେ ଲିଗ୍-୧ରେ ଆଉ ଏକ ନିୟମ ହ୍ୱାଇଟ୍ କାର୍ଡର ପରୀକ୍ଷାମୂଳକ ବ୍ୟବହାର ଲାଗି ବିଚାର ଯୋଜନା ଚାଲିଛି। ବହୁ ମାସ ପୂର୍ବେ ଫ୍ରାନ୍ସ ପ୍ରଥମ ରାଷ୍ଟ୍ର ଭାବେ ଏହି ପ୍ରସ୍ତାବ ଦେଇଥିଲା। ଲିଗ୍-୧ରେ ଏହାକୁ ସୀମିତ ରଖିବା ପାଇଁ କହିଥିଲା। ଆଲୋଚନା ପରେ ଫ୍ରାନ୍ସ ୨୦୨୪-୨୫ ସିଜନରେ ପ୍ରଥମେ ନିଜ ଦେଶରେ ଏହି ନିୟମକୁ କାର୍ଯ୍ୟକାରୀ କରିବାକୁ ସ୍ଥିର କରିଥିଲା। ମାତ୍ର ଆଇଏଫ୍ଏବି'ର ହସ୍ତକ୍ଷେପ ଯୋଗୁ ଏହି ନିୟମକୁ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରତିଯୋଗିତାରେ ଲାଗୁ କରାଯାଇପାରେ। ବ୍ୟବହାରିକ ଦୃଷ୍ଟିରୁ ହକି ଖେଳ ଭଳି ଅନୁରୂପ ଫୁଟ୍‌ବଲରେ ବ୍ଲୁ କାର୍ଡକୁ ବ୍ୟବହାର କରାଯିବ। ନିୟମ ଉଲ୍ଲଂଘନର ମାତ୍ରାକୁ ବିଚାର କରି ରେଫରି ସମ୍ପୃକ୍ତ ଖେଳାଳିଙ୍କୁ କେତେ ସମୟ ପାଇଁ ପଡ଼ିଆ ବାହାରକୁ ଯିବାକୁ ହେବ ତାହା ସ୍ଥିର କରିବେ। ପ୍ରଥମ ପର୍ଯ୍ୟାୟରେ ଏହି ନୂଆ ନିୟମକୁ ଚାମ୍ପିୟନ୍ସ ଲିଗ୍ ଅବା ପ୍ରିମିୟମର ଲିଗ୍ ଓ ଲା ଲିଗା ଭଳି ନ୍ୟାଶନାଲ ଲିଗ୍‌ଗୁଡ଼ିକରେ ଲାଗୁ କରାଯାଇପାରେ। ବ୍ଲୁ କାର୍ଡ ନିୟମ ଲାଗୁ କରାଯିବା ସମ୍ପର୍କରେ ଆଇଏଫ୍ବି ତରଫରୁ ଖୁବ୍ ଶୀଘ୍ର ବିଧିବଦ୍ଧ ଘୋଷଣା କରାଯିବ ବୋଲି ଆଶା କରାଯାଉଛି।

# ତ୍ରୁଟି ସ୍ୱୀକାର କଲେ ଡି'ଭିଲର୍ସ

ଜୋହାନ୍ସବର୍ଗ, ୯।୨(ପି.ଟି.)



ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ସମ୍ପର୍କରେ ଭୁଲ ସୂଚନା ଦେଇଥିବାରୁ ତ୍ରୁଟି ସ୍ୱୀକାର କରିଛନ୍ତି ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ଏବି ଡି'ଭିଲର୍ସ। ବିରାଟ ଓ ତାଙ୍କ ସ୍ତ୍ରୀ ଅନୁଷ୍କା ଶର୍ମା ନିକଟରେ ଦ୍ୱିତୀୟ ସନ୍ତାନର ପିତାମାତା ହେବାକୁ ଯାଉଛନ୍ତି ବୋଲି ଡି'ଭିଲର୍ସ କିଛି ଦିନ ପୂର୍ବେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ କହିବା ପରେ ବିଭିନ୍ନ ମହଲରେ ଏହା ଆଲୋଚନାର ବିଷୟବସ୍ତୁ ପାଲଟିଥିଲା। ଚଳିତ ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚ ବେଳେ ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଡି'ଭିଲର୍ସ ତାଙ୍କ ବକ୍ତବ୍ୟକୁ ପ୍ରତ୍ୟାହାର କରି ନେଇଛନ୍ତି। ସବୁ କ୍ଷେତ୍ରରେ ପରିବାରକୁ ଅଗ୍ରାଧିକାର ଦେବା ଉଚିତ। ବିରାଟ ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇ ଟେଷ୍ଟରୁ ଓହରିଯିବା ନିଷ୍ପତ୍ତି ଯଥାର୍ଥ ବୋଲି ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ସେ କହିଥିଲେ। ତେବେ କୋହଲିଙ୍କ ସମ୍ପର୍କରେ ସେ ଯେଉଁ ତଥ୍ୟ ପ୍ରଦାନ କରିଥିଲେ ସେଥିରେ ସତ୍ୟତା ନ ଥିବା ଜାଣିବାକୁ ପାଇଛନ୍ତି ଇଭେଣ୍ଟର ବ୍ରାଣ୍ଡ ଆମ୍ବାସାଡର ଡି'ଭିଲର୍ସ । କୋହଲି ଖୁବ୍‌ଶୀଘ୍ର ସୁସ୍ଥ ସବଳ ସହ ଦୃଢ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସେ ଆଶା କରନ୍ତି। ସେ ଚଳିତ ସିରିଜରେ ଆଦୌ ଖେଳି ନ ପାରନ୍ତି।

# ଅବଶିଷ୍ଟ ୩ ଟେଷ୍ଟ ଖେଳି ନ ପାରନ୍ତି ଶ୍ରେୟସ ଆୟର

ନୂଆଦିଲ୍ଲୀ, ୯।୨(ପି.ଟି.)



ଗ୍ରୋଇନ୍ ଇଞ୍ଜୁରୀ ଓ ପିଠି ମାଂସପେଶୀରେ ସମସ୍ୟା ଦେଖାଦେଇଥିବାରୁ ଶ୍ରେୟସ ଆୟର ଇଂଲଣ୍ଡ ବିପକ୍ଷ ଚଳିତ କ୍ରିକେଟ ଟେଷ୍ଟ ସିରିଜର ଅବଶିଷ୍ଟାଂଶରୁ ଓହରିଯାଇ ପାରନ୍ତି। ଏହି ଭାରତୀୟ ବ୍ୟାଟରଙ୍କ ପିଠିରେ ଗତବର୍ଷ ଏକ ଅସ୍ତ୍ରୋପଚାର ହୋଇଥିଲା। ୨୯ ବର୍ଷୀୟ ଆୟର ଓପନିଂ ଦୁଇ ଟେଷ୍ଟରେ ଯଥାକ୍ରମେ ୩୫, ୧୩, ୨୭ ଓ ୨୯ ରନ ସଂଗ୍ରହ କରିପାରିଛନ୍ତି। ଦଳକୁ ସେ ଭଲ ଆରମ୍ଭ ଦେଇପାରି ନାହାନ୍ତି। ଆୟରଙ୍କ ବର୍ତ୍ତମାନ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବିସିସିଆଇ ଅବଗତ ଅଛି। ଭାରତୀୟ ଦଳ ପୂର୍ବରୁ ଆଘାତଜନିତ ସମସ୍ୟାରେ ରହିଛି। ଆଘାତପ୍ରାପ୍ତଙ୍କ ମଧ୍ୟରେ କେ.ଏଲ୍. ରାହୁଲ ଓ ରବୀନ୍ଦ୍ର ଜାଡେଜାଙ୍କ ଭଳି ପ୍ରମୁଖ ଖେଳାଳି ରହିଛନ୍ତି। କୋହଲି ବ୍ୟକ୍ତିଗତ କାରଣ ଦର୍ଶାଇ ପ୍ରଥମ ଦୁଇ ଟେଷ୍ଟରୁ ଓହରିଯାଇଛନ୍ତି। ରାଜକୋଟ ଓ ରାଞ୍ଚି ଗେମ୍ ପାଇଁ ସେ ଉପଲବ୍ଧ ହୋଇ ନ ପାରନ୍ତି। ଚୟନକର୍ତ୍ତାମାନେ ଅବଶିଷ୍ଟ ୩ ଟେଷ୍ଟ ପାଇଁ ଦଳ ଘୋଷଣା କରି ନାହାନ୍ତି। ସୋମବାର ବିଶାଖାପାଟଣା ଟେଷ୍ଟରେ ୧୦୬ ରନରେ ବିଜୟ ସହ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଦୃଢ ପ୍ରତ୍ୟାବର୍ତ୍ତନ କରିଛି। ଇଂଲଣ୍ଡ ଓପନିଂ ଟେଷ୍ଟରେ ୨୮ରନରେ ବିଜୟୀ ହୋଇଥିଲା। ପ୍ରଥମ ଦୁଇ ଟେଷ୍ଟ ଶେଷ ହେବା ପରେ ଭ୍ରମଣକାରୀ ଦଳ ପୁନର୍ବାର ଟ୍ରେନିଂ ପାଇଁ ଆବୁଧାବି ଫେରିଯାଇଛି। ରାଜକୋଟଠାରେ ଆସନ୍ତା ୧୫ ତାରିଖରୁ ଖେଳ ଆରମ୍ଭ ହେବ। ଏହା ପୂର୍ବରୁ ଇଂଲଣ୍ଡ କ୍ରିକେଟ ଦଳ ଭାରତ ଫେରିଆସିବ। ଭାରତୀୟ ଦଳ ଫେବୃଆରୀ ୧୧ରେ ରାଜକୋଟଠାରେ ପହଞ୍ଚିବ। ଏହାର ଦିନକ ପରେ ଇଂଲଣ୍ଡ ସେଠାରେ ପହଞ୍ଚିବ।

# କରନବୀର, କିର୍ପାଲଙ୍କ ସମେତ ବହୁ କ୍ରୀଡ଼ାବିତ୍ ବାସନ୍ଦ

ନୂଆଦିଲ୍ଲୀ, ୯।୨ (ପି.ଟି.)

ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା)ର ଡିସିପ୍ଲିନାରୀ ପ୍ୟାନେଲ ଭାରତର ଟପ୍ ଶଟ ପୁଟର କରନବୀର ସିଂ ଏବଂ ଡିସ୍କସ୍ ଥ୍ରୋୟର କିର୍ପାଲ ସିଂଙ୍କ ସମେତ ବିଭିନ୍ନ ଖେଳର ବହୁ ଆଥଲେଟଙ୍କୁ ୪ ବର୍ଷ ଲେଖାଏଁ ବାସନ୍ଦ ଦଣ୍ଡ ପ୍ରଦାନ କରିଛି। ନାଡା ପକ୍ଷରୁ ସେମାନଙ୍କର ଏକ ତାଲିକା ପ୍ରକାଶ କରାଯାଇଛି। କିର୍ପାଲଙ୍କ ବାସନ୍ଦ ଅବଧି ପିଛିଲା ୨୦୨୩ ଜୁଲାଇ ୭ରୁ ଏବଂ କରନବୀରଙ୍କର ୨୦୨୩ ଜୁଲାଇ ୨୬ରୁ ଲାଗୁ କରାଯାଇଛି। ଗତ ଜୁଲାଇରେ ନାଡା ପକ୍ଷରୁ ସାମୟିକ ତୁରନ୍ତ ସସ୍‌ପେଣ୍ଡ କରାଯାଇଥିବା ପ୍ରମୁଖ ଆଥଲେଟଙ୍କ ମଧ୍ୟରେ ଏହି ଦୁଇ ଜଣ ଅଛନ୍ତି। ୨୫ ବର୍ଷୀୟ କର୍ନବୀର ଗତବର୍ଷ ଫେଡେରେଶନ କପ୍‌ରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ମେଥାଡିନୋନ୍ ଓ ଏସ୍ଏଆର୍ଏମ୍ଏସ୍ ଇନୋବୋସାର୍ମ ପାଇଁ ସେ ଡୋପ୍ ଟେଷ୍ଟରେ ପଜିଟିଭ ହୋଇଥିଲେ। ଏହି କାରଣରୁ ସେ ଗତବର୍ଷ ଜୁଲାଇରେ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରୁ ଓହରିଯାଇଥିଲେ। ଗତବର୍ଷ ନ୍ୟାଶନାଲ ଇଣ୍ଟର-ଷ୍ଟେଟ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଥିବା କିର୍ପାଲ ଷ୍ଟାଞ୍ଜୋଲଲ୍ ପାଇଁ ପଜିଟିଭ ହୋଇଥିଲେ।

# ନିର୍ମଳା ଶେଓରାନ ୮ବର୍ଷ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୯।୨ (ପି.ଟି.):** ଦୁଇ ଥର ଡୋପ୍ ଅପରାଧ ପାଇଁ ଭାରତର କ୍ୱାର୍ଟର ମାଇଲର ନିର୍ମଳା ଶେଓରାନଙ୍କୁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା)ର ଡିସିପ୍ଲିନାରୀ ପ୍ୟାନେଲ ୮ ବର୍ଷ ବାସନ୍ଦ କରିଛି। ଗତବର୍ଷ ହୋଇଥିବା ଡୋପ୍ ଟେଷ୍ଟରେ ନିଷିଦ୍ଧ ଉପାଦାନ ପାଇଁ ସେ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ୨୦୧୮ରେ ଏକ ଡୋପ୍ ଅପରାଧ ପାଇଁ ୪ ବର୍ଷ ବାସନ୍ଦ ଦଣ୍ଡ ଭୋଗି ସାରିବା ପରେ ସେ ଗତବର୍ଷ ଜୁନ୍‌ରେ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍‌ରେ ପ୍ରତିଯୋଗିତାକୁ ଫେରିଥିଲେ। ଶେଓରାନଙ୍କ ବାସନ୍ଦ ଦଣ୍ଡ ପିଛିଲା ୨୦୨୩ ଅଗଷ୍ଟ ୭ରୁ ଲାଗୁ କରାଯାଇଛି। ନାଡା ୱେବସାଇଟ୍ ଅନୁସାରେ ଶେଓରାନ ଆନାବୋଲିକ ଆଣ୍ଡ୍ରୋଜେନିକ୍ ଷ୍ଟେରଏଡ୍ସ (ଏଏଏସ୍) ଏବଂ ଟେଷ୍ଟୋଷ୍ଟେରନ (ଟି) ପାଇଁ ଡୋପ୍ ଟେଷ୍ଟରେ ପିଜିଟିଭ ଆସିଥିଲା।






# ପ୍ରାରମ୍ଭିକ ବିପର୍ଯ୍ୟୟରୁ ଫାଇଦା ନେଇପାରିଲାନି ଓଡ଼ିଶା

ଭୁବନେଶ୍ୱର, ୯।୨
(ତପନ ସ୍ୱାଇଁ)

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଶୁକ୍ରବାର ଓଡ଼ିଶା ଓ ଉତ୍ତରାଖଣ୍ଡ ମଧ୍ୟରେ ରଣଜୀ ଟ୍ରଫି ଗ୍ରୁପ୍ 'ଡି' କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୨ ରନ ମଧ୍ୟରେ ଉତ୍ତରାଖଣ୍ଡ ୨ଟି ଉଇକେଟ ହରାଇଥିଲେ ହେଁ ଏହାର ଫାଇଦା ଉଠାଇପାରି ନାହିଁ ଓଡ଼ିଶା। ବୈଭବ ଭଟ୍ଟଙ୍କ ଶତକ ଓ ଅଧିନାୟକ ଜିୱନଜୋତ ସିଂଙ୍କ ଦୃଢ଼ ବ୍ୟାଟିଂ ଫଳରେ ଉତ୍ତରାଖଣ୍ଡ ପ୍ରଥମ ଦିବସ ଖେଳ ଶେଷ ବେଳକୁ ୩ ଉଇକେଟ ହରାଇ ୨୩୨ ରନ ସଂଗ୍ରହ କରିଛି। ୭ ଉଇକେଟ ସୁରକ୍ଷିତ ଥିବାରୁ ଦଳ ବଡ଼ ସ୍କୋର ଲକ୍ଷ୍ୟରେ ରହିଛି।

ଟସ୍ ଜିତି ଉତ୍ତରାଖଣ୍ଡ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ସ୍କୋର ବୋର୍ଡରେ ରନ୍ ଆସି ନ ଥିବାବେଳେ ପ୍ରଥମ ଓଭରର ତୃତୀୟ ବଲ୍‌ରେ ଓପନର କୁନାଲ ଚାଣ୍ଡେଲାଙ୍କୁ ଆଉଟ କରି ଉତ୍ତରାଖଣ୍ଡକୁ ପ୍ରଥମ ଝଟ୍‌କା ଦେଇଥିଲେ ଇନ୍‌ଫର୍ମ ଓଡ଼ିଶା ବୋଲର ରାଜେଶ ମହାନ୍ତି। ଏଠାରେ ପ୍ରଥମଶ୍ରେଣୀ ପଦାର୍ପଣ କରିଥିବା ସଞ୍ଜିତ ସାଜୱାନ ୭ ରନକରି ସୁନୀଲ ରାଉଳଙ୍କ ବଲ୍‌ରେ ବୋଲ୍ଡ ହୋଇ ଯାଇଥିଲେ। ଫଳରେ ୭.୪ ଓଭର ବେଳକୁ ଉତ୍ତରାଖଣ୍ଡ ସ୍କୋର ୨୨/୨ ହୋଇ ଯାଇଥିଲା। ଏହାପରେ ବୈଭବ ଓ ଜିୱନଜୋତ ଖେଳିଥିଲେ କ୍ୟାରିୟରର ଅନ୍ୟତମ ସ୍ମରଣୀୟ ଇନିଂସ। ଦୁହେଁ ଓଡ଼ିଶା ବୋଲରଙ୍କୁ ସଫଳ ମୁକାବିଲା କରି ତୃତୀୟ ଉଇକେଟରେ ୧୮୦ ରନ ଯୋଗକରି ଉତ୍ତରାଖଣ୍ଡକୁ ସଙ୍କଟ ପରିସ୍ଥିତିରୁ ମୁକୁଳାଇ ଦେଇଥିଲେ। ଶତକଠାରୁ ୧୦ ରନ ଦୂରରେ ଥିବା ଜିୱନଜୋତଙ୍କୁ ଆଉଟ କରି ହର୍ଷିତ ରାଠୋଡ ଯୋଡ଼ି ଭାଙ୍ଗିଥିଲେ। ଜିୱନଜୋତ ୧୦ ଚୌକା ସହାୟତାରେ ୯୦ ରନ କରିଥିଲେ। ବୈଭବ କିନ୍ତୁ ହାସଲ କରିଥିଲେ କ୍ୟାରିୟରର ଦ୍ୱିତୀୟ ପ୍ରଥମଶ୍ରେଣୀ ଶତକ। ସେ ୨୮୯ ମିନିଟ କ୍ରିଜରେ ତିଷ୍ଠିରହି ୧୨ ଚୌକା ଓ ୧ ଛକା ସହାୟତାରେ ୧୦୧ ରନରେ ଅପରାଜିତ ରହିଛନ୍ତି। ଷ୍ଟମ୍ପ୍ସ ବେଳକୁ ବୈଭବଙ୍କ ସହ ସ୍ୱପ୍ନିଲ ସିଂ ୨୧ ରନରେ ଅପରାଜିତ ଅଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ରାଜେଶ ମହାନ୍ତି, ସୁନୀଲ ରାଉଳ ଓ ହର୍ଷିତ ରାଠୋଡ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।


କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ଓ ଉତ୍ତରାଖଣ୍ଡ ମଧ୍ୟରେ ଅନୁଷ୍ଠିତ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ।

**ସଂକ୍ଷିପ୍ତ ସ୍କୋର**

ଉତ୍ତରାଖଣ୍ଡ ପ୍ରଥମ ଇନିଂସ: ୨୩୨/୩ (ବୈଭବ ଭଟ୍ଟ-୧୦୧*, ଜିୱନଜୋତ ସିଂ-୯୦, ରାଜେଶ ମହାନ୍ତି-୧/୨୫, ସୁନୀଲ ରାଉଳ-୧/୪୩, ହର୍ଷିତ ରାଠୋଡ-୧/୫୬)।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ପୃଷ୍ଠା-୧୨+୮

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୦/୨୦୨୪ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 10/2024 Page 20 ₹ 7.00



DSPL-636

ODISHA INDIA'S BEST KEPT SECRET | FIH | HOCKEY INDIA

FIH PRO LEAGUE 2023/24

## ପୁରୁଷ ଏଫ୍‌ଆଇଏଚ୍
## ହକି ପ୍ରୋ ଲିଗ୍
## ୨୦୨୩-୨୪

**ଭୁବନେଶ୍ୱର - ରାଉରକେଲା**



### ଭୁବନେଶ୍ୱର

| | | | |
|---|---|---|---|
| ୧୦.୦୨.୨୦୨୪ | ଭାରତ | ବନାମ | ସ୍ପେନ୍ |
| ୧୧.୦୨.୨୦୨୪ | ଭାରତ | ବନାମ | ନେଦରଲାଣ୍ଡସ୍ |
| ୧୫.୦୨.୨୦୨୪ | ଭାରତ | ବନାମ | ଅଷ୍ଟ୍ରେଲିଆ |
| ୧୬.୦୨.୨୦୨୪ | ଭାରତ | ବନାମ | ଆୟର୍ଲାଣ୍ଡ |

### ରାଉରକେଲା

| | | | |
|---|---|---|---|
| ୧୯.୦୨.୨୦୨୪ | ଭାରତ | ବନାମ | ସ୍ପେନ୍ |
| ୨୧.୦୨.୨୦୨୪ | ଭାରତ | ବନାମ | ନେଦରଲାଣ୍ଡସ୍ |
| ୨୪.୦୨.୨୦୨୪ | ଭାରତ | ବନାମ | ଅଷ୍ଟ୍ରେଲିଆ |
| ୨୫.୦୨.୨୦୨୪ | ଭାରତ | ବନାମ | ଆୟର୍ଲାଣ୍ଡ |

ଲାଇଭ୍ ଦେଖନ୍ତୁ
sports 18 JioCinema
ସଂନ୍ଧ୍ୟା ୭:୩୦

ଟିକେଟ ବୁକ୍ କରନ୍ତୁ
ଅନ୍ ଲାଇନ୍
ticketgenie.in
ଅଫ୍ ଲାଇନ୍
ଗେଟ୍ ନଂ - ୯
କଳିଙ୍ଗ ଷ୍ଟାଡିଅମ ,ଭୁବନେଶ୍ୱର
ଗେଟ୍ ନଂ - ୨ ଏବଂ ୭
ବିର୍ସା ମୁଣ୍ଡା ହକି ଷ୍ଟାଡିଅମ, ରାଉରକେଲା

FIH PRO LEAGUE | ODISHA INDIA'S BEST KEPT SECRET | GLOBAL PARTNERS Watch Hockey, FIH HOCKEY MANAGER | NATIONAL PRESENTING PARTNER ODISHA | NATIONAL PARTNER OMC ODISHA | GLOBAL SUPPLIER polytan | NATIONAL SUPPLIERS Apollo HOSPITALS, Sportz

OIPR-29001/13/0226/2324

# ଦେଶରେ ୯୬.୮୮ କୋଟି ଭୋଟର

**ନୂଆଦିଲ୍ଲୀ,୯।୨(ପି.ଟି.):** ଚଳିତ ବର୍ଷ ଏପ୍ରିଲ-ମେ’ରେ ହେବାକୁ ଯାଉଥିବା ଲୋକ ସଭା ନିର୍ବାଚନରେ ଭୋଟ ଦେବା ପାଇଁ ଦେଶରେ ୯୬.୮୮ କୋଟି ଯୋଗ୍ୟ ଭୋଟର ରହିଛନ୍ତି, ଯାହା ବିଶ୍ୱରେ ସର୍ବାଧିକ। ନିର୍ବାଚନ କମିଶନ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ଭୋଟର ତାଲିକାରେ ୧୮ରୁ ୨୯ ବର୍ଷ ବୟସ ବର୍ଗର ୨ କୋଟିରୁ ଊର୍ଦ୍ଧ୍ୱ ଯୁବ ମତଦାତା ସାମିଲ ହୋଇଛନ୍ତି। ୨୦୧୯ରୁ ଇତିମଧ୍ୟରେ ଭୋଟର ପଞ୍ଜୀକରଣରେ ୬ ପ୍ରତିଶତ ବୃଦ୍ଧି ଘଟିଛି। ଲିଙ୍ଗଗତ ଅନୁପାତ ମଧ୍ୟ ବଢ଼ିଛି। ୨୦୨୩ରେ ଏହା ୯୪୦ ଥିବାବେଳେ ୨୦୨୪ରେ ୯୪୮କୁ ବୃଦ୍ଧି ପାଇଥିବା ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ପୁଣେରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଭୋଟର ତାଲିକା ସଂଶୋଧନରେ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।

# ନିଜ ଦଳକୁ ବିଜୟୀ ଦାବିକଲେ ଶରିଫ

**ପାକିସ୍ତାନ ନିର୍ବାଚନ ଫଳ ଅସ୍ପଷ୍ଟ**

**ଇମ୍ରାନ୍‌ଙ୍କ ଦଳ ସମର୍ଥିତ ପ୍ରାର୍ଥୀ ଅଧିକ ଆସନ ଜିତିଛନ୍ତି**

**ଇସ୍‌ଲାମାବାଦ,୯।୨**


ଇମ୍ରାନ୍ ଖାନ୍


ନୱାଜ ଶରିଫ

ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲି ଫଳାଫଳ ଅସ୍ପଷ୍ଟ ରହିଥିବାବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ ନିଜ ଦଳ ପିଏମ୍‌ଏଲ-ଏନ୍‌କୁ ବିଜୟୀ ବୋଲି ଦାବି କରିଛନ୍ତି। ନିର୍ବାଚନରେ ତାଙ୍କ ଦଳ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି ଏବଂ ମେଣ୍ଟ ସରକାର ଗଢ଼ିବା ନେଇ ଆଲୋଚନା ଚାଲିଛି ବୋଲି ଶରିଫ କହିଛନ୍ତି। ତେବେ ପିଏମ୍‌ଏଲ୍-ଏନ୍‌କୁ କେତେ ଆସନ ମିଳିଛି, ସେ ତାହା ସ୍ପଷ୍ଟ କରିନାହାନ୍ତି। ସରକାର ଗଢ଼ିବା ପାଇଁ ୧୩୩ ସଦସ୍ୟଙ୍କ ଆବଶ୍ୟକତା ଥିବାବେଳେ ନିର୍ବାଚନ କମିଶନଙ୍କ ପକ୍ଷରୁ ସଦ୍ୟ ପ୍ରକାଶିତ ଫଳାଫଳ ଅନୁଯାୟୀ ଶରିଫ୍‌ଙ୍କ ଦଳ ୪୨ ଆସନ ଜିତିଛି। ଅନ୍ୟପକ୍ଷରେ ଜେଲରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ଆଗରେ ଅଛନ୍ତି। ଘୋଷିତ ୧୩୯ ଆସନ ମଧ୍ୟରୁ ଇମ୍ରାନଙ୍କ ଦଳ ପିଟିଆଇ ସମର୍ଥିତ ପ୍ରାର୍ଥୀମାନେ ୫୫ଟିରେ ବିଜୟ ହୋଇଛନ୍ତି। ପିପିପିକୁ ୩୫ ଆସନ ମିଳିଛି। ଅନ୍ୟ ଆସନଗୁଡ଼ିକ ଛୋଟ ଦଳକୁ ଯାଇଛି। ସମ୍ପୂର୍ଣ୍ଣ ଫଳାଫଳ ଘୋଷଣାରେ ବିଳମ୍ବ ହେଉଥିବାରୁ ଭୋଟ ରିଗିଂ ହେବା ନେଇ ଅଭିଯୋଗ ହୋଇଛି।

ଗୁରୁବାର ବୁଥ୍ ରିଗିଂ ଓ ହିଂସାକାଣ୍ଡ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଇମ୍ରାନ୍‌ଙ୍କ ତେହରିକ୍-ଇ-ଇନ୍‌ସାଫ(ପିଟିଆଇ) ପ୍ରାର୍ଥୀମାନେ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଥିବାବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କ ପାକିସ୍ତାନ ମୁସଲିମ୍ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍) ଏବଂ ବିଲାୱାଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ସହ ସେମାନଙ୍କର ଜୋର୍‌ଦାର ଲଢ଼େଇ ହୋଇଥିଲା। ସରକାର ଗଢ଼ିବାକୁ ହେଲେ ୨୬୫ ଆସନ ବିଶିଷ୍ଟ ନ୍ୟାଶନାଲ ଆସେମ୍ବ୍ଲିରେ ୧୩୩ ଆସନରେ ବିଜୟୀ ହେବା ଆବଶ୍ୟକ। ଗୋଟିଏ ଆସନରେ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ସେଠାରେ ନିର୍ବାଚନ ସ୍ଥଗିତ ରହିଛି।


ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲି ନିର୍ବାଚନରେ ପିଏମ୍‌ଏଲ୍-ଏନ୍ ବିଜୟୀ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ ଦାବି କରିବା ପରେ ତାଙ୍କ ସମର୍ଥକମାନେ ଲାହୋରର ମଡେଲ ଟାଉନସ୍ଥିତ ଦଳୀୟ କାର୍ଯ୍ୟାଳୟ ନିକଟରେ ଖୁସି ମନାଉଛନ୍ତି।

# ଭାଜପା ସହ ମେଣ୍ଟକୁ ମନା କରିବାର କିଛି ନାହିଁ: ଜୟନ୍ତ

**ନୂଆଦିଲ୍ଲୀ,୯।୨**


ଜୟନ୍ତ ଚୌଧରୀ

ଆଗାମୀ ଲୋକ ସଭା ନିର୍ବାଚନରେ ଉତ୍ତରପ୍ରଦେଶରେ ଭାଜପା ସହ ଆର୍‌ଏଲ୍‌ଡି ମେଣ୍ଟ କରିବ ବୋଲି ଏହାର ଅଧ୍ୟକ୍ଷ ଜୟନ୍ତ ଚୌଧରୀ ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ତାଙ୍କ ଜେଜେ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଚରଣ ସିଂଙ୍କୁ ଭାରତରତ୍ନ ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା ହେବାର କିଛି ସମୟ ପରେ ଜୟନ୍ତ ଏହା କହିଛନ୍ତି। ଚରଣ ସିଂଙ୍କୁ ଭାରତରତ୍ନ ଘୋଷଣା ତାଙ୍କ ହୃଦୟ ଜିତିନେଇଛି ବୋଲି ନାତି ଜୟନ୍ତ କହିବା ସହ ଭାଜପା ସହ ମେଣ୍ଟ ପ୍ରସ୍ତାବକୁ ମନା କରିବାର କିଛି ନାହିଁ ବୋଲି କହିଛନ୍ତି। କେନ୍ଦ୍ରର ଏହି ନିଷ୍ପତ୍ତିକୁ ଉତ୍ତରପ୍ରଦେଶ ବିଧାନସଭାରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ବାଚସ୍ପତି ସତୀଶ ମାହାନା ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ସୁରେଶ ଖାନ୍ନା ପ୍ରଶଂସା କରିବା ସହ କୃଷକନେତାଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।

ଆସନ ବୁଝାମଣା ଅନୁଯାୟୀ ଆର୍‌ଏଲ୍‌ଡି ଉତ୍ତରପ୍ରଦେଶର ବାଗପତ୍ ଓ ବିଜନୁର ଦୁଇଟି ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବାବେଳେ ଉକ୍ତ ଦଳକୁ ରାଜ୍ୟ ସଭାରେ ଗୋଟିଏ ଆସନ ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ପଶ୍ଚିମ ଉତ୍ତରପ୍ରଦେଶରେ ଆର୍‌ଏଲ୍‌ଡିର ପ୍ରଭାବ ରହିଥିବାବେଳେ ଜାଠ୍ ବହୁଳ ଉକ୍ତ ଅଞ୍ଚଳକୁ ହାତେଇବା ପାଇଁ ଭାଜପା ଆଶାବାଦୀ ରହିଛି।

# ଭାରତରତ୍ନ ଘୋଷଣାକୁ ବିଭିନ୍ନ ଦଳର ସ୍ୱାଗତ

**ନୂଆଦିଲ୍ଲୀ,୯।୨:** ପୂର୍ବତନ ପ୍ରଧାନମନ୍ତ୍ରୀ ଚରଣ ସିଂ, ପି.ଭି. ନରସିଂହ ରାଓ ଏବଂ ସବୁଜ ବିପ୍ଳବର ଜନକ କୃଷିବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନଙ୍କୁ ଭାରତରତ୍ନ ପୁରସ୍କାର ପ୍ରଦାନ ଘୋଷଣାକୁ ଦଳମତ ନିର୍ବିଶେଷରେ ସ୍ୱାଗତ କରାଯାଇଛି। କଂଗ୍ରେସ ପକ୍ଷରୁ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ସେମାନଙ୍କ ଦୂରଦୃଷ୍ଟି, କଠିନ ପରିଶ୍ରମ ଏବଂ ଅସାଧାରଣ ଲିଗାସିକୁ ପ୍ରଶଂସା କରିଛନ୍ତି। ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମଧ୍ୟ କେନ୍ଦ୍ରର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ନେତା ରାଜୀବ ଶୁକ୍ଳା କହିଛନ୍ତି, କେନ୍ଦ୍ର ସରକାର ନରସିଂହ ରାଓଙ୍କୁ ସମ୍ମାନିତ କରିଥିବାବେଳେ ମନମୋହନ ସିଂ ସରକାରଙ୍କ ଅର୍ଥନୀତି ଉପରେ ଶ୍ୱେତପତ୍ର ଆଣିଛନ୍ତି। ରାଓଙ୍କ ସରକାରରେ ମନମୋହନ ଅର୍ଥମନ୍ତ୍ରୀ ଥିଲେ। ନରସିଂହ ରାଓ ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ଥିଲେ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ୩ ବିଶିଷ୍ଟ ବ୍ୟକ୍ତିଙ୍କୁ ବହୁ ପୂର୍ବରୁ ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିବାର ଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଭାରତରତ୍ନ ପାଇଁ ଘୋଷିତ ହୋଇଥିବା ୩ ଜଣ ପ୍ରକୃତରେ ଭାରତର ରତ୍ନ ବୋଲି ଜେଡିୟୁ ନେତା ରାଜୀବ ରଞ୍ଜନ ସିଂ କହିଛନ୍ତି।

# ଭାରତରେ ନିର୍ମାଣ ହେବ ସି-୩୯୦ ପରିବହନ ବିମାନ

**ନୂଆଦିଲ୍ଲୀ,୯।୨**

ଭାରତୀୟ ବାୟୁସେନାରେ ବ୍ୟବହୃତ ସି-୩୯୦ ପରିବହନ ବିମାନ ଭାରତରେ ନିର୍ମାଣ ହେବ। ବ୍ରାଜିଲ ଏରୋସ୍ପେସ୍ କମ୍ପାନୀ ଏମ୍ବ୍ରାଏର୍ ଏବଂ ଭାରତୀୟ କମ୍ପାନୀ ମହିନ୍ଦ୍ରା ମଧ୍ୟରେ ଏନେଇ ଚୁକ୍ତି ସ୍ୱାକ୍ଷର ହୋଇଛି। ଉଭୟ କମ୍ପାନୀ ମିଳିତ ଭାବେ ବାୟୁସେନାର ଆବଶ୍ୟକତା ପୂରଣ କରିବେ। ବାୟୁସେନାରେ ଥିବା ଏଏନ୍‌୩୨ ବିମାନଗୁଡ଼ିକ ବହୁତ ପୁରୁଣା ହୋଇଯାଇଥିବାରୁ ତାହା ବଦଳରେ ୪୦ରୁ ୮୦ଟି ମଧ୍ୟମ ପରିବହନ ବିମାନ କିଣିବାକୁ ଲକ୍ଷ୍ୟ ରଖାଯାଇଛି।

# ରାବ୍ରୀ ଦେବୀ ଓ ୨ ଝିଅଙ୍କୁ କୋର୍ଟର ଅନ୍ତରୀଣ ଜାମିନ

**ନୂଆଦିଲ୍ଲୀ, ୯।୨**


ରାବ୍ରୀ ଦେବୀ

ରେଲୱେରେ ନିଯୁକ୍ତି ବଦଳରେ ଜମି ଦୁର୍ନୀତି ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀ ଓ ତାଙ୍କ ଦୁଇ ଝିଅ ମିସା ଭାରତୀ ଓ ହେମା ଯାଦବଙ୍କୁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟରୁ ଆଶ୍ୱସ୍ତି ମିଳିଛି। ଏହି ମାମଲାରେ ଚଳିତ ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ରାବ୍ରୀ ଓ ତାଙ୍କ ଦୁଇ ଝିଅଙ୍କୁ କୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ରାବ୍ରୀ ଓ ତାଙ୍କ ଦୁଇ ଝିଅଙ୍କ ଦ୍ୱାରା ଦିଆଯାଉଥିବା ନିୟମିତ ଜାମିନ ଆବେଦନ ଉପରେ ଯୁକ୍ତି ଉପସ୍ଥାପନ କରିବାକୁ କୋର୍ଟଙ୍କ ନିକଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମୟ ମାଗିଥିଲା। ଏହାପରେ ସ୍ୱତନ୍ତ୍ର ଜଜ୍ ବିଶାଲ ଗୋଗ୍‌ନେ ସେମାନଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଏହି ମାମଲାରେ ଆସନ୍ତା ଶୁଣାଣି ଫେବୃଆରୀ ୨୮ ତାରିଖରେ ହେବ।

# ୨ ବର୍ଷରେ ଯାଇଛି ୧୦ ଚିତାଙ୍କ ଜୀବନ

**ନୂଆଦିଲ୍ଲୀ, ୯।୨**

**ରାଜ୍ୟ ସଭାରେ ତଥ୍ୟ ରଖିଲେ କେନ୍ଦ୍ର ପରିବେଶ ମନ୍ତ୍ରୀ**

୨୦୨୨ରେ ଭାରତ ସରକାରଙ୍କ ‘ପ୍ରୋଜେକ୍ଟ ଚିତା’ ଅନୁଯାୟୀ ନାମିବ୍ୟାରୁ ଆସିଥିବା ଚିତା ‘ଶୌର୍ଯ୍ୟ’ର ସେପ୍ଟିସେମିଆ ରୋଗରେ ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଚଳିତ ଜାନୁଆରୀ ୧୬ ତାରିଖରେ ଚିତା ‘ଶୌର୍ଯ୍ୟ’ର ମୃତ୍ୟୁ ଘଟିଥିବା କେନ୍ଦ୍ର ପରିବେଶ ଭୂପେନ୍ଦ୍ର ଯାଦବ ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ତେବେ ଏହି ରୋଗରେ ପଡ଼ି ବର୍ଷେ ମଧ୍ୟରେ ଚତୁର୍ଥ ଚିତାର ମୃତ୍ୟୁ ଘଟିଛି। ଗତ ବର୍ଷ ନାମ୍ବିଆରୁ ଆସିଥିବା ଚିତା ‘ଟିବ୍ଲିସି’ ଏବଂ ଦକ୍ଷିଣ ଆଫ୍ରିକାରୁ ଆସିଥିବା ‘ତେଜସ’ ଓ ‘ସୁରଜ’ଙ୍କର ସେପ୍ଟିସେମିଆରେ ପୀଡ଼ିତ ହୋଇ ମୃତ୍ୟୁ ଘଟିଥିଲା। ୨୦୨୨ରେ ଆଫ୍ରିକୀୟ ଚିତାମାନଙ୍କୁ ଭାରତକୁ ପୁନର୍ବାର ଅଣାହେବା ପରେ ଏହିପରି ୧୦ ଚିତାଙ୍କର ମୃତ୍ୟୁ ଘଟିଛି। ଦକ୍ଷିଣ ଆଫ୍ରିକା ଓ ନାମିବ୍ୟାରୁ ଗତ ୨୦୨୨ରେ ଆସିଥିବା ୨୦ ଚିତା ମଧ୍ୟରୁ ୭ ଜଣ ଏବଂ ଏହିମଧ୍ୟରେ ଭାରତରେ ଜନ୍ମ ହୋଇଥିବା ୧୧ ଚିତା ମଧ୍ୟରୁ ୩ଙ୍କର ମୃତ୍ୟୁ ଘଟିଥିବା ସେ ସୂଚନା ଦେଇଛନ୍ତି। ଏଥି ମଧ୍ୟରୁ ଗତ ମାସରେ ହିଁ ୭ଟି ଚିତା ଶାବକ ଜନ୍ମ ହୋଇଥିବା ସେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଆଗାମୀ ୫ ବର୍ଷ ମଧ୍ୟରେ ଦକ୍ଷିଣ ଆଫ୍ରିକା, ନାମ୍ବିଆ କିମ୍ବା ଅନ୍ୟ ଆଫ୍ରିକୀୟ ଦେଶଗୁଡ଼ିକରୁ ପ୍ରାୟ ୧୨ରୁ ୧୪ ଚିତା ଭାରତ ଆଣିବାକୁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ରହିଥିବା କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

# ଜେଲରେ ଗର୍ଭବତୀ ହେଉଛନ୍ତି ମହିଳା କଏଦୀ

**କୋଲକାତା, ୯।୨**

**କୋଲକାତା ହାଇକୋର୍ଟରେ ଆମିକସ୍ କ୍ୟୁରିଙ୍କ ରିପୋର୍ଟ**



ପଶ୍ଚିମବଙ୍ଗର ବିଭିନ୍ନ ଜେଲରେ ଥିବା ମହିଳା କଏଦୀମାନେ ଗର୍ଭବତୀ ହେଉଛନ୍ତି। ଏନେଇ କୋଲକାତା ହାଇକୋର୍ଟଙ୍କ ସାମନାରେ ଆମିକସ୍‌କ୍ୟୁରି ତାପସ ଭାନ୍‌ଜା ଏକ ଚାଞ୍ଚଲ୍ୟକର ରିପୋର୍ଟ ରଖିଛନ୍ତି। ଏହି ରିପୋର୍ଟ ଅନୁଯାୟୀ ପଶ୍ଚିମବଙ୍ଗର ବିଭିନ୍ନ ଜେଲରେ ବନ୍ଦୀ ଥିବା ମହିଳା କଏଦୀ ୧୯୬ ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଟି. ଏସ. ଶିବଗଣନମ୍‌ଙ୍କ ଦ୍ୱାରା ଗଠିତ ଡିଭିଜନ ବେଞ୍ଚ ସମ୍ମୁଖରେ କିଛି ପ୍ରସ୍ତାବ ମଧ୍ୟ ରଖିଛନ୍ତି ଆମିକସ୍ କ୍ୟୁରି। ଜେଲ ମଧ୍ୟରେ ମହିଳା କଏଦୀ ରହୁଥିବା କୋଠରୀ ମଧ୍ୟକୁ ପୁରୁଷ କର୍ମଚାରୀଙ୍କୁ ବାରଣ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ସେହିପରି ଜେଲ ମଧ୍ୟକୁ ଯିବା ପୂର୍ବରୁ ମହିଳା କଏଦୀମାନଙ୍କ ଗର୍ଭ ପରୀକ୍ଷା ଜଣେ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ କରାଯିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ୨୦୧୮ରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଆମିକସ୍‌କ୍ୟୁରି ଭାବେ ନିଯୁକ୍ତ ହୋଇଥିବା ତାପସ ରାଜ୍ୟରେ ରହିଥିବା ବିଭନ୍ନ ମହିଳା ସୁଧାର ଗୃହରେ ଦରକାରଠାରୁ ବେଶି ମହିଳା ରହୁଥିବା ଉଲ୍ଲେଖ କରିଛନ୍ତି। ତେବେ ଆମିକସ୍ କ୍ୟୁରିଙ୍କର ରିପୋର୍ଟକୁ ଗୁରୁତର ଭାବେ ନେଇ ଏହି ମାମଲାକୁ ଆପରାଧିକ ଖଣ୍ଡପୀଠକୁ ସ୍ଥାନାନ୍ତର କରିବା ପାଇଁ କୋଲକାତା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ସୋମବାର ହେବ। ତେବେ ଜେଲଗୁଡ଼ିକୁ ଠିକ୍ ଭାବେ ଯାଞ୍ଚ କରିବା ସହ ସେଠାକାର ସ୍ଥିତି ନେଇ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ଆମିକସ୍ କ୍ୟୁରିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋଲକାତା ଉଚ୍ଚ ନ୍ୟାୟାଳୟ।

**ଫୁର୍‌ସତ୍**

# ସଚେତନତା ହିଁ ନିଦାନ

**ଜାତୀୟ କୃମିନାଶ ଦିବସ**



ମୃତ୍ତିକା ଟ୍ରାନ୍ସମିଟ ହେଲମିନଥସ (ଏସଟିଏଚ) ଭାରତ ପାଇଁ ଏକ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ୧-୧୪ ବର୍ଷ ବୟସର ପ୍ରାୟ ୨୨ କୋଟି ଭାରତୀୟ ଶିଶୁଙ୍କ ଠାରେ କୃମି ସଂକ୍ରମଣ ହେବାର ଆଶଙ୍କା ରହିଛି। ଏହା ଦ୍ୱାରା ପିଲାମାନଙ୍କର ପୁଷ୍ଟିକର ଖାଦ୍ୟରେ ବାଧା ସୃଷ୍ଟି ହୋଇଥାଏ। ଫଳରେ ରକ୍ତହୀନତା, ପୁଷ୍ଟିହୀନତା ଏବଂ ମାନସିକ ଏବଂ ଶାରୀରିକ ବିକାଶରେ ବାଧା ସୃଷ୍ଟି ହୋଇଥାଏ। ଏହି ସମସ୍ୟାର ମୁକାବିଲା ପାଇଁ, ୨୦୧୫ ରେ ଭାରତ ସରକାର ୧ରୁ ୧୯ ବର୍ଷ ବୟସର ସମସ୍ତ ପିଲାଙ୍କୁ କୃମିନାଶକ କରିବା ପାଇଁ ଅଙ୍ଗନୱାଡି ଏବଂ ବିଦ୍ୟାଳୟ ଭିତ୍ତିରେ ଜାତୀୟ କୃମିନାଶକ ଦିବସ ଆରମ୍ଭ କରିଥିଲେ। ପ୍ରତିବର୍ଷ ଏହି ଅଭିଯାନର ପ୍ରଥମ ରାଉଣ୍ଡ ଫେବୃଆରୀ ୧୦ରେ ଏବଂ ଦ୍ୱିତୀୟ ରାଉଣ୍ଡ ୧୦ ଅଗଷ୍ଟରେ ପାଳିତ ହୋଇଥାଏ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ।

# ଅଯୋଧ୍ୟାରେ ପୁଣି ଅମିତାଭ

**ଅଯୋଧ୍ୟା**



ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବର ୧୭ ଦିନ ପରେ ଶୁକ୍ରବାର ପୁଣିଥରେ ଅଯୋଧ୍ୟାରେ ପହଞ୍ଚିଛନ୍ତି ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନ। ଅଯୋଧ୍ୟାରେ ଏକ ଇଭେଣ୍ଟରେ ଯୋଗଦେବାକୁ ଯାଇଥିବା ବିଗ୍ ବି ପ୍ରଥମେ ଭବ୍ୟ ରାମ ମନ୍ଦିରକୁ ଯାଇ ରାମଲଲାଙ୍କ ଦର୍ଶନ କରିଥିଲେ। ସେ ମୁମ୍ବାଇରୁ ସିଧାସଳଖ ଅଯୋଧ୍ୟାରେ ଥିବା ମହର୍ଷି ବାଲ୍ମୀକି ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରୁ ସେ ସିଧା ରାମଲାଲାଙ୍କ ଦରବାରରେ ପହଞ୍ଚି ଭଗବାନଙ୍କୁ ଦର୍ଶନ ଏବଂ ପୂଜା କରିଥିଲେ। ଏହି ସମୟରେ ମନ୍ଦିରର ପୂଜାରୀ ମଧ୍ୟ ତାଙ୍କୁ ତିଳକ ଲଗାଇ ଦେଇଥିଲେ। ସୋସିଆଲ ମିଡିଆରେ ଅଭିନେତାଙ୍କ ଫଟୋ ଏବେ ସାମ୍ନାକୁ ଆସିଛି। ଏହି ଫଟୋରେ ସୁପରଷ୍ଟାର ଅମିତାଭ ବଚ୍ଚନ ପ୍ରଭୁ ରାମଙ୍କ ଭକ୍ତିରେ ଲୀନଥିବାର ନଜର ଆସୁଛନ୍ତି। ସେ ଧଳା କୁର୍ତ୍ତା ଓ ପାଇଜାମା ପିନ୍ଧିଥିବା ବେଳେ ମନ୍ଦିରରେ କିଛି ସମୟ ବିତାଇଥିଲେ ଏବଂ ରାମଲାଲାଙ୍କୁ ପ୍ରଣାମକରି ଆଳତି କରିଥିଲେ। ଏହାପରେ ଅମିତାଭ ନିଜର ଇଭେଣ୍ଟ ସ୍ଥଳକୁ ବାହାରି ଯାଇଥିଲେ। ଜାନୁୟାରୀ୨୨ରେ ହୋଇଥିବା ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଅତିଥି ଭାବେ ଉଭୟ ଅମିତାଭ ବଚ୍ଚନ ଏବଂ ତାଙ୍କ ପୁଅ ଅଭିଷେକ ବଚ୍ଚନ ଯୋଗଦେଇଥିଲେ।

# ପୁନଃ ରିଲିଜ ହେଲା ‘କ୍ୟାମେରାମ୍ୟାନ୍ ଗଙ୍ଗାଥୋ ରାମବାବୁ’

**ନନ୍ଦିଆଲା**


ପୱନ୍ କଲ୍ୟାଣ

୨୦୧୨ରେ ମୁକ୍ତିଲାଭ କରିଥିବା ସୁପରଷ୍ଟାର ପୱନ୍ କଲ୍ୟାଣଙ୍କ ଫିଲ୍ମ ‘କ୍ୟାମେରାମ୍ୟାନ୍ ଗଙ୍ଗାଥୋ ରାମବାବୁ’ ପୁଣି ଥରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ପ୍ରସିଦ୍ଧ ନିର୍ଦ୍ଦେଶକ ପୁରୀ ଜଗନ୍ନାଦ୍‌ଙ୍କ ନିର୍ଦ୍ଦେଶନାରେ ତିଆରି ହୋଇଥିବା ଏହି ଫିଲ୍ମରେ ପୱନ୍ କଲ୍ୟାଣଙ୍କ ସହ ତମନ୍ନା ଭାଟିଆ ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ତେବେ ପୱନ୍‌ଙ୍କର ଏହି ଚଳଚ୍ଚିତ୍ର ନନ୍ଦିଆଲାର ଏକ ଥିଏଟର ମାଲିକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ନିଜ ପ୍ରିୟ ତାରକାଙ୍କ ଚଳଚ୍ଚିତ୍ରର ପୁନଃ ରିଲିଜ ଅବସରରେ ଏକ ଆକ୍ସନ ସିନ୍‌କୁ ଭିତ୍ତିକରି ପୱନଙ୍କ କେତେଜଣ ପ୍ରଶଂସକ ଉତ୍ସାହିତ ହୋଇ ଥିଏଟର ଭିତରେ ନିଆଁ ଲଗାଇ ଦେଇଥିଲେ, ଯାହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେରେ ଭାଇରାଲ ହେବାରେ ଲାଗିଛି। ତେବେ ଏଭଳି ଘଟଣା ପୱନ୍‌ଙ୍କ ଫ୍ୟାନ୍ ମାନେ ପ୍ରଥମ ଥର ପାଇଁ କରିନାହାନ୍ତି। ୨୦୨୧ ମସିହାରେ, ଯେତେବେଳେ ପୱନ୍‌ଙ୍କର ଏକ ଚଳଚ୍ଚିତ୍ର ବୈଷୟିକ ତ୍ରୁଟି ହେତୁ ଜୋଗୁଲମ୍ବା ଗାଡୱାଲର ଏକ ଥିଏଟରରେ ପ୍ରଦର୍ଶିତ ହୋଇପାରିଲା ନାହିଁ ସେତେବେଳେ ତାଙ୍କ ପ୍ରଶଂସକ ମାନେ ସମ୍ପୃକ୍ତ ଥିଏଟରରେ ଭଙ୍ଗାରୁଜା କରିଥିଲେ। ସେହିପରି ୨୦୨୩ ମସିହାରେ ପୱନ୍‌ଙ୍କ ପ୍ରଶଂସକମାନେ ନିଶାସକ୍ତ ଅବସ୍ଥାରେ ବିଜୟୱାଡାର ଏକ ଥିଏଟରକୁ ଭଙ୍ଗାରୁଜା କରିଥିଲେ, ଯାହା ଫଳରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ‘କ୍ୟାମେରାମ୍ୟାନ୍ ଗଙ୍ଗାଥୋ ରାମବାବୁ’ ଏକ ରାଜନୈତିକ ଆକ୍ସନ୍ ଫିଲ୍ମ, ଯେଉଁଥିରେ ପୱନ କଲ୍ୟାଣ ରାମବାବୁଙ୍କ ଚରିତ୍ରରେ ଅଭିନୟ କରିଥିଲେ, ଯିଏ ଜଣେ ବୈଦ୍ୟୁତିକ ଗଣମାଧ୍ୟମ ସାମ୍ବାଦିକ ଥିଲେ। ପ୍ରକାଶ ରାଜ ମଧ୍ୟ ଏହି ଚଳଚ୍ଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ।

ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୦/୨୦୨୪ Bhubaneswar, Saturday, February 10/2024



ଧରିତ୍ରୀ
DHARITRI
ଧରିତ୍ରୀ 50 Years





କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ଭାରତ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ। ଏଥିରେ ଭାରତ ୩-୧ ଗୋଲରେ ବିଜୟୀ ହୋଇଛି। (ରିପୋର୍ଟ: ଖେଳ ପୃଷ୍ଠା)

# ସୁପାରି ଦେଇ ସାନଭାଇଙ୍କୁ ହତ୍ୟା

## ବ୍ଲୁ-ଲେକ୍‌ରୁ ମିଳିଲା ନିଖୋଜ ୨ ସାଙ୍ଗଙ୍କ ମୃତଦେହ

- ୪ ସୁପାରିକିଲରଙ୍କ ସହ ଭାଉଜ-ଭାଇ ଗିରଫ
- ହତ୍ୟା ପାଇଁ ୧ଲକ୍ଷ ୪୦ ହଜାର ଡିଲ୍



ମୃତ ଭବାନୀ ଓ ମନୋରଞ୍ଜନ

ବାଲେଶ୍ୱର (ମାନସ ବିଶ୍ୱାଳ)/ ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ), ୯।୨

ପାରିବାରିକ କଳହ, ଜମି ଭାଗବଣ୍ଟା ଓ ଟଙ୍କା ଦେଣନେଣକୁ ନେଇ ସାଇଭାଇଙ୍କୁ ବଡ଼ ଭାଉଜଭାଇ ୧ଲକ୍ଷ ୪୦ହଜାର ଟଙ୍କା ସୁପାରି ଦେଇ ହତ୍ୟା କଲେ। ଏପରି କି ଘଟଣାକୁ ଲୁଚାଇବାକୁ ଦୁର୍ଘଟଣାର ରୂପ ଦେଇ ସାନଭାଇ ଏବଂ ତାଙ୍କ ସାଙ୍ଗଙ୍କ ମୃତଦେହକୁ ପୋଖରୀରେ ଫିଙ୍ଗି ଦେଲେ। ହେଲେ ଘଟଣା ଲୁଚିପାରିଲା ନାହିଁ। ନିଖୋଜର ୩ଦିନ ପରେ ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ ମିତ୍ରପୁର ବ୍ଲୁ-ଲେକ୍‌ରୁ ୨ମୃତଦେହକୁ ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ମୃତକଙ୍କ ଭାଉଜଭାଇ ଏବଂ ୪ଜଣ ସୁପାରିକିଲରଙ୍କୁ ଗିରଫ କରିଛି।

ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲା ନୀଳଗିରି ଥାନା କାଂଶ ଗ୍ରାମର ଦୁଇ ସାଙ୍ଗ ଭବାନୀ ଶଙ୍କର ରାଉତ ଏବଂ ମନୋରଞ୍ଜନ ମହାପାତ୍ର ଗତ ୫ତାରିଖରୁ ନିଖୋଜ ଥିଲେ। ବ୍ଲୁ-ଲେକ୍ ନିକଟସ୍ଥ ଜଙ୍ଗଲରେ ୬ ତାରିଖରେ ସ୍ଥାନୀୟ ଲୋକେ ଗୋଟିଏ ମୋଟରସାଇକେଲ, ଗୋଟିଏ ପଟ ଚପଲ ଓ ପଥର ଉପରେ ରକ୍ତଛିଟା ଦେଖି କୌଣସି ଦୁର୍ଘଟଣା ଆଶଙ୍କା କରି ସ୍ଥାନୀୟ ଲୋକେ ନୀଳଗିରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ପାରିପାର୍ଶ୍ୱିକ ଅବସ୍ଥା, ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। କାଂଶ ଅଞ୍ଚଳର ଦୁଇଜଣ ଯୁବକ ନିଖୋଜ ଥିବାବେଳେ ଭବାନୀଙ୍କ ବଡ଼ ଭାଇ ବିଜୟ ନୀଳଗିରି ଥାନାରେ ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ଏକ ମାମଲା (ନଂ.୩୨/୨୪) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ନୀଳଗିରି ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣଙ୍କ ସମେତ ନୀଳଗିରି ଅଗ୍ନିଶମ ବିଭାଗ, ବାଲେଶ୍ୱରରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତନାଘନା ଆରମ୍ଭ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ଗଭୀର ଜଳରାଶିରେ ସେମାନଙ୍କୁ ଖୋଜି ଭବାନୀ ଏବଂ ମନୋରଞ୍ଜନଙ୍କ ମୃତଦେହ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ତଦନ୍ତ ପରେ ସବୁ ଆଶଙ୍କା ଶେଷ ହୋଇଛି। ସମ୍ପତ୍ତି ଲୋଭରେ ଭବାନୀଙ୍କ ବଡ଼ ଭାଇ ଓ ଭାଉଜ ସୁପାରିକିଲର ମାଧ୍ୟମରେ ସାନ ଭାଇଙ୍କୁ ହତ୍ୟା କରିଥିଲେ। ଏପରି କି ଭବାନୀଙ୍କୁ ହତ୍ୟା ସମୟରେ ତାଙ୍କ ସାଙ୍ଗ ମନୋରଞ୍ଜନ ଉପସ୍ଥିତ ଥିବାରୁ ତାଙ୍କୁ ମଧ୍ୟ ତଣ୍ଟିଚିପି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ୫ଜଣ ସୁପାରିକିଲରଙ୍କ ମଧ୍ୟରୁ ୪ଜଣ ଓ ଭବାନୀଙ୍କ ବଡ଼ଭାଇ-ଭାଉଜଙ୍କୁ ଗିରଫ କରାଯାଇଥିବା ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

### ୩ ମାସ ପୂର୍ବରୁ ହୋଇଥିଲା ଯୋଜନା

ସାନ ଭାଇଙ୍କୁ ହତ୍ୟା ପାଇଁ ୩ ମାସ ପୂର୍ବରୁ ଯୋଜନା କରିଥିଲେ ଭାଉଜ-ଭାଇ। ପୁରୁଣା ବାଲେଶ୍ୱର ଅଞ୍ଚଳର ଜଣେ ଯୁବକଙ୍କୁ ସୁପାରି ଦେଇଥିଲେ ବଡ଼ ଭାଇ। ହତ୍ୟାକାରୀମାନେ ପ୍ରଥମେ ସାନ ଭାଇଙ୍କୁ ହତ୍ୟା କରିବା ପରେ ସାନ ଭାଇର ସାଙ୍ଗକୁ ତଣ୍ଟିଚିପି ବ୍ଲୁ ଲେକ୍‌କୁ ଫିଙ୍ଗି ଦେଇଥିଲେ। ସାନ ଭାଇଙ୍କୁ ହତ୍ୟା ପାଇଁ ୧ ଲକ୍ଷ ୭୦ହଜାର ଟଙ୍କା ସୁପାରି ଦାବି କରାଯାଇଥିଲା। ତେବେ ୧ ଲକ୍ଷ ୪୦ ହଜାରରେ ଡିଲ୍ ଫାଇନାଲ ହୋଇଥିଲା। ହତ୍ୟାକାରୀମାନେ ୩୦ହଜାର ଅଗ୍ରିମ ନେଇଥିବାବେଳେ ହତ୍ୟା ପରେ ବାକି ୧ ଲକ୍ଷ ୧୦ ହଜାର ଟଙ୍କା ନେଇଥିଲେ। ପାରିବାରିକ କଳହ, ଜମି ଭାଗବଣ୍ଟା ଓ ଟଙ୍କା ଦେଣନେଣକୁ ନେଇ ବିବାଦ ହତ୍ୟାର ରୂପ ନେଇଥିଲା। ହତ୍ୟା ଅପରାଧୀମାନେ ବିଭିନ୍ନ ଛୋଟ ଛୋଟ ମାମଲାରେ ସମ୍ପୃକ୍ତ ଥିବା ପୋଲିସ କହିଛି।

# ମା’ କାଟିଦେଲା ଶିଶୁପୁତ୍ରର ତଣ୍ଟି

**ବଲାଙ୍ଗୀର ଡାକ୍ତରଖାନାରେ ଶିଶୁ ମୃତ**

ବଲାଙ୍ଗୀର, ୯।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ଖଲିଆପାଲି ଗାଁରେ ଶୁକ୍ରବାର ସକାଳେ ଏକ ଅଭାବନୀୟ ଓ ବୀଭତ୍ସ ଘଟଣା ଘଟିଛି। ଜଣେ ମହିଳା ନିଜ ଜନ୍ମକଲା ୬ ମାସର ଶିଶୁପୁତ୍ରର ତଣ୍ଟି କାଟି ଦେବାରୁ ଶିଶୁପୁତ୍ରର ଅକାଳ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମହିଳା ଜଣକ ମାନସିକ ରୋଗୀ ବୋଲି ପରିବାର ସଦସ୍ୟ କହିଛନ୍ତି। ଘଟଣା ସମ୍ପର୍କରେ ପୁଇଁତଲା ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ମୁତାବକ, ସକାଳେ ଖଲିଆପାଲି ଗାଁର ରବୀନ୍ଦ୍ର ନାଗଙ୍କ ୬ ମାସର ଶିଶୁପୁତ୍ର ଇନସ୍‌ଙ୍କ କେହି ତଣ୍ଟି କାଟି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶିଶୁପୁତ୍ର ପଡିଥିବା ଦେଖି ପରିବାର ଲୋକେ ପ୍ରଥମେ ତାଙ୍କୁ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ଆଣିଥିଲେ। ବଲାଙ୍ଗୀରରେ ଡାକ୍ତର ଶିଶୁପୁତ୍ରର ମୃତ୍ୟୁ ହୋଇସାରିଥିବା ଘୋଷଣା କରିଥିଲେ। ଏହି ଖବର ଶୁଣିବା ପରେ ରବୀନ୍ଦ୍ର, ପିଉସୀ ବିବିତା ସୁନା ଦୁଃଖରେ ଭାଙ୍ଗିପଡିଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ରବୀନ୍ଦ୍ର କହିଥିଲେ ଯେ, ୨୦୧୯ରେ ପଦ୍ମପୁର ନିକଟ ମାଲଦା ଗାଁର ମୀନା ନାଗଙ୍କୁ ସେ ବିବାହ କରିଥିଲେ। ବିବାହ ପୂର୍ବରୁ ମୀନା ମାନସିକ ରୋଗୀ ବୋଲି ସେ କୁଆଡ଼େ ଜାଣି ନ ଥିଲେ। ପରେ ଜାଣିବା ଦିନଠାରୁ ଡାକ୍ତରଙ୍କ ନିକଟରେ ମୀନାଙ୍କ ଚିକିତ୍ସା କରାଉଥିଲେ। ଇତିମଧ୍ୟରେ ମୀନାଙ୍କ ଗର୍ଭରୁ ଦୁଇ ଝିଅ ଓ ଗୋଟିଏ ଶିଶୁପୁତ୍ର ଜନ୍ମଗ୍ରହଣ କରିଥିଲେ। ବିଭିନ୍ନ ସମୟରେ ମୀନା ଘର ଭିତରେ ଉଗ୍ର ହେଉଥିଲେ ବୋଲି ରବୀନ୍ଦ୍ର କହିଛନ୍ତି। ସକାଳେ ତାଙ୍କ ସ୍ତ୍ରୀ ନିଜ ଶିଶୁପୁତ୍ରର ତଣ୍ଟିକୁ କୌଣସି ଏକ ଧାରୁଆ ଅସ୍ତ୍ରରେ କାଟି ଦେଇଥିବା ସେ ଅଭିଯୋଗ କରିଛନ୍ତି। ତଣ୍ଟି କାଟିବା ପରେ ମୀନା କୁଆଡେ ଫେରାର ହୋଇଯାଇଥିଲେ ମଧ୍ୟ ପରେ ଘରକୁ ଫେରିଥିବା ଜଣାଇଥିଲେ। ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଶିଶୁପୁତ୍ରର ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଇଁତଲା ଥାନା ପୋଲିସ ଟିମ୍ ହସ୍ପିଟାଲରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

# ଦୁଇ ଅଟୋ ମୁହାଁମୁହିଁ ଧକ୍କା, ୨ ଶିଶୁ ମୃତ

ପାରଳାଖେମୁଣ୍ଡି, ୯।୨ (ଗିରିଧାରୀ ପରଛା)

ଗଜପତି ଜିଲା ଗୋଷାଣୀ ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ପାଟିକୋଟା ଛକ ନିକଟରେ ଶୁକ୍ରବାର ସକାଳେ ଦୁଇଟି ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି ଓ ୩ଜଣ ଆହତ ହୋଇଛନ୍ତି। ମୃତ ଶିଶୁ ଦ୍ୱୟ ହେଲେ ନୂଆଗଡ଼ ବ୍ଲକ ଭ୍ରମରପୁର ଗ୍ରାମର ମାହି ମଣ୍ଡଳ (୪) ଓ ଗୁଲାବି ପାଳ (୩)। ଆହତମାନେ ହେଲେ ସୁନିତା ମାଳି, ବେବି ମାଳି ଏବଂ ପ୍ରୀତିଜିତା ପରିଛା। ଭ୍ରମରପୁର ଗ୍ରାମରୁ ସକାଳେ କେତେକ ମହିଳାଙ୍କୁ ନେଇ ଗୋଟିଏ ଅଟୋ ପାରଳାଖେମୁଣ୍ଡି ଅଭିମୁଖେ ଆସୁଥିବା ସମୟରେ ପାଟିକୋଟା ଛକ ନିକଟରେ ଡ୍ରାଇଭରଙ୍କ ଆଖି ପଡ଼ିଯିବାରୁ ସମ୍ମୁଖରୁ ଆସୁଥିବା ଅନ୍ୟ ଏକ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୫ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମାହି ଓ ଗୁଲାବିଙ୍କ ମୃତ୍ୟୁ ଘଟିଥିବା ଡିଏମ୍‌ଓ ପ୍ରମୋଦ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଦୁର୍ଘଟଣା ସ୍ଥଳରେ ଗୁରାଣ୍ଡି ଥାନା ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଅଟୋ ଡ୍ରାଇଭର ପ୍ରବୋଧ ପରିଛାଙ୍କୁ ଗିରଫ କରିବା ସହିତ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର ସୂଚନା ଦେଇଛନ୍ତି।

# ଗୁହାରି କରିବାକୁ ୮୦ କି.ମି. ଚାଲିଲେ



ଜିଲାପାଳ ଅଫିସ୍‌ରେ ପୀଡ଼ିତ ପରିବାର, ବିଭିନ୍ନ ସଙ୍ଗଠନର ସଦସ୍ୟ ଏଡିଏମ୍ ଡ. ବିଜୟାନନ୍ଦ ସେଠୀଙ୍କ ସହ ଆଲୋଚନା କରୁଛନ୍ତି।

**ତେଲଙ୍ଗାନାରେ ଦାଦନ ଶ୍ରମିକ ନିଖୋଜ ଘଟଣା**

- ହତ୍ୟା ସନ୍ଦେହକରି କାର୍ଯ୍ୟାନୁଷ୍ଠାନ ଦାବିକଲେ
- ପଦଯାତ୍ରାରେ ମା’, ଭାଇ, ଭଉଣୀଙ୍କ ସହ ସମ୍ପର୍କୀୟ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଦେଲେ ଦାବିପତ୍ର
- ବିଭିନ୍ନ ରାଜନୈତିକ ଦଳ, ସଙ୍ଗଠନର ତୀବ୍ର ପ୍ରତିକ୍ରିୟା

ବଲାଙ୍ଗୀର, ୯।୨ (ବୀରେନ୍ଦ୍ର କୁମାର ଝାଙ୍କର)

ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ଦୀର୍ଘ ୪ ମାସ ହେଲା ଘରକୁ ଫେରି ନ ଥିବା ବଲାଙ୍ଗୀର ଜିଲା ମୁରିବାହାଲ ଥାନା ସାନଜରବାହାଲି ଗାଁର ମୈତ୍ର ସେଠ୍ (୨୫) ନାମକ ଜଣେ ଯୁବକଙ୍କ ପରିବାର ସଦସ୍ୟ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ ଗୁରୁବାରଠାରୁ ୮୦ କିଲୋମିଟର ରାସ୍ତା ପଦଯାତ୍ରା କରିଛନ୍ତି। ଶୁକ୍ରବାର ସେମାନେ ବଲାଙ୍ଗୀରଠାରେ ପହଞ୍ଚି ଜିଲାପାଳ ଅଫିସ୍‌କୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ(ଏଡିଏମ୍) ଡ. ବିଜୟାନନ୍ଦ ସେଠୀଙ୍କୁ ଦାବିପତ୍ର ଦେଇଛନ୍ତି। ଏହି ଘଟଣାକୁ ନେଇ ପୀଡ଼ିତ ପରିବାର ସହ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ, ବଲାଙ୍ଗୀର ନାଗରିକ କମିଟି ସଦସ୍ୟ ଓ କୋଶଳବାଦୀ ସଙ୍ଗଠନ ସଦସ୍ୟ ବଲାଙ୍ଗୀର ଜିଲାପାଳ ଅଫିସ୍ ସମ୍ମୁଖରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅତିରିକ୍ତ ଜିଲାପାଳ ଡ. ସେଠୀଙ୍କୁ ବିଭିନ୍ନ ପ୍ରଶ୍ନ କରି ଘେରିଥିଲେ। ଇତିମଧ୍ୟରେ ୪ ମାସ ବିତିଯାଇଥିଲେ ମଧ୍ୟ ମୈତ୍ର ସେଠ୍‌ଙ୍କ ଖୋଜଖବର ମିଳୁ ନ ଥିବାରୁ ପରିବାର ଲୋକେ ତାଙ୍କୁ ସେଠାରେ ହତ୍ୟା କରାଯାଇଥିବା ସନ୍ଦେହକରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବାକୁ ଦାବି କରିଛନ୍ତି।

ଏହି ସମୟରେ ବଲାଙ୍ଗୀର ଭାଜପା ଦଳର ଗୋପାଲ୍‌ଜୀ ପାଣିଗ୍ରାହୀ, ପଙ୍କଜିନୀ ପଣ୍ଡା, କଂଗ୍ରେସ ଦଳର ବୁଲୁ ଦାନୀ ପ୍ରମୁଖ ଉପସ୍ଥିତ ରହି ଏଡିଏମ୍‌ଙ୍କ ସହ ଆଲୋଚନା କରିଥିଲେ। ଏହି ପୀଡ଼ିତ ପରିବାରକୁ ଶୀଘ୍ର ନ୍ୟାୟ ନ ମିଳିଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଶୁଣାଇଥିଲେ। ଦାବିପତ୍ର ଗ୍ରହଣ କରି ଏଡିଏମ୍ ସେଠୀ ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ପରିବାର ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ମୈତ୍ର ଗତ ୨୦୨୩ ଅକ୍ଟୋବର ୧୦ରେ ତେଲଙ୍ଗାନାର ପୈଦାପଲ୍ଲୀକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ଅଣ୍ଡାଲଦର୍ହି ଗାଁର ସୁଶାନ୍ତ ପାତ୍ର ନାମକ ଜଣେ ଦାଦନ ସର୍ଦ୍ଦାର ମୈତ୍ରଙ୍କୁ ୨୦ ହଜାର ଟଙ୍କା ଅଗ୍ରିମ ଦେଇ ନେଇଥିଲେ। ମୈତ୍ରଙ୍କ ସହ ସାନଜରବାହାଲି ଗାଁର ଅରୁଣ ଜାଲ୍ ନାମକ ଅନ୍ୟ ଜଣେ ଯୁବକ ମଧ୍ୟ ସେଠାକୁ କାମ କରିବାକୁ ଯାଇଥିଲେ। ଅକ୍ଟୋବର ୧୨ରେ ମୈତ୍ର ଓ ଅରୁଣ ପୈଦାପଲ୍ଲୀରେ ପହଞ୍ଚିଥିଲେ। ତେବେ ଅକ୍ଟୋବର ୨୮ ପରଠାରୁ ମୈତ୍ରଙ୍କ ଆଉ ଖୋଜଖବର ମିଳୁନାହିଁ। ତାଙ୍କ ଫୋନ୍‌ଟି ସୁଇଚ୍ଅଫ୍ ରହିଥିଲା। ଦାଦନ ସର୍ଦ୍ଦାର ସୁଶାନ୍ତ ଓ ଦାଦନ ଶ୍ରମିକ ଅରୁଣଙ୍କୁ ମୈତ୍ରଙ୍କ ସମ୍ପର୍କରେ ପଚାରିଲେ ସେମାନେ କିଛି କହୁ ନ ଥିଲେ। ଡିସେମ୍ବର ୪ରେ ମୈତ୍ରଙ୍କ ବଡ଼ଭାଇ ବୈବସ୍ୱତ ସେଠ୍‌ଙ୍କ ମୋବାଇଲ ଫୋନ୍‌କୁ ଅରୁଣ ଏକ ଅର୍ଦ୍ଧଦଗ୍ଧ ଯୁବକଙ୍କ ଫଟୋ ପଠାଇଥିଲେ। ମାତ୍ର କିଛି ସୂଚନା ଦେଇ ନ ଥିଲେ। ଅର୍ଦ୍ଧଦଗ୍ଧ ଫଟୋଟି ମୈତ୍ରଙ୍କ ବୋଲି ପରିବାର ଲୋକେ ଚିହ୍ନଟ କରିବା ପରେ ପୈଦାପଲ୍ଲୀରେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରିଥିଲେ। ଏହାକୁ ନେଇ ଗତ ୩ ମାସ ଭିତରେ ପୋଲିସ ଓ ପ୍ରଶାସନ ନିକଟରେ ବହୁବାର ଗୁହାରି କରିଥିଲେ ସୁଦ୍ଧା କେହି ଶୁଣି ନ ଥିଲେ। ଏହାର ପ୍ରତିବାଦରେ ଗୁରୁବାର ସକାଳ ୮ଟାରୁ ମୈତ୍ରଙ୍କ ମା’ ପଦ୍ମାବତୀ, ବଡ଼ଭାଇ ବୈବସ୍ୱତ, ଭଉଣୀ ମୀନା ଓ ବାସନ୍ତୀଙ୍କ ସହ କୋଶଳ ମୁକ୍ତିମୋର୍ଚ୍ଚା ଏବଂ ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ସଦସ୍ୟ ପଦଯାତ୍ରାରେ ବାହାରିଥିଲେ।



# ଜେଲ ଗଲେ ସଫେଇ କର୍ମଚାରୀ

ନୟାଗଡ଼,୯।୨ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ର ଲିଫ୍ଟରେ ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ ଘଟଣାରେ ନୟାଗଡ଼ ଟାଉନ ଥାନା ପୋଲିସ ସଫେଇ କର୍ମଚାରୀ ନୂଆଗାଁ ଥାନା ମହିପୁର ଗାଁର ପ୍ରତାପ କୁମାର ନାହାକ(୪୦)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ପ୍ରତାପଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନାହିଁ । ସେ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳର ଜଣେ ମହିଳାଙ୍କ ୨ କିଡ୍‌ନୀ ଖରାପ ହୋଇ ଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଗତ ୨୩ ତାରିଖରେ ଭର୍ତ୍ତି କରାଯାଇଥିଲା। ସେ ଏବେ ମେଡିସିନ ୱାର୍ଡରେ ଚିକିତ୍ସାଧୀନ ଅଛନ୍ତି । ତାଙ୍କର ସେବା କରିବା ପାଇଁ ପାଖରେ ୧୫ ବର୍ଷର ଝିଅ ଥିଲେ । ବୁଧବାର ରାତି ପ୍ରାୟ ୯ଟାରେ ମା'ଙ୍କ ପାଇଁ ଔଷଧ ନେବା ଉଦ୍ଦେଶ୍ୟରେ

## ଲିଫ୍ଟରେ ନାବାଳିକାଙ୍କୁ ଅସଦାଚରଣ ଘଟଣା

### ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର



ପ୍ରତାପ କୁମାର ନାହାକ

ଝିଅ ଲିଫ୍ଟରେ ତଳ ମହଲାର ନିରାମୟ କେନ୍ଦ୍ରକୁ ଆସୁଥିଲେ। ଏହି ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ସଫେଇ କର୍ମଚାରୀ ପ୍ରତାପ ଲିଫ୍ଟରେ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ପୀଡ଼ିତା ଲିଫ୍ଟରେ ଅଚେତ ହୋଇ ପଡିଯିବାରୁ ଭୟରେ ପ୍ରତାପ ପଳାଇ ଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ୮ ପୋକ୍‌ସୋ ୩୫୪(ଏ), ୫୦୬, ୩୭୬, ୫୧୧ ଦଫାରେ ଏକ ମାମଲା(ନଂ.୪୫/୨୪) ରୁଜୁ କରି ତଦନ୍ତ କରିଥିଲା। ପରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

## ସବ୍‌ଷ୍ଟାଫ୍ କହି ଦୋଷ ଖସାଇଲେ ସିଡିଏମ୍‌ଓ

ଜିଲା ମୁଖ୍ୟ ଚିକିତ୍ସାଳୟରେ ନାବାଳିକାଙ୍କୁ ଜଣେ ମେଡିକାଲ ଷ୍ଟାଫ୍ ଅସଦାଚରଣ କରିବା ନିନ୍ଦନୀୟ ଓ ଅପରାଧ । ଏପରିକି ମେଡିକାଲ ପାଇଁ କଳଙ୍କ। ତେବେ ମେଡିକାଲ ଷ୍ଟାଫ୍‌ଙ୍କୁ ସବ୍‌ଷ୍ଟାଫ୍ କହି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍) ଏପରି ଘଟଣାକୁ ଗୌଣ କରିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଯେଉଁ ସଫେଇ କର୍ମଚାରୀ ଅସଦାଚରଣ କରିଛନ୍ତି ସେ ମହିପୁର ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଡେପୁଟେଶନରେ ଆସିଥିବା ଜଣାପଡିଛି । ଜଣେ ସବ୍‌ଷ୍ଟାଫ କ'ଣ ଡେପୁଟେଶନରେ ଆସିପାରିବେ। ଏଣୁ ଷ୍ଟାଫ୍ ଓ ସବ୍ ଷ୍ଟାଫ୍ ନେଇ ଜିଲାର ଅନେକ ବୁଦ୍ଧିଜୀବୀ ତର୍ଜମା ଆରମ୍ଭ କରିଛନ୍ତି । ସବ୍ ଷ୍ଟାଫ୍ ବୋଲି କ'ଣ ସେ ଅସଦାଚରଣ କରିବେ ବୋଲି କେତେଜଣ ଲୋକ ପ୍ରଶ୍ନ କରିଛନ୍ତି । ଏନେଇ ସିଡିଏମ୍ ରମାକାନ୍ତ ପଣ୍ଡା କୁହନ୍ତି, ଅସଦାଚରଣ କରିଥିବା ବ୍ୟକ୍ତି ମେଡିକାଲ ଷ୍ଟାଫ ନୁହନ୍ତି ସବ ଷ୍ଟାଫ । ସବ୍ ଷ୍ଟାଫ ଯେଉଁ ଅସଦାଚରଣ କରିଛନ୍ତି ତା'ର ତଦନ୍ତ ଚାଲିଛି । ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ଏହାର ତଦନ୍ତ କରୁଛନ୍ତି। ତଦନ୍ତ ରିପୋର୍ଟ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ଅନ୍ୟପକ୍ଷେ ଅସଦାଚରଣ ପରେ ପୀଡ଼ିତା ଭୟଭୀତ ଅବସ୍ଥାରେ ଅଛନ୍ତି। ତାଙ୍କ ସୁରକ୍ଷା ପାଇଁ ସିକ୍ୟୁରିଟ୍ ନିୟୋଜିତ ଅଛନ୍ତି ବୋଲି କହିଥିଲେ । ଏନେଇ ନୟାଗଡ଼ ଏନ୍‌ଏସିର ପୂର୍ବତନ ଚେୟାରମ୍ୟାନ ଭବାନୀ ଶଙ୍କର ଦାଶ କୁହନ୍ତି, ମେଡିକାଲରେ ନାବାଳିକାଙ୍କୁ ଅସଦାଚରଣ ଘଟଣା ଛୋଟ କଥା ନୁହେଁ । ତେବେ ଷ୍ଟାଫ୍ ଓ ସବ୍ ଷ୍ଟାଫ୍ କହି ସିଡିଏମ୍‌ଓ ଦ୍ୱନ୍ଦ ସୃଷ୍ଟି କରୁଛନ୍ତି । ଷ୍ଟାଫ୍ ଓ ସବ୍‌ଷ୍ଟାଫ ଯାହା ହେଉ ଉଭୟେ ମେଡିକାଲ କର୍ମଚାରୀ । ଅସଦାଚରଣ ଘଟଣାରେ ସିଡିଏମ୍‌ଓ ଅଥବା ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ଥାନାରେ ଏତଲା ନ ଦେଇ ସନ୍ଦେହକୁ ଆସିଛନ୍ତି । ଏଣୁ ଅସଦାଚରଣ ଘଟଣାକୁ ଅଣଦେଖା କରା ନ ଯାଉ ବୋଲି ସେ କହିଛନ୍ତି।

### ଲିଫ୍ଟରେ ଯିବାକୁ ଡର

ଜିଲା ମୁଖ୍ୟ ଚିକିତ୍ସାଳୟର ଲିଫ୍ଟରେ ଜଣେ ନାବାଳିକାଙ୍କୁ ମେଡିକାଲ କର୍ମଚାରୀ ଅସଦାଚରଣ କରିବା ପରେ ମହିଳାମାନେ ଲିଫ୍ଟରେ ଯିବାକୁ ଭୟ କରୁଛନ୍ତି । ନାବାଳିକା ଅସଦାଚରଣ ଘଟଣାକୁ ଇତିମଧ୍ୟରେ ୩ ଦିନରେ ପହଞ୍ଚି ଥିବାବେଳେ ମେଡିକାଲ ପକ୍ଷରୁ ମହିଳାଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ମେଡିକାଲରେ ସିକ୍ୟୁରିଟ୍ ବ୍ୟବସ୍ଥା ଥିଲାବେଳେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଡ୍ୟୁଟି କରୁଥିବା ଦେଖିବାକୁ ମିଳୁଛି । ସେମାନେ ରୋଗୀ ଅଥବା ରୋଗୀଙ୍କ ସମ୍ପର୍କୀୟକୁ ସେବା ଦେବାକୁ ପଛଘୁଞ୍ଚା ଦେଉଥିବାର ଅଭିଯୋଗ ହେଉଛି । ଅନ୍ୟପକ୍ଷେ ମେଡ଼ିକାଲ ଫାଣ୍ଡିରେ ପୋଲିସର ସେବା ମଧ୍ୟ ଠିକରେ ମିଳୁନି । ପୋଲିସ ଫାଣ୍ଡି ଭିତରେ ଅଧିକାଂଶ ସମୟ ବସି ରହୁଥିବା ଦେଖିବାକୁ ମିଳୁଛି । ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତ୍ୟହ ଅନେକ ରୋଗୀ ଆସୁଥିବାବେଳେ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି । ମହିଳାଙ୍କ ପାଇଁ ଲିଫ୍ଟରେ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି ଉଠିଛି।

# ସେମି ଫାଇନାଲରେ ଢେଙ୍କାନାଳ ଟିମ୍



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଖଣ୍ଡପଡ଼ା,୯।୨ (ଅଜୟ କୁମାର ମହାରଣା)

### ଖଲିସାହି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଖଣ୍ଡପଡ଼ା ବ୍ଲକ ଅଧୀନ ଖଲିସାହି ବଡ଼ ପଡ଼ିଆରେ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ୍ ଆନୁକୂଲ୍ୟରେ ଗତ ୪ଦିନ ବ୍ୟାପୀ ଚାଲିଥିବା ରାଜ୍ୟସ୍ତରୀୟ ଖଲିସାହି ଟି-୨୦ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଶେଷ ଲିଗ ମ୍ୟାଚରେ ଢେଙ୍କାନାଳ କ୍ରିକେଟ୍ କ୍ଲବ୍ ୭ ଉଇକେଟରେ ତମାଣ୍ଡୋ କ୍ରିକେଟ କ୍ଲବକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ତମାଣ୍ଡୋ କ୍ରିକେଟ୍ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ଉକେଟ୍ ହରାଇ ୨୧୧ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ଢେଙ୍କାନାଳ କିଆଝର ଟିମ୍ ୧୭ ଓଭରରେ ୩ ଉକେଟ୍ ହରାଇ ୨୧୪ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ବିଜୟୀ ଢେଙ୍କାନାଳ ଟିମ୍ ପକ୍ଷରୁ ରଜତ ଦାସ ବ୍ୟକ୍ତିଗତ ଭାବେ ୫୧ଟି ବଲରେ ୧୧ ଚୌକା ଓ ୧୨ଟି ଛକା ସହାୟତାରେ ୧୩୦ ରନ୍ ସଂଗ୍ରହ କରି ଦଳକୁ ବିଜୟୀ କରିବା ସହ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦୀପକ ରଞ୍ଜନ ସାହୁ ଓ ପ୍ରଦୀପ କୁମାର ସାହୁ ଖେଳକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଖଲିସାହି ମହୋତ୍ସବ କମିଟିର ସଭାପତି ବାପୁନି ସାହୁ ଯୋଗଦେଇ ଉଭୟ ଦଳର ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାବିତ୍ ଗୌରାଙ୍ଗ ଚରଣ ସେଠୀ ସ୍କୋର ବୋର୍ଡ ଦାୟିତ୍ୱରେ ଥିବା ବେଳେ ସୀମାଞ୍ଚଳ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶନିବାର ପ୍ରଥମ ସେମି ଫାଇନାଲରେ ପାୱାର କିଙ୍ଗ ବାଙ୍କୀ କ୍ରିକେଟ କ୍ଲବ ଓ ମାଜେଷ୍ଟିକ ଆଠଗଡ଼ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି ଶରତ କୁମାର ସାହୁ କହିଛନ୍ତି ।

# ଚାଷୀ ସବ୍‌ସିଡି ଅର୍ଥ ପାଇବାରେ ବିଳମ୍ବ

ନୟାଗଡ଼,୯।୨(ଲୋକନାଥ ମିଶ୍ର)

### ପ୍ରାଣୀ ଚିକିତ୍ସକ ଆନ୍ଦୋଳନ ବାଧକ ସାଜୁଛି

ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଚାଲୁ ରହିଥିବାବେଳେ ନୟାଗଡ଼ ଜିଲାର ଅନେକ ଚାଷୀ ସବ୍‌ସିଡି ଟଙ୍କା ପାଇ ପାରୁ ନ ଥିବା ଅଭିଯୋଗ ହେଉଛି। ଏନେଇ କେତେଜଣ ଚାଷୀ ଶୁକ୍ରବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । କ୍ରୀଡାଶପୁରର ଜୟନ୍ତୀ ପାଣିଗ୍ରାହୀଙ୍କ ଅଭିଯୋଗ ଅନୁସାରେ ଗାଇ ଫାର୍ମ ନିମନ୍ତେ ୨।୯।୨୦୨୩ରେ କାର୍ଯ୍ୟାଦେଶ ପାଇଥିଲେ । ବ୍ୟାଙ୍କ ଲୋନ କରି ଗୁହାଳ କାର୍ଯ୍ୟ ଶେଷ ହୋଇଛି । ପୁଣି ୮ଟି ଗାଇ କିଣି ସେମାନଙ୍କୁ ଗୁହାଳରେ ରଖି ସାରିଲୁଣି । ହେଲେ ପ୍ରାଣୀ ଚିକିତ୍ସକ ସମୂହ ଛୁଟି ନେଇ ଆନ୍ଦୋଳନରେ ଥିବାରୁ ଋଣ ଟଙ୍କା ଓ ସବ୍‌ସିଡି ମିଳି ପାରୁ ନାହିଁ। ସେହିପରି ବିରୁଡାର ମା'ଲକ୍ଷ୍ମୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ସରୋଜିନୀ ମୁଦୁଲି ଓ ସମ୍ପାଦିକା ସୁଲୋଚନା ଦାସ ଅଭିଯୋଗ କରିଛନ୍ତି ୨ ହଜାର ବ୍ରଏଲର କୁକୁଡ଼ା ଫାର୍ମ ପାଇଁ କାର୍ଯ୍ୟାଦେଶ ପାଇଛୁ । ଧାର କରଜ କରି କୁକୁଡ଼ା ଫାର୍ମ କରିଛୁ । ହେଲେ ଋଣ ଟଙ୍କା ମିଳି ପାରୁ ନାହିଁ ।

# କେନ୍ଦ୍ର ପରିସଂଖ୍ୟାନ ନିର୍ଦ୍ଦେଶକଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଭାପୁର,୯।୨(ଭରତ କୁମାର ବେହେରା)

କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ବିଭାଗର ନିର୍ଦ୍ଦେଶକ ଉଦୟନାଥ ଦାସ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଓ ସମସ୍ତ ଯୋଜନା ସମ୍ପର୍କରେ ବିଭିନ୍ନ କାଗଜପତ୍ର ଦେଖିବା ସହିତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ନିର୍ଦ୍ଦେଶକ ଦାସଙ୍କ ସହିତ ଭାପୁର ତହସିଲଦାର ଲମ୍ବଜିତ ବେହେରା ଅଚାନକ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଜନ୍ମମୃତ୍ୟୁ ପଞ୍ଜୀକରଣ ବିଭାଗର ପ୍ରକୋଷ୍ଠକୁ ଯାଇ ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ଏଥିସହ ବିଭିନ୍ନ ବିଭାଗକୁ ଯାଇ କାଗଜପତ୍ର ଯାଞ୍ଚ କରିଥିଲେ। ଏହାପରେ ମେଡିକାଲର ଡ. ସତ୍ୟପ୍ରିୟ ସାହୁ, ଡ.ରଞ୍ଜନ କୁମାର ମଲିକ, ଜନ୍ମମୃତ୍ୟୁ ପଞ୍ଜୀକରଣ ବିଭାଗର ଅଧିକାରୀ ନିରଞ୍ଜନ ସାହୁ ,ବିପିଏମ୍ ପ୍ରଭାକର ପଲେଇ ପ୍ରମୁଖଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହାପରେ ମେଡିକାଲରେ ରୋଗୀଙ୍କ ସମ୍ପର୍କୀୟମାନଙ୍କ ସହ ଆଲୋଚନା କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଭୂତି



@ ମାନସ



@ ପ୍ରିୟବ୍ରତ



@ମୃତ୍ୟୁଞ୍ଜୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## THE ODISHA STATE COOPERATIVE BANK LTD.
Pandit Jawaharlal Nehru Marg, Bhubaneswar- 751 001

Ref.No.OSCB/HRDD/7101/2023-24 Date:08.02.2024

### REQUEST FOR PROPOSAL

**No.LL-71:**The Managing Director, Odisha State Cooperative Bank Ltd, Pandit Jawaharlal Nehru Marg, Bhubaneswar-751001 invites **Request for proposal for selection of PMC for execution of building works in** sealed cover from the eligible bidders. The eligible criteria, terms and conditions details of Bid document which can be seen and downloaded from OSCB Website www.odishascb.com

The intending bidders may submit their Bid in all respect along with EMD & Tender Cost, from **12.02.2024 to 27.02.2024 upto 5.00 P.M** through Registered Post / Speed Post only. The last date of submission of bid **27.02.2024 up to 5.00 PM.** The received tenders shall be opened **on 29.02.2024 at 03.00 PM** in the OSCB Head Office Premises, Bhubaneswar.

Any Addendum/Corrigendum of tender will be displayed in the OSCB Website.

The authority reserves the right to reject any or all tenders without assigning any reason thereof.

Sd/-
Managing Director

OIPR-39012/11/0038/2324

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, KUCHINDA
E-mail: eerw_kuchinda@yahoo.com

### "e" Procurement Notice for Road Work
Identification No. Online Tender/17/RWD, Kuchinda/2023-24

No. O- 2471:-

| | | | |
|---|---|---|---|
| 1. | Name of the work | : | Road Work |
| 2. | Total Number of Works | : | 1 No. |
| 3. | Class of Contractor | : | Road Work ("B" Class of Contractor) |
| 4. | Period of Completion | : | 06 Calendar month |
| 5. | Availability of Tender online for bidding | : | Dt.09.02.2024 to 20.02.2024 |
| 6. | Last date & time of seeking tender clarification | : | Dt.19.02.2024 at 5.00 A.M. |
| 7. | Date & time of opening of tender Technical Bid | : | 21.02.2024 (11.00 A.M.) |
| 8. | Date & time of opening of tender Financial Bid | : | Will be intimate separately |

Further details can be seen from the website www.tendersodisha.gov.in.

Sd./- Superintending Engineer,
Rural Works Division, Kuchinda

OIPR-25151/11/0028/2324

## State Health Assurance Society
## Health & Family Welfare Department, Govt. of Odisha
Bhubaneswar- 751007, District- Khorda (Odisha)
Phone No.- 0674-2620500, Email ID- hr.recruitmentshas@gmail.com

Adv. No.: 02/2024 **WALK-IN-INTERVIEW** Date: 09.02.2024

**No.E-814:**Walk-in-Interview shall be conducted as scheduled below for the post of Fraud Redressal Officer under State Health Assurance Society, Odisha on contractual basis with monthly consolidated remuneration as noted and subject to renewal as per Society terms and conditions. The post is purely temporary and co-terminus with the scheme.

| Sl. No. | Name of the Post | No. of Vacancy | Consolidated Remuneration | Date of Registration & Interview |
|---|---|---|---|---|
| 01 | Fraud Redressal Officer | 01 | Rs.1,50,000/- | 27.02.2024 |

Interested candidates can log on to **www.nhmodisha.gov.in** and **www.bsky.odisha.gov.in** for details of vacancy, eligibility criteria, age, application form etc. **Candidates fulfilling the eligibility criteria may appear for registration on the date as mentioned against the post. Registration timing shall be from 10.30 A.M. to 12.00 Noon only on Walk-in-Interview date.** No application will be received after scheduled date & time of registration.

**Venue: - State Health Assurance Society, A1 Block, 2nd Floor, Toshali Bhawan, Satya Nagar Unit-9, Bhubaneswar- 751007, District- Khordha , Odisha.**

Sd./- Chief Executive Officer
State Health Assurance Society, Odisha

OIPR-10170/11/0007/2324

## State Health Assurance Society
## Health & Family Welfare Department, Govt. of Odisha
Bhubaneswar- 751007, District- Khorda (Odisha)
Phone No.- 0674-2620500, Email ID- hr.recruitmentshas@gmail.com

Adv. No.: 01/2024 **CONTRACTUAL APPOINTMENT** Date: 09.02.2024

**No.E-813:**Applications are invited from eligible candidates for filling up of the following posts under **State Health Assurance Society, Odisha** on contractual basis with monthly remuneration as noted against each and subject to renewal as per Society terms and conditions. The posts are purely temporary and co-terminus with the scheme.

| Sl. No. | Name of the Post | No. of Vacancy/ies | Remuneration (in Rs.) & Performance Incentive (P.I.) as admissble |
|---|---|---|---|
| 01 | Finance Officer | 04 | Rs.44,000/-+ (P.I.) |
| 02 | District Vigilance Officer | 05 | Rs.44,000/-+ (P.I.) |
| 03 | Data Analyst | 01 | Rs.36,000/-+ (P.I.) |
| 04 | Executive Field Operations | 02 | Rs.27,200/-+ (P.I.) |
| 05 | HR Executive | 01 | Rs.27,200/- + (P.I.) |

Interested candidates can log on to www.nhmodisha.gov.in for details of vacancy, eligibility criteria, age, selection procedure etc. Online application form will be available from 09.02.2024 to 22.02.2024 by 11.59 P.M. Last date for receipt of the System Generated Application duly signed by the candidate along with self-attested copies of all supportive documents is 02.03.2024 by (5.30 P.M.)

Sd/- Chief Executive Officer
State Health Assurance Society, Odisha

OIPR-10170/11/0006/2324

## OFFICE OF THE DIVISIONAL FOREST OFFICER, BERHAMPUR DIVISION
At/Po- Courtpeta Square, Berhampur-760004, Dist-Ganjam (Odisha)
Ph.No.0680-2281354, e-mail: dfo.berhampur@odisha.gov.in

### QUOTATION CALL NOTICE

**No.MM-440:**Sealed Quotations are invited from the intending suppliers/ manufacturers for supply of the following Uniform articles for the year 2023-24.

| Sl.No. | Name of the Uniform Article | Approximate requirement (As per funds available) |
|---|---|---|
| 01 | Khaki Uniform Cloth- Raymond Trovine | 276 Mtrs. |
| 02 | Bata Shoe Power Field | 88 Pairs |
| 03 | Khaki Socks | 88 Pairs |
| 04 | Ground Sheet Best Quality | 88 Nos. |

The quotations should reach in the Office of the undersigned by 12.00 Noon of 15.02.2024 The quotations will be opened on 15th February, 2024 at 4.00 P.M. by the purchase committee in presence of the intending bidders. The Authority reserves the right to accept or reject the quotations without assigning any reason thereof. The quotations should be accompanied by copy of (1) Valid PAN Card (2) GST Certificate. Samples should be attached with the quotation. If any supplier fails to provide sample in the quotation, he should produce the same before the tender committee during opening of bids. The supplier may be required to supply in full or part thereof as per availability of funds of the purchaser.

The financial quote should come in the following format.

| Sl.No. | Name of Item | Unit Cost (in Rs.) | Rate of GST Per Item (in Rs.) | Final Cost per unit (in Rs.) |
|---|---|---|---|---|
| 1 | 2 | 3 | 4 | 5 |

OIPR-08038/11/0029/2324 Sd./- Divisional Forest Officer, Berhampur Division

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE
E Mail ID: serw_balasore@yahoo.in, Ph-No-06782-260318, Balia, Balasore

### "e" Procurement Notice for Road Work
Identification No.Online Tender Road N.C.B. No. 78 for 2023-24
Letter No. 653/WE, Date: 07.02.24

**No.O-2479:**1. Name of the Work :- Road under MMSY-TRIP. 2. Total No. of Work :- 3 Nos. of Roads. 3. Estimated Cost :- From Rs.613.71 lakhs to Rs.833.09 lakhs (Approximately). 4. Eligible Class of Contractor :- "A" & "Special" Class (of Odisha P.W.D.) or relevant Class of other licensing authorities (as per annexure). 5. Period of Completion :- From 09 (Nine) to 11(Eleven) Calendar months for the work. 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No.75 | 13.02.2024 at 10.00 A.M. | 27.02.2024 upto 5.00 P.M. | 26.02.2024 Upto 5.00 P.M. | 28.02.2024 at 10.00 P.M. | Will be Intimated Later |

● Further details can be seen from the website www.tendersodisha.gov.in.

Sd./- N.V. HariharRao
Chief Construction Engineer, R.W.Circle, Balasore

OIPR-25105/11/0102/2324

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

ସଂଖ୍ୟା: ୧୬୮୦ - IND-II-PH-୧୨୦୭ ତାରିଖ: ୦୮।୦୨।୨୦୨୪

### ବିଜ୍ଞାପନ

No. CAD-4050: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଇଣ୍ଡିଆନୋ ଏସ୍‌ପିଏଲ୍ ପ୍ରାଇଭେଟ ଲିମିଟେଡ ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ତହସିଲ ଅନ୍ତର୍ଗତ ସାରୁଆ ଗ୍ରାମ, ଇଡ଼କୋ ପ୍ଲଟ ନଂ. ଏ-୧୩୦ରେ ପ୍ରସ୍ତାବିତ ଗ୍ରୀନଫିଲଡ ଫେରୋ ଆଲୋଏସ ପ୍ରକଳ୍ପଠାରୁ ବାର୍ଷିକ ୫୨୪୦୦ ଟନ (ସର୍ବାଧିକ) ଫେରୋ ଆଲୋଏସ ଉତ୍ପାଦନ ଦ୍ୱାରା ୨×୯ ଏମ୍‌ଭିଏ ଏସ୍‌ଏଏଫ୍ କିମ୍ବା ବାର୍ଷିକ ୩୫୦୦୦ ଟନ (ସର୍ବାଧିକ) ଏଲସି/ଏମସି ଫେରୋ ଆଲୋଏସ ଦ୍ୱାରା ୨×୩.୬ ଏମ୍‌ଭିଏଇଏଏଫ୍,୧×୧୦ ଟନ ଏଲଆରଏଫ, ୧×୧୦ ଟନ ଭିଓଡ଼ି, ୧×୧୦ଟନ ଏଓଡ଼ି ଏବଂ ବାର୍ଷିକ ୧୨୦୦୦ ଟନ ନୋବେଲ ଫେରୋ ଆଲୋଏଜ ଦ୍ୱାରା ଆଲୁମିନୋ ଥରମାଇଟ ପ୍ରକ୍ରିୟା, ବାର୍ଷିକ ୭୫୦୦୦ ଟନ ଉଚ୍ଚ ଆଲୁମିନୋ ରିଫ୍ରାକ୍ଟୋରୀ ମ୍ୟାଟେରିଆଲ ପ୍ରକଳ୍ପ, ବାର୍ଷିକ ୧୫୦୦୦ ଟନ ମାଙ୍ଗାନିଜ ଏବଂ ଫାଇନ୍ ଡଷ୍ଟ ପେଲେଟ ପ୍ରକଳ୍ପ, ୩୫୦୦ ଏନଏମ ୩/ ଘଣ୍ଟା ପ୍ରଡ୍ୟୁସର ଗ୍ୟାସ ପ୍ରକଳ୍ପ, ବାର୍ଷିକ ୮୬,୪୦୦ ଟନ କ୍ରୋମ ଓର ବ୍ରୀକୁଏଟିଂ ପ୍ରକଳ୍ପ ଏବଂ ବାର୍ଷିକ ୧୦ଟନ ଜିଂଗିଂଗ ପ୍ରକଳ୍ପ ଉତ୍ପାଦନ କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC) ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୧।୦୩।୨୦୨୪ରିଖ ଦିବା ୧୧.୦୦ ଘଟିକା ସମୟରେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ତହସିଲ ଅନ୍ତର୍ଗତ ସାରୁଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଖୋର୍ଦ୍ଧା।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **www.ospcboard.org**ରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./- ସଦସ୍ୟ ସଚିବ

OSPCB-PH-MISC-0005-2024/3/2024 OIPR-08012/11/0173/2324

# ମଞ୍ଜୁରୀପ୍ରାପ୍ତ ଖାଦାନରେ ଚଢ଼ାଉ

- ୩ ହାଇୱା, ୨ ପୋକଲିନ ମେଶିନ ଜବତ
- ବେଆଇନ ଖାଦାନଗୁଡ଼ିକୁ ଚାରିଖୁଣ ମାଫ୍
- ମିଳୁଛି ଆଗୁଆ ସୂଚନା, ଖାଲି ହାତରେ ଫେରୁଛି ପ୍ରଶାସନ
- ପ୍ରଶାସନର ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ


ଖଣିରେ ଚଢ଼ାଉ ପାଇଁ ଆସିଥିବା ଅଧିକାରୀମାନେ ।

**ଯାଜପୁର/ଧର୍ମଶାଳା(ହର୍ଷବର୍ଦ୍ଧନ ବେହେରା/ବଟକୃଷ୍ଣ ପରିଡ଼ା),୯।୨ :** ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଡଙ୍କାରୀ ଓ ରାହାଡପୁର କଳାପଥର ଖାଦାନରେ ଶୁକ୍ରବାର ଲଘୁ ଖଣି, ରାଜସ୍ୱ ଓ ପୋଲିସ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇଛି। ଡଙ୍କାରୀ ପାହାଡ଼ର କଳାପଥର ଖାଦାନ ଉପରେ ହୋଇଥିବା ଚଢାଉରେ ୩ ହାଇୱା ଗାଡ଼ି ଓ ୨ ପ୍ରୋକଲିନ ମେଶିନ ଜବତ ହୋଇଛି। ଉକ୍ତ କଳାପଥର ଖାଦାନକୁ ପ୍ରଶାସନିକ ମଞ୍ଜୁରୀ ମିଳି ସାରିଛି। ତେବେ ତହସିଲ ପ୍ରଶାସନ ପକ୍ଷରୁ ଟିପି(ଟ୍ରାନ୍‌ଜିଟ ପାସ) ଜାରି ହୋଇ ନ ଥିବାରୁ ଉକ୍ତ ଖାଦାନ ଉପରେ ଚଢାଉ କରାଯାଇଥିବା ସୂଚନା ମିଳିଛି। ଜବତ ଗାଡ଼ିଗୁଡ଼ିକୁ ଜେନାପୁର ଥାନା ପୋଲିସରେ ଜିମା ଦିଆଯାଇଛି। ପରବର୍ତ୍ତି ସମୟରେ ଆବଶ୍ୟକ ତଦନ୍ତ କରି ସମ୍ପୃକ୍ତ ଲିଜଧାରୀଙ୍କୁ ନୋଟିସ କରାଯିବ ବୋଲି ସୂଚନା ମିଳିଛି।

ରାହାଡ଼ପୁର ପାହାଡ଼ ପାଦଦେଶରେ ଥିବା ୪ କ୍ରଶରରେ କେବଳ ତଦନ୍ତ କରି ଫେରି ଯାଇଛନ୍ତି। ଉକ୍ତ କ୍ରଶରଗୁଡ଼ିକରେ ଅନୁମତିଠାରୁ ଅଧିକ କଳାପଥର ମହଜୁଦ ରହିଥିଲା ନା ନାହିଁ ସେ ନେଇ କୌଣସି ସୂଚନା ମିଳି ପାରିନାହିଁ। ଅନ୍ୟପକ୍ଷେ ମଞ୍ଜୁରପ୍ରାପ୍ତ କଳାପଥର ଖାଦାନ ସଂକ୍ରାନ୍ତରେ ସମସ୍ତ କାଗଜପତ୍ର ଥିବାବେଳେ କାହିଁକି ପ୍ରଶାସନିକ ପକ୍ଷରୁ ଚଢ଼ାଉ କରାଯାଇଥିଲା ତାହା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଆରୁହା, ଡଙ୍କାରୀ, ବାଘୁଆ, ବିଛାଖଣ୍ଡି, ଅଞ୍ଜିରା, ବାଜବାଟି ଆଦି ଖାଦାନରୁ ବିପୁଳ ପରିମାଣରେ ବେଆଇନ କଳାପଥର ଲୁଟ୍ କାରବାର ଚାଲିଛି । ସେଠାରେ ଜାଣି ଶୁଣି ଚଢାଉ କରାଯାଉ ନାହିଁ। ଯେତେବେଳେ ଚଢ଼ାଉ କରାଯାଉଛି ତାହାର ବହୁ ସମୟ ପୂର୍ବରୁ କଳାପଥର ଲୁଟକାରୀଙ୍କୁ ଆଗୁଆ ସୂଚନା ମିଳିଯାଉଛି। ଅନ୍ୟପକ୍ଷେ ଜିଲା ଲଘୁ ଖଣି ବିଭାଗ ନୂତନ ଭାବେ ପ୍ରତିଷ୍ଠା ହୋଇଥିବାରୁ ସେମାନେ ବେଆଇନ ଖାଦାନଗୁଡିକ ସଂକ୍ରାନ୍ତରେ ସେତେଟା ଜାଣି ପାରୁନାହାନ୍ତି। ଏହାର ସୁଯୋଗରେ ଅନ୍ୟ ବିଭାଗର କର୍ମଚାରୀମାନଙ୍କ ଦ୍ୱାରା କଳାପଥର ଲୁଟକାରୀମାନେ ସହଜରେ ଆଗୁଆ ଖବର ପାଇ ଯାଉଛନ୍ତି। ଫଳରେ ଚଢାଉକାରୀ ଦଳ ଖାଲି ହାତରେ ଫେରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହିକ୍ରମରେ ବେଆଇନ ଖାଦାନଗୁଡ଼ିକୁ ଚାରିଖୁଣ୍ଟ ମାଫ କରାଯାଉଥିବା ସହ ଶୁକ୍ରବାରର ଚଢାଉ କେବଳ ଲୋକଦେଖାଣିଆ ଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

ଯାଜପୁର ଲଘୁ ଖଣିଜ ବିଭାଗର ଉପ ନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କ ନେତୃତ୍ୱରେ ଜିଲା ଲଘୁ ଖଣି ଅଧିକାରୀ ଯଶୋବନ୍ତ ସେଠୀ, ଯାଜପୁର ରୋଡ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ଧର୍ମଶାଳା ତହସିଲର ଆରଆଇ ଚନ୍ଦନ କୁମାର ସାହୁ ଓ ସନ୍ଦୀପ ମହାନ୍ତି ପ୍ରମୁଖ ଉକ୍ତ ଚଢାଉରେ ସାମିଲ ଥିଲେ। ଏ ସଂକ୍ରାନ୍ତରେ ଲଘୁ ଖଣି ଉପନିର୍ଦ୍ଦେଶକ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଆଇନ ଅନୁଯାୟୀ ଚଢାଉ ହୋଇଛି। ଏଥିରେ କୌଣସି ପ୍ରକାର ପାତର ଅନ୍ତର ହେଉନି। ଚଢ଼ାଉ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଶାନ୍ତିପୁର ପଞ୍ଚାୟତରେ ସଚେତନତା ଶିବିର

**ବଡ଼ଚଣା,୯।୨(ଦିଲୀପ କୁମାର ମହାନ୍ତି):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାନ୍ତିପୁର ପଞ୍ଚାୟତରେ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ପୂର୍ବତନ ଜିଲା ପରିଷଦ ସଭ୍ୟ ମାନଗୋବିନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବ୍ଲକ୍ ଅଧକ୍ଷା ମିନତି ସେନାପତି, ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଯୁବ ସାମାଜିକ କର୍ମୀ ଶ୍ରୀବତ୍ସ ବିଶ୍ୱାଳ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନାଏବ ସରପଞ୍ଚ ଶାନ୍ତିଲତା ସ୍ୱାଇଁ, ସାମାଜିକକର୍ମୀ ନିରୁପମା ମାହଲା, ୱାର୍ଡସଭ୍ୟ ମିତାଲି ସେଠୀ, ରବୀନ୍ଦ୍ରନାଥ ସେଠୀ, ଅନୁସୟା ମଲ୍ଲିକ, ନିରୂପମା ଦଳେଇ, ସବିତା ସେଠୀ, ନାରାୟଣ ବଳ, ସନ୍ତୋଷୀ ମଲ୍ଲିକ, ସୁନୀଲ ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସମିନ ସଏ, ଜିଆରଏସ୍ ମିହିର ରାଉତ ଓ କୃଷିମିତ୍ର ମାନସ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସରପଞ୍ଚ ମୀନକେତନ ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମିତିସଭ୍ୟ ରବୀନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ।

## ବ୍ୟବସାୟୀଙ୍କ ପରଲୋକ

**କାଏମା,୯।୨(ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତ ଡିଗିରିପଡିଆ ଗ୍ରାମର ବ୍ୟବସାୟୀ ନାରାୟଣ ବେଜ(୪୯)ଙ୍କ ଗୁରୁବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ରାତିରେ ତାଙ୍କ ଦେହ ଅସୁସ୍ଥ ହେବାରୁ ସେ ଘର ବାହାରକୁ ଆସିବା ସମୟରେ ପଡ଼ି ଯାଇଥିଲେ। ପରେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାରାୟଣ କାଏମା ବଜାରରେ ବ୍ୟବସାୟୀ କରି ଜଣେ ଭଲ ମଣିଷ ଭାବେ ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ପରଲୋକ ଖବର ପାଇ ବଜାରର ବ୍ୟବସାୟୀ ଗଭୀର ଶୋକ ପ୍ରକାଶ କରିବା ସହ ବଜାର କମିଟି ପକ୍ଷରୁ ଶୁକ୍ରବାର କାଏମା ବଜାର ବନ୍ଦ ରହିଥିଲା। ବହୁ ମାନଗ୍ୟଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। କେଲୁଅ ନଦୀ କୂଳ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ଚିନ୍ମୟ ମୁଖାଗ୍ନି ଦେଇଥିଲେ।

## ଅବସରପ୍ରାପ୍ତ କୃଷି କର୍ମଚାରୀଙ୍କ ପରଲୋକ

**ଧର୍ମଶାଳା,୯।୨(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଜାମୁବଣିଆ ନବାସୀ କୃଷି ବିଭାଗ ଅବସରପ୍ରାପ୍ତ କର୍ମଚାରୀ ଦୁର୍ଯ୍ୟୋଧନ ବିଶ୍ୱାଳ(୮୨)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଖଡଗପୁରରେ ଚାକିରି କରିଥିବା ତାଙ୍କର ଏକମାତ୍ର ପୁଅ ଇଂ. ସରୋଜ ବିଶ୍ୱାଳଙ୍କ ନିକଟରେ ରହି ଚିକିତ୍ସିତ ହେଉଥିଲେ। ମରଶରୀରକୁ ଜାମୁବଣିଆସ୍ଥିତ ବାସଭବନକୁ ଅଣାଯିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ପରେ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ବୋଲି ତାଙ୍କ ବଡ଼ ଭାଇ ଅବସରପ୍ରାପ୍ତ ସେନାଧିକାରୀ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ ସୂଚନା ଦେଇଛନ୍ତି। ବିଶ୍ୱାଳଙ୍କ ବିୟୋଗରେ ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା ଓ ରମେଶ ପରିଡ଼ା ଶୋକବ୍ୟକ୍ତ କରିଛନ୍ତି।



# ସ୍ୱାଭିମାନର ପ୍ରତୀକ ଥିଲେ ବିଷ୍ଣୁ ସାମନ୍ତରାୟ



ବିଷ୍ଣୁ ସାମନ୍ତରାୟଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି ।

**ଚଣ୍ଡିଖୋଲ/ବଡ଼ଚଣା,୯।୨(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଏହାର ପ୍ରତିଷ୍ଠାତା ବିଷ୍ଣୁ ସାମନ୍ତରାୟଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ପବିତ୍ର ମହଲାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରେଭେନଶା ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗ ପ୍ରଫେସର ଡ. ନଟବର ଶତପଥୀ ଯୋଗଦେଇ ଦୀର୍ଘ ୪୯ ବର୍ଷ ତଳେ ରାସ୍ତା ଘାଟ ନ ଥିବା ଓ ୨ ନଦୀ ଘେର ମଧରେ ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ମହାବିଦ୍ୟାଳୟ ପ୍ରତିଷ୍ଠା କରି ଚିରଦିନ ପାଇଁ ପୂଜନୀୟ ହୋଇଛନ୍ତି ବିଷ୍ଣୁ ସାମନ୍ତରାୟ। ତେଣୁ ସେ ସାଭିମାନର ପ୍ରତୀକ ଥିଲେ ଡ. ଶତପଥୀ କହିଥିଲେ।

ମୁଖ୍ୟବକ୍ତାଭାବେ ବିଶିଷ୍ଟ ଶିକ୍ଷାବିତ ତଥା ପୂର୍ବତନ ଅଧକ୍ଷ ନୃସିଂହ ପ୍ରସାଦ ବସ୍ତିଆ ଯୋଗଦେଇ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ଓ ପରିଚାଳନା କରିବାରେ ସାମନ୍ତରାୟ ପରିବାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଙ୍କ ଅବଦାନକୁ ସବୁଦିନ ଛାତ୍ରୀଛାତ୍ର ମନେ ରଖିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ପ୍ରଫେସର ତ୍ରିଲୋଚନ ରାଉତ ଯୋଗଦେଇ ବିରୂପା, ଗେଙ୍ଗୁଟି ଦ୍ୱୀପାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ବିଷ୍ଣୁ ବାବୁ ଯେଉଁ ମହନୀୟ ଉଦ୍ୟମ କରିଛନ୍ତି ତାହା ଅବିସ୍ମରଣୀୟ ବୋଲି କହିଥିଲେ। ମହାବିଦ୍ୟାଳୟ ଅଧକ୍ଷ ମହଲା ଅତୀତର ମହାବିଦ୍ୟାଳୟ ଓ ବର୍ତ୍ତମାନର ଉନ୍ନତି ସମ୍ପର୍କରେ ଇତିହାସ କହିବା ସହ ସାମନ୍ତରାୟ ଓ ତାଙ୍କ ପୁତ୍ର ଅମରେନ୍ଦ୍ର ସାମନ୍ତରାୟଙ୍କ ତ୍ୟାଗ ଏବଂ ମହିମା ଆଲୋଚନା କରିଥିଲେ। ପ୍ରଫେସର ବ୍ରଜକିଶୋର ସ୍ୱାଇଁ, ପ୍ରଦୀପ ବରାଳ ସାମନ୍ତରାୟଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାଧ୍ୟାପକ ପ୍ରମୋଦ ଖଣ୍ଡେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଶାନ୍ତନୁ ରାଉତ, ନାରାୟଣ ମୁଦୁଲି, ସଞ୍ଜିତ ମହାନ୍ତି ଓ ସାମୁଏଲ ଲିମାଙ୍କ ସମେତ ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ଡ. ଅମ୍ବିକା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ୩ୟ ରିଜର୍ଭ ବାଟାଲିୟନରେ ଦୀକ୍ଷାନ୍ତ ସମାରୋହ



ଅତିରିକ୍ତ ପୋଲିସ ଡିଜି ଦୟାଲ ଗଙ୍ଗୱାର ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି ।

**କାଳିଆପାଣି,୯।୨(ଅସିତ ମହାନ୍ତ):** ଯାଜପୁର ଜିଲା ସୁକିନ୍ଦାସ୍ଥିତ ୩ୟ ଇଣ୍ଡିଆନ ରିଜର୍ଭ ବାଟାଲିୟନ କଳିଙ୍ଗନଗର ପରିସରରେ ଦୀକ୍ଷାନ୍ତ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ ଡିଜି ଦୟାଲ ଗଙ୍ଗୱାର ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଦୁର୍ଗପତି ଲୋଚନ ପଶାୟତ ଯୋଗଦେଇଥିଲେ। ଏଠାରେ ଓଡ଼ିଶା ସରକାରଙ୍କ ସିଭିଲ କନଷ୍ଟେବଳମାନଙ୍କ ପ୍ରଶିକ୍ଷଣ ଶିବିର କରାଯାଇଥିଲା। ମୋଟ୍ ୧୯୨ ଜଣ ଏହି ଶିବିରରେ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷଣ ସମୟରେ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୭ କନଷ୍ଟେବଳଙ୍କୁ ସମ୍ମାନିତ କରାଯାଇଥିଲା। ମେ'୧୦ରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶେଷ ହେବାପରେ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷକଭାବେ ରଞ୍ଜନ ବାରିକ, ରଞ୍ଜନ ଦାସ, ଜେକେ ମହାନ୍ତି, ଏକେ ସ୍ୱାଇଁ, ଉଦ୍ଧବ ଚନ୍ଦ୍ର ନାୟକ, ଏମ୍. ସେଠୀ, ଏକେ ନାୟକ, ଏକେ ସାମଲ, ଏନ୍‌ଆର୍ ନାୟକ, ଡିଆର୍ ପ୍ରଧାନ, ପିକେ ପ୍ରଧାନ, ଏସ୍‌ଜେ ସାହୁ, ଏସ୍‌କେ ରାଉତ ଓ ପିବି ଥପ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଡେକୋ କାର୍ଯ୍ୟ ବନ୍ଦ ନୋଟିସ ମାମଲା

### ବୁଝାମଣା ପରେ କାର୍ଯ୍ୟ ଆରମ୍ଭ ପାଇଁ ସହମତି

**କାଳିଆପାଣି,୯।୨(ଅସିତ ମହାନ୍ତ):** ଟାଟା କମ୍ପାନୀର ୩ ଖଣିରେ କାର୍ଯ୍ୟରତ ଡେକୋ କମ୍ପାନୀ ୩ ମାସ ପୂର୍ବରୁ କାର୍ଯ୍ୟ ବନ୍ଦ ନୋଟିସ ଦେଇଥିବାବେଳେ ଶୁକ୍ରବାର ବୁଝାମଣା ପରେ କାର୍ଯ୍ୟ ଆରମ୍ଭ କରିବାକୁ ସହମତି ପ୍ରକାଶ କରିଛି। ଏହାର ସମାଧାନ ପାଇଁ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼େଇଙ୍କ ଉପସ୍ଥିତିରେ ଭୁବନେଶ୍ୱରସ୍ଥିତ ସରକାରୀ କାର୍ଯ୍ୟାଳୟରେ ଏକ ତ୍ରିସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରମିକ ଓ କର୍ମଚାରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଏହାର ସମାଧାନ କରିବାକୁ ମନ୍ତ୍ରୀ କହିଥିଲେ। ଶୀଘ୍ର କମ୍ପାନୀ ଓ ଠିକାଦାରଙ୍କ ଭିତରେ ବୁଝାମଣା ହୋଇ ସ୍ଥାୟୀ ସମାଧାନ କରିବାକୁ ଟାଟା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଥିବାବେଳେ କାର୍ଯ୍ୟ ବନ୍ଦ ନ କରିବାକୁ ଠିକାଦାର ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଟାଟା କମ୍ପାନୀ ପକ୍ଷରୁ ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ସୁକିନ୍ଦା ଖଣି ମୁଖ୍ୟ ଏସ୍‌ଏନ୍ ଝା, ସରୁଆବିଲ, କମର୍ଦ୍ଦା ଖଣି ମୁଖ୍ୟ ନବୀନ ଶ୍ରୀବାସ୍ତବ, ଡେକୋ କମ୍ପାନୀ ନିର୍ଦ୍ଦେଶକ ଏସ୍‌ଆର ସାମଲ, ସିଇଓ ଅଭିଷେକ ସାମଲ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ଅଜୟ ନାୟକ, ଶମ୍ଭୁ ମୁର୍ମୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସାରୁଅବିଲ, କମର୍ଦ୍ଦା ଓ ସୁକିନ୍ଦା କ୍ରୋମାଇଟ ଖଣିରେ ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ଡେକୋ କମ୍ପାନୀ ମାର୍ଚ୍ଚ ୧ରୁ କାର୍ଯ୍ୟ ବନ୍ଦ କରିବାକୁ ନୋଟିସ ଜାରି କରିଥିଲା। ଉତ୍ତୋଳନର ଦର ବୃଦ୍ଧି, ଉତ୍ତୋଳନ ପରିମାଣ କମ କରିବା ଆଦି ଡେକୋର ଦାବିକୁ ଟାଟା କର୍ଣ୍ଣପାତ କରୁ ନ ଥିବାରୁ ଠିକାସଂସ୍ଥା ଏହି ପଦକ୍ଷେପ ନେଇଥିଲା। ଅନୂନ୍ୟ ଦଶ ବର୍ଷ କାର୍ଯ୍ୟ ସମ୍ପାଦନ କରିବାକୁ ଚୁକ୍ତିବଦ୍ଧ ଡେକୋ କାର୍ଯ୍ୟ ଅଧାରୁ ଏଭଳି ଦାବିକୁ ଟାଟା ସହଜରେ ଗ୍ରହଣ କରି ନ ଥିଲା। ଠିକାଦାର ନିଜର କ୍ଷତି ହେଉଥିବା ଦର୍ଶାଇ କାମ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ।

# ପାଚିକା ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୧୦ ଦଫା ଦାବିପତ୍ର

**ଯାଜପୁର ଟାଉନ,୯।୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):** ବିଜୁ ଶ୍ରମିକ ସାମ୍ମୁଖ୍ୟ ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକପାଚିକା ମହାସଂଘ ପକ୍ଷରୁ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୧୦ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

କେନ୍ଦ୍ର ସରକାର ପାଚକପାଚିକାଙ୍କ କଥାକୁ ଗୁରୁତ୍ୱ ଦେଉ ନ ଥିବାବେଳେ ମହାସଂଘର କର୍ମକର୍ତ୍ତା ରାଜ୍ୟ ସରକାରଙ୍କୁ ପ୍ରଶଂସା କରିବା ସହ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ପାଚକପାଚିକା ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଥିଲେ ମଧ ଉପଯୁକ୍ତ ପ୍ରାପ୍ୟ ଦିଆଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି। ତେଣୁ ପାଚକପାଚିକାଙ୍କୁ ନିଯୁକ୍ତିପତ୍ର, ସରକାରୀ ମାନ୍ୟତା, ରାଜ୍ୟ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରି ୩୩୧ଟଙ୍କା ଲାଗୁ କରାଯିବା ସହ ମାସିକ ୯ ହଜାର ୯୩୦ଟଙ୍କା ଦରମା ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି ୨୦୧୮ ଜାନୁଆରୀରୁ ପ୍ରଚଳିତ ୨ ହଜାର ଟଙ୍କା ଦରମା ହାରରେ କେନ୍ଦ୍ର ସରକାର ଦେବାକୁ ପ୍ରତ୍ୟେକ ରୋଷେୟାଙ୍କୁ ୩୬ହଜାର ଟଙ୍କା ପୈଠ, ଚତୁର୍ଥଶ୍ରେଣୀ କର୍ମଚାରୀ ମାନ୍ୟତା, ଚିକିତ୍ସା ଭତ୍ତା ସହିତ ବୀମା ସୁବିଧା ପ୍ରଦାନ, କାର୍ଯ୍ୟରୁ ଅବ୍ୟାହତ ପରେ ପେନ୍‌ସନ୍ ଲାଗୁ, ମାସର ପ୍ରଥମ ସପ୍ତାହରେ ଦରମା ଓ ଖରା ଛୁଟିରେ ଦରମା ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ମହାସଂଘ କର୍ମକର୍ତ୍ତା ମାନସାପୋଲସ୍ଥିତ ରାମମନ୍ଦିର ନିକଟରୁ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ।

ସଭାରେ ମହାସଂଘ ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ବିଜୁ ଶ୍ରମିକ ସାମ୍ମୁଖ୍ୟ ନେତା ବିଜୟ ରଥ, ମୁଖ୍ୟ ସଂଯୋଜକ ପ୍ରଦୀପ ନାୟକ, ଜଗନ୍ନାଥ ମୁଦୁଲି, ଧୀରେନ୍ଦ୍ର ସାହୁ, ଶିଶିର ସାହୁ, ଜିଲା ସଭାନେତ୍ରୀ ସୁମିତ୍ରା ରଥ, ସମ୍ପାଦିକା ମମତା ସାହୁ, ଉପସଭାନେତ୍ରୀ ସବିତା ମହନ୍ତ, ସହସମ୍ପାଦକ ବାସନ୍ତୀ, କୋଷାଧ୍ୟକ୍ଷ କୁନି ଯେନା, ରୁକ୍ମଣୀ ଦାସ, ପ୍ରଭାତୀ ସିଂହ, ସଂଯୁକ୍ତା ସ୍ୱାଇଁ, ଜୟନ୍ତୀ ବେହୁରିଆ, କମଳା ମିଶ୍ର, ତୋଫାନା ବିବି ଓ ନନ୍ଦ ସେନାପତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାସଂଘ ଦାବିପ୍ରତି କେନ୍ଦ୍ର ସରକାର ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସଭାରେ ଚେତାବନୀ ଦିଆଯାଇଥିଲା।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ବରୀ,୯।୨(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ ଅନ୍ତର୍ଗତ ଚନ୍ଦନପୁର ପଞ୍ଚାୟତ ପକ୍ଷରୁ ଅଜାଣ ହାଟ ପଡ଼ିଆଠାରେ ଆମ ଓଡ଼ିଶା, ନୀବନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଚପଳା ମଲ୍ଲ କାର୍ଯକ୍ରମକୁ ଶୁଭାରମ୍ଭ କରିଥିଲେ। ବ୍ଲକ ବିଜେଡି ସଭାପତି କେଦାର ସାମଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଦେବେନ୍ଦ୍ର ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ ନିମନ୍ତେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଗାୟିକା ରୀନାବାଳା ପାତ୍ରଙ୍କ ଦ୍ୱାରା ଜନ ସଚେତନତାଧର୍ମୀ ପାଲା ପରିବେଷଣ କରାଯାଇଥିଲା। ମହେଶ୍ୱର ମଲ୍ଲ ହାଇସ୍କୁଲର ଛାତ୍ରୀମାନେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ରମ୍ଭା ସରପଞ୍ଚ ମାନସ ଯେନା, ମନ୍ଦାରୀ ସମବାୟ ସମିତି ସଭାପତି ଅନିରୁଦ୍ଧ ମଲ୍ଲ, ଅଭିମନ୍ୟୁ ସାହୁ, ମନୋଜ ମଲ୍ଲ, ହରିହର ପଣ୍ଡା, ଅଜୟ ମଲ୍ଲ, ରତିରଞ୍ଜନ ଜେନା ଓ ଦୁର୍ଯ୍ୟୋଧନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ସ୍ମରଣିକା ଧଳ, ଗ୍ରାମ ରୋଜଗାର ସେବକ ମନୋଜ ଜେନା ପ୍ରମୁଖ ସହଯୋଗ କରିଥିଲେ। ଉଚ୍ଛଚରଣ ପରିଡ଼ା ଧନ୍ୟବାଦ ଦେଇଥିଲେ।


ଚନ୍ଦନପୁର ପଞ୍ଚାୟତ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

## ଦାବିପୂରଣ ପାଇଁ ଧାରଣା

**କଳିଙ୍ଗନଗର,୯।୨(ଶୁଭାଶିଷ ରାଉତ):** ନୀଳାଚଳ ବାସଚ୍ୟୁତ ପରିବାର ପକ୍ଷରୁ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଆରମ୍ଭ ହୋଇଛି। ବାସଚ୍ୟୁତ ପରିବାର ସଦସ୍ୟ ଓ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାରର ଉତ୍ତରାଧିକାରୀଙ୍କୁ କାରଖାନାରେ ସ୍ଥାୟୀ ନିଯୁକ୍ତି ଦାବିରେ ଏହି ଧାରଣା ଦିଆଯାଇଛି। ଗତ ୨ ତାରିଖରେ ସେମାନେ ଏଥିନେଇ ଜିଲା ପ୍ରଶାସନ, ସୁକିନ୍ଦା ବିଧାୟକ, କାରଖାନା କର୍ତ୍ତୃପକ୍ଷ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ପତ୍ର ମାଧମରେ ଅବଗତ କରିଥିଲେ। ହେଲେ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ସେମାନେ ଧାରଣା ଦେବାକୁ ବାଧ ହୋଇଛନ୍ତି ବୋଲି ବିସ୍ଥାପିତ ପରିବାରର ଜାନକୀ କେଶରୀ ମହାନ୍ତ, ବୈକୁଣ୍ଠନାଥ ମହାନ୍ତ ପ୍ରମୁଖ କହିଛନ୍ତି।

# ୪ କେନ୍ଦ୍ରୀୟ ଯୋଜନାର ସମୀକ୍ଷା ରିପୋର୍ଟ ଉପସ୍ଥାପନ



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

**ରସୁଲପୁର,୯।୨(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ୪ କେନ୍ଦ୍ରୀୟ ଯୋଜନା କାର୍ଯ୍ୟାବଳୀର ବିଭିନ୍ନ ଦିଗ ଉପରେ ସମୀକ୍ଷା କରାଯାଇ ରିପୋର୍ଟ ଉପସ୍ଥାପନ କରାଯାଇଛି।

ବିଗତ ୬ମାସ ମଧରେ ଯୋଜନାକୁ ନେଇ ତୃଣମୂଳସ୍ତରରେ ସାଧାରଣ ଲୋକେ କେତେ ଉପକୃତ ହୋଇଛନ୍ତି ତାହାକୁ ସମୀକ୍ଷକ ଘରଘର ବୁଲି ବୁଝିବା ସହ ତ୍ରୁଟିବିଚ୍ୟୁତି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଯୋଜନାକୁ ନେଇ ପଞ୍ଚାୟତ ପକ୍ଷରୁ ଖୋଲାଯାଇଥିବା ଫାଇଲର କାଗଜାତ ଯାଞ୍ଚ କରାଯାଇଥିଲା। ମାତ୍ର କାଗଜାଦ୍ ଓ ଫାଇଲରେ ତାଳମେଳ ରହୁ ନ ନଥିବା ଭଳି କେତେକ ତଥ୍ୟକୁ ଗ୍ରାମସଭାରେ ଉପସ୍ଥାପନ କରାଯାଇଛି। ଯୋଜନାରୁ ମିଳିଥିବା ତଥ୍ୟ ସମ୍ପର୍କରେ ସଭାରେ ଆଲୋଚନା କରାଯାଇ ଉପସ୍ଥିତ ଗ୍ରାମବାସୀ ଓ ସଦସ୍ୟାସଦସ୍ୟଙ୍କ ମତାମତ ନିଆଯାଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ନିଷ୍ପତ୍ତି ମୁତାବକ ଗ୍ରାମସଭା ବିବରଣୀ ଲେଖାଯାଇ ବ୍ଲକ ଜନଶୁଣାଣିରେ ଉପସ୍ଥାପନ କରାଯିବ ବୋଲି ଜଣାଯାଇଛି। କେନ୍ଦ୍ରୀୟ ଯୋଜନା ଭାବେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜାତୀୟ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା ଯୋଜନା, ଆବାସ ଓ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। କ୍ଲଷ୍ଟର ସାମାଜିକ ସମୀକ୍ଷକ ରମାମଣି ସାହୁ ଓ ମଧୁସ୍ମିତା ସାହୁ ପଞ୍ଚାୟତର ୭ ରାଜସ୍ୱ ଗ୍ରାମକୁ ଯାଇ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଶିକ୍ଷାବିତ୍ ନଗେନ୍ଦ୍ର ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଗ୍ରାମସଭାରେ ସମୀକ୍ଷକ ପ୍ରସ୍ତୁତ ରିପୋର୍ଟକୁ ଉପସ୍ଥାପନ କରିଥିଲେ। ସଭାରେ ସରପଞ୍ଚ ସ୍ମୃତିରେଖା ରାଉତ, ପିଇଓ ଅକ୍ଷୟ ସାମଲ, ବ୍ଲକ ସାମାଜିକ ସମୀକ୍ଷକ ରିଙ୍କୁନ ସ୍ୱାଇଁ, ଜିଆର୍‌ଏସ୍ ପ୍ରଶାନ୍ତ ଘଡ଼େଇ, ନାଏବ ସରପଞ୍ଚ କେଦାର ଦେଓ, ଏମ୍‌ବିକେ ସସ୍ମିତା ଆଏଚ, ୱାର୍ଡସଭ୍ୟ ନୃସିଂହ ମଲିକ, ସଦାନନ୍ଦ ପଣ୍ଡା, ସୁକାନ୍ତି ସାହୁ, ଅଭିରାମ ଆଏଚ, ସୁଚିସ୍ମିତା ପତି ଓ ସୁବାସିନୀ ମଲିକଙ୍କ ସମେତ ବହୁ ଗ୍ରାମବାସୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଓଳାଶୁଣୀ ଗୁମ୍ଫା ମହୋତ୍ସବ ଉଦ୍‌ଯାପିତ

**ଚଣ୍ଡିଖୋଲ,୯।୨(ପ୍ରଦୀପ୍ତ କୁମାର ପୃଷ୍ଟି):** ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେଶନ ପକ୍ଷରୁ ଓଳାଶୁଣୀ ପାହାଡ଼ ଶୀର୍ଷ ଦେଶରେ ଥିବା ଅନନ୍ତ ଗୁମ୍ଫା ନିକଟରେ ଏକାଦଶ ଓଳାଶୁଣୀ ଗୁମ୍ଫା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜଣେ ସାଧାରଣ ଲୋକ ସନ୍ଥ ହେବା ଓ ଜଣେ ରାଜପୁତ୍ର ସନ୍ଥ ହେବା ମଧରେ ଏକ ଅସାଧାରଣ ପ୍ରତିଭା ରହିଛି। ୨୦୦ ବର୍ଷ ତଳୁ ଜଣେ ରାଜପୁତ୍ର ରାଜସିଂହାସନ ପରିତ୍ୟାଗ କରି ଘଞ୍ଚ ଜଙ୍ଗଲ ମଧରେ ତପସ୍ୟା କରିବା ଏହା ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ତ୍ୟାଗମୟ ଜୀବନର ଉଦାହରଣ ବୋଲି କହିଥିଲେ।

ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମହୋତ୍ସବକୁ ଉଦ୍‌ଘାଟନ କରି କହିଥିଲେ, ଧର୍ମ, ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ର ଭାବେ ଓଳାଶୁଣୀ ରାଜ୍ୟର ଏକ ପ୍ରମୁଖ ପୀଠ। ଜୀବନରେ ମୂଲ୍ୟବୋଧ ଓ ଧାର୍ମିକ ବିଚାରର ମାର୍ଗଦର୍ଶନ କରିଛନ୍ତି ମହାପୁରୁଷ ଅରକ୍ଷିତ ଦାସ। ସମ୍ମାନିତ ଅତିଥି ଭାବେ ବିରଜା ମନ୍ଦିର ପୁରୋଧା ଡ. ଜ୍ଞାନରଞ୍ଜନ ପତି ଯୋଗଦେଇ ଯାଜପୁର ମାଟି ହେଉଛି ସଂସ୍କୃତି ସମ୍ପନ୍ନ ଇତିହାସର ଏକ ଉଜ୍ଜ୍ୱଳ କୀର୍ତ୍ତି। ଓଳାଶୁଣୀ ହେଉଛି ସେହି ସାଂସ୍କୃତିକ ବିକାଶ ଧାରାର ଏକ ମୁଖଶାଳା ବୋଲି କହିଥିଲେ। ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷା ମିନତି ସେନାପତି ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ଟ୍ରଷ୍ଟ ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପୁରୀ ଜଗନ୍ନାଥ ମନ୍ଦିରର



ମହୋତ୍ସବରେ ମଞ୍ଚାସୀନ ଅତିଥି ।

## ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀଙ୍କୁ ସନ୍ଥ ଅରକ୍ଷିତ ଦାସ ସମ୍ମାନ

ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ରଙ୍କୁ ସନ୍ଥ ଅରକ୍ଷିତ ଦାସ ସମ୍ମାନ ପ୍ରଦାନ କରଯାଇଥିଲା। ବିଶିଷ୍ଟ ଭାଷା ବିଜ୍ଞାନୀ ପଦ୍ମଶ୍ରୀ ଡ. ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଓଳାଶୁଣୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମିଶ୍ର ଅସୁସ୍ଥତା ପାଇଁ ଆସିପରି ନ ଥିବାରୁ ତାଙ୍କ ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ସମ୍ମାନ ଗ୍ରହଣ କରିଥିଲେ। ପରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି ପଠାଇ ଥିବା ବାର୍ତ୍ତା ପାଠ କରିଥିଲେ ଶାରଦା ଦାସ, ଦେବଦତ୍ତ ସାମଲ ଓ ସରସ୍ୱତୀ ବେହେରା। ଶ୍ରଉଦିୟମାନ କଳା ପରିଷଦର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶ୍ରୀକାନ୍ତ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

**ଦେବାଶିଷ ପଣ୍ଡା ହେଲେ କଣ୍ଡିଆହାଟ ଫାଣ୍ଡି ଅଧିକାରୀ**

ରାଜକନିକା,(ରବୀନ୍ଦ୍ର କୁମାର ଦାସ): ରାଜକନିକା ଥାନା ଅଧୀନରେ ଥିବା କଣ୍ଡିଆହାଟ ଫାଣ୍ଡି ଅଧିକାରୀ ଭାବେ ଏସ୍ଆଇ ଦେବାଶିଷ ପଣ୍ଡା ଯୋଗଦେଇଛନ୍ତି। ସେ ପୂର୍ବରୁ ଜମ୍ବୁ ଫାଣ୍ଡିରେ ସବଇନ୍ସପେକ୍ଟର ଭାବେ କାମ କରୁଥିଲେ। କଣ୍ଡିଆହାଟ ଫାଣ୍ଡିର ପୂର୍ବତନ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ଜାଲି ୪ମାସ ହେବ ବଦଳି ହେବା ପରେ ଫାଣ୍ଡିରେ ଅନେକ ସମସ୍ୟା ଲାଗି ରହିଥିଲା। ଫାଣ୍ଡି ଅଧୀନରେ ଥିବା ୫ଟି ପଞ୍ଚାୟତର ଲୋକ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିଲେ। ଯାହାକୁ ଦୃଷ୍ଟିରେ ରଖି ଜିଲାରେ ଯୋଗ ଦେଇଥିବା ନୂତନ ଏସ୍ପି ବାନୋଥ ଯୁଗଳ କିଶୋର କୁମାର ପଣ୍ଡାଙ୍କୁ କଣ୍ଡିଆହାଟ ଫାଣ୍ଡିରେ ଯୋଗଦାନ କରାଇଛନ୍ତି।

## ବିଳମ୍ବିତ ରାତିରେ କାଠ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

ମହାକାଳପଡ଼ା,୯।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ତହସିଲ ଅଧୀନ ଖରିନାସିସ୍ଥିତ ଶୈଲେନ ଦାସଙ୍କ କାଠ ଫ୍ୟାକ୍ଟ୍ରିରେ ଗୁରୁବାର ବିଳମ୍ବିତ ରାତିରେ କୌଣସି କାରଣବଶତଃ ନିଆଁ ଲାଗି ବ୍ୟାପକ କ୍ଷତି ହୋଇଛି। ଆନୁମାନିକ ୧୫ଲକ୍ଷ ଟଙ୍କାର ସମ୍ପତ୍ତି ଜଳିଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଅଗ୍ନି ପ୍ରକୋପ ଏପରି ଥିଲା ବହୁ ଉଚ୍ଚ ପର୍ଯ୍ୟନ୍ତ ନିଆଁ ଉଠିଥିଲା। ମହାକାଳପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ୪ଘଣ୍ଟା ପର୍ଯ୍ୟନ୍ତ ପାଣି ପକାଇବା ପରେ ନିଆଁ ଆୟତ୍ତ ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ଅଗ୍ନିକାଣ୍ଡରେ ୨୦ଟି ବକ୍ସ ଖଟ ସମେତ ପ୍ରସ୍ତୁତ ହୋଇ ରହିଥିବା ବିଭିନ୍ନ କାଠ ସାମଗ୍ରୀ ଜଳିଯାଇଛି। ଅପରପକ୍ଷରେ ବ୍ୟବସାୟୀ ଶୈଳେନଙ୍କ ଶରୀର ଅସୁସ୍ଥ ଥିବା ଗ୍ରାମବାସୀ କହିଛନ୍ତି। ଏ ସଂକ୍ରାନ୍ତରେ ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରେ ତଦନ୍ତ ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ‘ବ୍ଲକ୍ ସଭାପତିଙ୍କୁ ସମ୍ପୃକ୍ତ ନ କରିବା ଶୃଙ୍ଖଳାର ପରିପନ୍ଥୀ’

### ବନ୍ଧୁମିଳନରେ ଦଳୀୟ ଗୋଷ୍ଠୀ କନ୍ଦଳ

ଏରସମା,୯।୨(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିଜେଡି ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅବ୍ୟବହିତ ପୂର୍ବରୁ ବିଜେଡି ଏରସମା ବ୍ଲକ ସଭାପତି ପୀତବାସ ଗଛାୟତଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ସଭାରେ ବହୁ ବିଜେଡି କର୍ମୀଙ୍କ ସହ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଛାମୁଆଁ ନେତା ଉପସ୍ଥିତ ରହି ଦଳର ଶୃଙ୍ଖଳା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ଫଳରେ ଦଳୀୟ ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଛି।

ପୂର୍ବତନ ଜିଲା ପରିଷଦ ସଭ୍ୟ ଦୀପ୍ତି ରଞ୍ଜନ କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ସଭାପତି ଗଛାୟତ ତାଙ୍କ ବକ୍ତବ୍ୟରେ କହିଥିଲେ, କେତେଜଣ ଦଳୀୟ ନେତା ବିକାଶମୂଳକ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ଅଣଦେଖା କରୁଛନ୍ତି। ଦଳୀୟ କାର୍ଯ୍ୟରେ ସମ୍ପୃକ୍ତ କରୁନାହାନ୍ତି। ବ୍ଲକ ସଭାପତିଙ୍କୁ ସମ୍ପୃକ୍ତ ନ କରିବା ହେଉଛି ଶୃଙ୍ଖଳାର ପରିପନ୍ଥୀ। ସମୟ ଆସିଲେ ସାଧାରଣ ଜନତା ଏହାର ଉଚିତ ଜବାବ ଦେବେ ବୋଲି ସେ କହିଥିଲେ। ଏହାବ୍ୟତୀତ ଆଗାମୀ ସାଧାରଣ ନିର୍ବାଚନରେ ଏରସମାରୁ ଜଣେ ବ୍ୟକ୍ତିଙ୍କୁ ବିଧାୟକ ପ୍ରାର୍ଥୀ କରିବାକୁ ସେ ଦାବି କରିଥିଲେ। ଏହି ବନ୍ଧୁ ମିଳନରେ ସରପଞ୍ଚ ସଚ୍ଚିଦାନନ୍ଦ ଦାସ ଯୋଗଦେଇ କହିଥିଲେ, ଗତ ପଞ୍ଚାୟତ ନିର୍ବାଚନରେ ଦଳର ଏକ ଗୋଷ୍ଠୀ ତାଙ୍କୁ ପରାଜିତ କରିବାକୁ ଉଦ୍ୟମ କରିଥିଲେ। ଏହାସତ୍ତ୍ୱେ ସେ ବିଜୟ ଲାଭ କରିଥିଲେ। ଏହା ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ ବୋଲି ସେ ସମାଲୋଚନା କରି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର ପରିଡା, ପଦ୍ମପୁର ପଞ୍ଚାୟତର ସରପଞ୍ଚ ପ୍ରତିଭା ରାଣୀ ପାତ୍ର, ପୂର୍ବତନ ସରପଞ୍ଚ କେଶବ ପାତ୍ର, ଦୀନବନ୍ଧୁ ନାୟକ, ସଞ୍ଜୟ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସେଠୀ, ପୂର୍ବତନ ପ୍ରଧାନ ଶିକ୍ଷକ ଅକ୍ଷୟ ଖୁଣ୍ଟିଆ, ପ୍ରଦାୟିନୀ ମହାନ୍ତି, ବୈରାଗୀ ଭୂୟାଁ, ବିଜେଡି ଜିଲା ସମ୍ପାଦକ ନକୁଳ ନାୟକ, ପଏଦାର ପୂର୍ବତନ ସରପଞ୍ଚ ବାପି ପରିଡା, ଜପା ସରପଞ୍ଚଙ୍କ ପ୍ରତିନିଧି ନିଶାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ବନ୍ଧୁମିଳନରେ ଯୋଗ ଦେଇଥିବା ବିଜେଡି ନେତା ଓ କର୍ମୀମାନେ।

## ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ, ୫ ଛେଳି ଜୀବନ୍ତ ଦଗ୍ଧ

ରାଜକନିକା, ୯।୨(ରବୀନ୍ଦ୍ର କୁମାର ଦାସ)

ରାଜକନିକା ତହସିଲ ଅନ୍ତର୍ଗତ ଓଳାଭର ପଞ୍ଚାୟତ ନରସିଂହପୁର ଗ୍ରାମର ଅଜିତ କୁମାର ବାରିକଙ୍କ ୨ ବଖରା ଚାଳ ଘର ପୋଡ଼ି ପାଉଁଶ ହୋଇଯାଇଛି। ଫଳରେ ଘର ଭିତରେ ଥିବା ୫ଟି ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଗୋଟିଏ ଗାଈ ବି ପୋଡ଼ି ଗୁରୁତର ହୋଇଛି। ଶୁକ୍ରବାର ଭୋର ୩ଟାରେ ହଠାତ ଘର ଜଳୁଥିବା ଅଜିତ ଦେଖି ହୋହଲ୍ଲା କରିବାରୁ ଗାଁ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ଆୟତ କରି ପାରି ନ ଥିଲେ। ରାଜକନିକା ଅଗ୍ନିଶମ ବାହିନୀ ଖବରପାଇ ପହଞ୍ଚିଲା ବେଳକୁ ୨ ବଖରା ଘର ପୋଡ଼ି ଯାଇଥିଲା। ଘରକୁ ଲାଗି ଏକ ବଖରା ଗୁହାଳ ଥିବାରୁ ୫ଟି ଯାକ ଗର୍ଭଣୀ ଛେଳି ପୋଡ଼ି ଯାଇଛନ୍ତି। ଗାଈକୁ ଉଦ୍ଧାର କରିବାକୁ ଯାଇଥିବା ଅଜିତ୍‌ଙ୍କ ମୁଣ୍ଡରେ ବାଉଁଶ ପଡ଼ି ମୁଣ୍ଡ ଫାଟି ଯାଇଛି। ଅଜିତ ଜଣେ ଦିନ ମଜୁରିଆ, ଛେଳି ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଆଉ ଦିନ କେଇଟାରେ ଛେଳି ସବୁ ଛୁଆ ଦେଇ ଥାଆନ୍ତେ। ଏଥିସହ ଘରେ ଥିବା ଧାନ ଚାଉଳ, କାଗଜପତ୍ର ଓ ସମସ୍ତ ଆସବାବପତ୍ର ନିଆଁରେ ପୋଡ଼ି ପାଉଁଶ ହୋଇ ଯାଇଛି। ଖବରପାଇ ଭାଜପା ନେତ୍ରୀ ରାଣୀ ଦୁର୍ଗାଦେବୀଙ୍କ ସହ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, କନିକା କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ନେତା ବୈକୁଣ୍ଠ ନାଥ ପରିଡ଼ା, ୨୭ ନଂ. ଜୋନ ସଭାପତି ଅନୁରାଧା ସାମଲ, ୨୯ ନଂ. ଜୋନ ସଭାପତି ନିହାର ରଞ୍ଜନ ନାୟକ, ୨ ନଂ. ଜୋନ ସଭାପତି ରାଜେନ୍ଦ୍ର ସାମଲ, ରଶ୍ମୀରଞ୍ଜନ ବେହୁରା, ଅଶ୍ୱିନୀ ଦାସ, ଭରତ ପାଣ୍ଡବ ପ୍ରମୁଖ ପୀଡ଼ିତ ପରିବାର ପାଖେ ପହଞ୍ଚି ଆର୍ଥିକ ସହାୟତା, ରାଶନ ସାମଗ୍ରୀ ଯୋଗାଇ ଦେବା ସହ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପ୍ରକାଶ ମହାନ୍ତି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ବିପନ୍ନଙ୍କୁ ପଲିଥିନ୍ ଯୋଗାଇ ଦେଇଥିବା ଜଣାପଡ଼ିଛି।

## ଦୋଷିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ନେତାଙ୍କ ଅତିଥିମାନେ।

ପଟ୍ଟାମୁଣ୍ଡାଇ,୯।୨(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକର ଦୋଷିଆ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନାରେ ଦୋଷିଆ ପଞ୍ଚାୟତ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ବାବଦରେ ୫୦ ଲକ୍ଷ ଟଙ୍କା ସରକାରୀ ଅନୁଦାନ ଯୋଗାଇ ଦିଆଯାଇ ଉନ୍ନତିକରଣ ଆଦି ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି। ପଞ୍ଚାୟତର ଲୋକଙ୍କ ପାଖରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହ ଘରେ ଘରେ ଏହି ବାର୍ତ୍ତା ପହଞ୍ଚାଇବା ପାଇଁ ଅତିଥିମାନେ କହିଥିଲେ। ଦୋଷିଆ ସରପଞ୍ଚ ସ୍ମୃତିରେଖା ସ୍ୱାଇଁଙ୍କ ପୌରୋହିତ୍ୟ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳ ବିକାଶ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ସଭାରେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଶୁଭ୍ରାଂଶୁ ସାହୁ, ଜିଲାପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଶେଷରେ ପିଇଓ ପ୍ରକାଶ ସିଂହ ଧନ୍ୟବାଦ ଦେଇଥିଲେ।

## ସ୍ୱଚ୍ଛ ଭାବମୂର୍ତ୍ତି ନବୀନ ଶାସନର ମୂଳମନ୍ତ୍ର

### ୨ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ମହାକାଳପଡ଼ା, ୯।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ରାଜ୍ୟରେ ୨୪ବର୍ଷ ଶାସନ କାଳରେ ନବୀନ ପଟ୍ଟନାୟକଙ୍କ ବିକାଶ ଦିଗରେ ବିପୁଳ ଜନ ସମର୍ଥନ ବୃଦ୍ଧି ପାଇଛି। ଗରିବ ଖଟିଖିଆ, କୃଷକ, ମୂଲିଆ, ଆଦିବାସୀ ଓ ମହିଳା ସଶକ୍ତୀକରଣ ଦ୍ରୁତଗତିରେ ବୃଦ୍ଧି ପାଇଛି। ବିକାଶର ବାର୍ତ୍ତା ଏବେ ଘରେ ଘରେ ପହଞ୍ଚିଛି। ସ୍ୱଚ୍ଛ ଭାବମୂର୍ତ୍ତି ନିର୍ମଳ ଶାସନ ଦିଗରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଦେଶରେ ସ୍ୱତନ୍ତ୍ର ସ୍ଥାନ ଅଧିକାରୀ କରିଛନ୍ତି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜନ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଅବସରରେ ବ୍ଲକ ଅଧୀନ ସ୍ଥାନୀୟ ବାରଡ଼ାଙ୍ଗ ପଞ୍ଚାୟତର ବଛେଶ୍ୱରୀ ମନ୍ଦିର ପଡ଼ିଆଠାରେ ସରପଞ୍ଚ ଅରବିନ୍ଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଓ ପଞ୍ଚାୟତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସାଗର କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନା କିପରି ଘରେ ଘରେ ପହଞ୍ଚିବ ସେଥିପାଇଁ ସଚେତନ କରିଥିଲେ। ବ୍ଲକ ଆତ୍ମା ଅଧ୍ୟକ୍ଷ ବିଜୟ କୁମାର ଜେନା ରାଜ୍ୟ ସରକାର ପକ୍ଷରୁ ପ୍ରଦାନ କରାଯାଇଥିବା ଯୋଜନାଗୁଡ଼ିକ ସାଧାରଣ ଲୋକମାନେ କିପରି ଲାଭ ଉଠାଇବେ ସେ ସଂକ୍ରାନ୍ତରେ କହିଥିଲେ। ଯୁବନେତା ଶାନ୍ତନୁ କୁମାର ନାୟକ, ସ୍ଥାନୀୟ ସମବାୟ ସମିତି ସଭାପତି ସୁଶାନ୍ତ ବିଶ୍ୱାଳ, ସିଡିପିଓ କବିତା ମଲିକ ଯୋଗଦେଇ ଶିଶୁ ଓ ମହିଳାଙ୍କ ସୁରକ୍ଷା ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଲୋକ ଉପସ୍ଥିତ ଥିଲେ। ଶିଶୁମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା।

ସେହିପରି ବ୍ଲକ ଅଧୀନ ବଉଳକଣି ପଞ୍ଚାୟତ ସମ୍ମୁଖରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଓ ଜନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସାଲବେଗ ମାହାଳିଙ୍କ ସଭାପିତ୍ୱରେ ଆୟୋଜିତ ସଭାରେ ବିଡିଓ ନନ୍ଦଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନା କାର୍ଯ୍ୟକାରୀ ସଂକ୍ରାନ୍ତରେ କହିଥିଲେ। କଳାକାରଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନକରି ଘୋଡ଼ାନାଚ ସଙ୍ଗୀତ ପରିବେଷଣ କରାଯାଇଥିଲା।



ବାରଡ଼ାଙ୍ଗ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ପିତାମାତାଙ୍କୁ ଭକ୍ତି କଲେ ଭଲ ମଣିଷ ହେବ

ଡେରାବିଶ, ୯।୨(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଛୋଟିସ୍ଥିତ ରାମଚଣ୍ଡୀ ନୋଡାଲ ବିଦ୍ୟାନିକେତନର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜର ପିତାମାତାଙ୍କୁ ଭକ୍ତି ପ୍ରଦର୍ଶନ କଲେ ଜଣେ ଭଲ ମଣିଷ ହେବ ନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜର ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଛୋଟି ସରପଞ୍ଚ ରଜନୀ ମଲିକ, ଶିକ୍ଷାବିତ୍ ଭାଗୀରଥି ମହାନ୍ତି, ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ବେହେରା, କୁରୁଜଙ୍ଗା ପଞ୍ଚାୟତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଲେଖ ପ୍ରସାଦ ରାଉତ ଯୋଗଦେଇଥିଲେ। ତ୍ରିଲୋଚନ ମଲିକ ବିଦ୍ୟାନିକେତନର ବାର୍ଷିକ ବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାନିକେତନର ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶିତ ସାମାଜିକ ନାଟକ ‘ଏ ଜୀବନଟା ଏକ ବୁଝାମଣା’ ମଂଚସ୍ଥ କରିଥିଲେ। ଏଥିସହ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସତ୍ୟଭାମା ବାରିକ, ରେବତୀ ବାରିକ, ତପସ୍ୱିନୀ ମଲିକ, ଭାଗବତ ରାଉତ, ପ୍ରମୋଦିନି ଭୋଇ, ପ୍ରତିଜ୍ଞା ପରିଜା ଓ ନାରାୟଣ ପ୍ରସାଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ବିଦ୍ୟାନିକେତନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଆର୍ତ୍ତେଶ୍ୱରଙ୍କ ପୀଠରେ ତ୍ରିବେଣୀ ମେଳା, ରୁଦ୍ରଶାନ୍ତି ମହାଯଜ୍ଞ

ଡେରାବିଶ, ୯।୨(ବେବର୍ତ୍ତା ଅଜୟ ଦାସ)



ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁରସ୍ଥିତ ପ୍ରସିଦ୍ଧ ଶୈବ ପୀଠ ଆର୍ତ୍ତେଶ୍ୱରଙ୍କ ମନ୍ଦିରରେ ଶୁକ୍ରବାର ପବିତ୍ର ତ୍ରିବେଣୀ ଅମାବାସ୍ୟା ତିଥିରେ ଆରମ୍ଭ ହୋଇଛି ତ୍ରିବେଣୀ ମେଳା, ବୁଡ଼ ଓ ବିଶ୍ୱ କଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ। ୫ଦିନ ଧରି ଅନୁଷ୍ଠିତ ହେବଚ ବୋଲି କମିଟିର ସମ୍ପାଦକ ନାରାୟଣ ଲେଙ୍କା ସୂଚନା ଦେଇଛନ୍ତି। ଅମାବାସ୍ୟା ଅବସରରେ ମନ୍ଦିର ନିକଟରେ ବହି ଯାଇଥିବା ଗୋବରୀ ନଦୀରେ ପ୍ରାତଃରୁ ବହୁ ମାନସିକଧାରୀ ଶ୍ରଦ୍ଧାଳୁ ନିଜର ମାନସିକ ପୂରଣ ପାଇଁ ବୁଡ଼ ପକାଇବା ସହ ଆର୍ତ୍ତେଶ୍ୱରଙ୍କୁ ଦର୍ଶନ କରିଥିଲେ। ତ୍ରିବେଣୀ ମେଳା ଅଞ୍ଚଳର ବହୁ ପ୍ରାଚୀନ ହୋଇଥିବାରୁ ଏଠାରେ ଅସ୍ଥାୟୀ ଦୋକାନ ବଜାରର ପସରା ସହ ସନ୍ଧ୍ୟାରେ ଆରମ୍ଭ ହୋଇଛି ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ। ଏଥିସହ ଅପେରା ପ୍ରଦର୍ଶନ ମଧ୍ୟ ୫ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଭିଡ଼କୁ ପରିଲକ୍ଷିତ କରି ନିକିରେଇ ଥାନା ପୋଲିସ ପକ୍ଷରୁ ପୋଲିସ ନିୟୋଜିତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କମିଟିର ସଭାପତି ଅକ୍ଷୟ କୁମାର ଦାସ, ଉପସଭାପତି ଗୋଲଖ ବିହାରୀ ମହାଭୋଇ ଓ ଆର୍ତ୍ତତ୍ରାଣ ପାତ୍ର, ପ୍ରସନ୍ନ କୁମାର ସାହୁ, ହୃଷୀକେଶ ଦାସ, ସୁରେଶ କୁମାର ଦାସ ଓ ଈଶ୍ୱର ଚନ୍ଦ୍ର ପୃଷ୍ଟି, ଭାବାନୀ ପ୍ରସାଦ ଓଝା ପ୍ରମୁଖ ପରିଚାଳନା କରୁଛନ୍ତି।

## ସେମିରେ ବାଲାବାବା କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା

ରାଜନଗର, ୯।୨(ଭାସ୍କର ରାଉତରାୟ)

ଓଡ଼ିଶାର ପୂର୍ବତନ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ୯ମ ରାଜ୍ୟସ୍ତରୀୟ ନଳିନୀକାନ୍ତ କ୍ରିକେଟ ଟୁର୍ନାମେଣ୍ଟ ରାଜନଗର ବ୍ଲକ ଫିରିକିଦାଣ୍ଡିସ୍ଥିତ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ପ୍ରଥମ କ୍ୱାର୍ଟର ଫାଇନାଲ ଡାଇନାମିକ କ୍ରିକେଟ କ୍ଲବ ବରୀ ସହ ବାଲାବାବା କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବରୀ କ୍ରିକେଟ ଟିମ୍ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ସମସ୍ତ ଉଇକେଟ ହରାଇ ୭୧ ରନ କରିଥିଲା। ଜବାବରେ ବାଲାବାବା କ୍ରିକେଟ ଟିମ୍ କେନ୍ଦ୍ରାପଡ଼ାର ଅଧିନାୟକ ସୁଧାଂଶୁ ପତିଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ବଳରେ ଦଳ ୬ ଉଇକେଟରେ ବିଜୟଲାଭ କରିଥିଲା। ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ଥାନା ଆଇଆଇସି ଅଜୟ କୁମାର ଜେନା, ସମ୍ମାନିତ ଅତିଥି ଭାବେ କଣସରା ବିଦ୍ୟାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଆଲୋକ ମଞ୍ଜରୀ ରାଉତ, ଖବରଦାତା ଭାସ୍କର ରାଉତରାୟ, ବନପାଳ ବିଜୟ କୁମାର ପାତ୍ର, ମନ୍ମଥ ମଲ୍ଲିକ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟିତ କରିଥିଲେ। ୧୧ ରନ ଦେଇ ୬ ଉଇକେଟ ନେଇଥିବା ଲକ୍ଷ୍ମୀଧର ପ୍ରଧାନଙ୍କୁ ମଦନପୁର ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ପୁଷ୍ପକ ବେହେରା ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟକୁ ସ୍ମୃତି କମିଟିର ସଭାପତି ଗାଳ୍ପିକ ପ୍ରଦୀପ ନାୟକ, ମ୍ୟାନେଜର ସଚ୍ଚିଦାନନ୍ଦ ପାତ୍ର, ଅସିତ ତ୍ରିପାଠୀ, ରାଜକିଶୋର ସାହୁ, ଅମ୍ପାୟର ନିରଞ୍ଜନ ଦାସ, ଅଞ୍ଜନ ବେହୁରା, ତନୁଜ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



ଖେଳ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ଜନହିତକର ଯୋଜନାର ସୁଫଳ ଲୋକେ ପାଉଛନ୍ତି

### ଅଟାଳ, କୋଲିଡିହରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଆଳି,୯।୨ (ବନମାଳୀ ସେନାପତି)

ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ପଞ୍ଚାୟତରେ ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହେଉଛି। ଏହିକ୍ରମରେ ଅଟାଳ ପଞ୍ଚାୟତରେ ଶୁକ୍ରବାର କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଜଗତାନନ୍ଦ ବଳ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ସମ୍ପଦ ବଳ, ସମିତି ସଭ୍ୟା ସତ୍ୟବତୀ ଦାସ, ସାମାଜିକ କର୍ମୀ ଅଚ୍ୟୁତାନନ୍ଦ ବଳ, ଶିକ୍ଷାବିତ୍ ଖଗେଶ୍ୱର ମାହୁନ୍ତ, ବିଷ୍ଣୁ ଚରଣ ପ୍ରଧାନ, ବାସୁଦେବ ବେହେରା, ଉପେନ୍ଦ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଦାସ, ସୁଧାକର ପରିଡା, ପଂଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନୱାଡି କର୍ମୀ, ସହାୟିକା ସାମିଲ ହୋଇଥିଲେ। ସେମାନେ କହିଥିଲେ, ରାଜ୍ୟ ସରକାରଙ୍କ ଜନହିତକର ଯୋଜନାର ସୁଫଳ ଲୋକେ ପାଉଛନ୍ତି। ଏହି ଅବସରରେ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଯୋଗଦେଇ ପଞ୍ଚାୟତ ପୁସ୍ତିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମୃତିରେଖା ମହାନ୍ତି ଓ ଜିଆରଏସ୍ ବିଶ୍ୱରଞ୍ଜନ ବଳ ପରିଚାଳନା କରିଥିଲେ। ସେହିପରି କୋଲିଡିହ ପଞ୍ଚାୟତରେ ସରପଞ୍ଚ ହେମନ୍ତ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସାମଲ, ସମିତିସଭ୍ୟ ସୁବାସ ଚନ୍ଦ୍ର ପରିଡା ପ୍ରମୁଖ ଯୋଗ ଦେଇଥିଲେ।

## ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

ତିର୍ତ୍ତୋଲ, ୯।୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକର ୨ଟି ପଞ୍ଚାୟତ ତିର୍ତ୍ତୋଲ ଓ ଦାଇଁଲୋ ପଞ୍ଚାୟତରେ ଶୁକ୍ରବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ପଞ୍ଚାୟତରେ ଅନୁଷ୍ଠିତ ସଚେତନତା ଶିବିରରେ ପଞ୍ଚାୟତ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା ଯୋଗଦେଇ ରାଜ୍ୟ ସରକାର ଜନସାଧାରଣଙ୍କ ନିମନ୍ତେ କାର୍ଯ୍ୟକାରୀ କରିଥିବା ଜନମଙ୍ଗଳ ଯୋଜନା ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ସୁନୀଲ କୁମାର ବେହେରା, ବିଡ଼ିଓ ତପନ କୁମାର ସେନାପତି, ସାମାଜିକ କର୍ମୀ ବିନୟ କୁମାର ମହାପାତ୍ର, କନକପୁର ସରପଞ୍ଚ ରେବତୀ ମହାନ୍ତି ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଚାୟତର ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ମନମୋହନ କାନୁନ୍‌ଗୋ, ବରିଷ୍ଠ ସାମାଜିକ କର୍ମୀ ନରହରି ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ବିଭିନ୍ନ ଏସଏଚ୍‌ଜି ଓ ବିଭିନ୍ନ ସରକାରୀ ବିଭାଗ ତରଫରୁ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ସେହିଭଳି ଦାଇଁଲୋ ପଞ୍ଚାୟତରେ ପୂର୍ବତନ ସରପଞ୍ଚ କ୍ଷିରୋଦ ବାରିକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ବିଡିଓ ତପନ କୁମାର ସେନାପତି, ଜିଲା ପରିଷଦସଭ୍ୟ ରଞ୍ଜିତା ସିଂ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

## ଯୁବ ବିଜେଡି ସମ୍ପାଦକ ସୁଦୀପ୍ତ ସାମଲ ପର୍ଯ୍ୟବେକ୍ଷକ ନିଯୁକ୍ତି

ଡେରାବିଶ, ୯।୨(ବେବର୍ତ୍ତା ଅଜୟ ଦାସ)



ରାଜ୍ୟ ଯୁବ ବିଜେଡି ସମ୍ପାଦକ ସୁଦୀପ୍ତ ସାମଲଙ୍କୁ ଜଗତ୍‌ସିଂହପୁର ଜିଲା ପାଇଁ ଦଳୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି କରାଯାଇଛି। ଡେରାବିଶ ବ୍ଲକ ବିଜେଡିର ଆଗଧାଡ଼ିର ଜଣେ ଯୁବନେତା ଭାବେ ପରିଚିତ ସୁଦୀପ୍ତଙ୍କ ଏହି ନିଯୁକ୍ତି ପାଇଁ ଦଳୀୟ କର୍ମୀ ମହଲରେ ଉତ୍ସାହ ଦେଖାଦେଇଛି। ଏଥିପାଇଁ ସୁଦୀପ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବିଜୁ ସ୍ୱାସ୍ଥ୍ୟ କାର୍ଡ, ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି

### ବାରିମୂଳ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଡେରାବିଶ, ୯।୨(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ବାରିମୂଳ ପଞ୍ଚାୟତରେ ଶୁକ୍ରବାର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ସଫଳ ରୂପାୟନ ଉଦ୍ଦେଶ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ବାରିମୂଳ ସରପଞ୍ଚ କଳ୍ପନା ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଯୋଗଦେଇ ବ୍ଲକ ଅଧୀନ ୨୬ଟି ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ଼ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି ବୋଲି କହିଥିଲେ। ସେହିପରି ୫–ଟି ଯୋଜନାର ରୂପାନ୍ତରୀକରଣ ଯୋଜନା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଉତ୍ସାହ ଭରି ଦେଇଛି। ଏ ସବୁ କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲାଗି ସମ୍ଭବ ହୋଇପାରିଛି। ମୁଖ୍ୟବକ୍ତା ଭାବେ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ତଥା ବାରିମୂଳ ସମିତିସଭ୍ୟ ସରୋଜକାନ୍ତ ସାହୁ ଯୋଗଦେଇ ବ୍ଲକ ଅଞ୍ଚଳରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବହୁ ଜନହିତକର ଯୋଜନା ଦ୍ୱାରା ସାଧାରଣ ଲୋକ ଉପକୃତ ହୋଇଛନ୍ତି। ଫେବୃଆରୀରୁ ଲକ୍ଷ୍ମୀ ବସ୍ ସେବା କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀଙ୍କ ଏକ ଐତିହାସିକ ପଦକ୍ଷେପ ବୋଲି ସାହୁ କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ପଞ୍ଚାୟତ ଅଧିକାରୀ ନନ୍ଦିନୀ ଶତପଥୀ, ନାଟ୍ୟକାର ତୁଷାରକାନ୍ତି ଘୋଷ, ପୂର୍ବତନ ସରପଞ୍ଚ ସୁଦ୍ଧଦେବ ବେହେରା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ବିକେ ନିବେଦିତା ଦାସ, ସମସ୍ତ ସିଆର୍‌ପିଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପାଲା ଓ ନୃତ୍ୟଗୀତ ମାଧ୍ୟମରେ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଶେଷରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବାଉରୀବନ୍ଧୁ ପ୍ରଧାନ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଲୋକମାନେ।

# ଗଣିଆରେ ବିଧାୟକଙ୍କ ବିରୋଧୀ ମେଳି

ଗଣିଆ,୯।୨ (ସନ୍ତୋଷ କୁମାର ପ୍ରଧାନ)



ବିଧାୟକଙ୍କ ବିରୋଧୀ ଶୋଭାଯାତ୍ରାରେ ସାମିଲ ହୋଇଥିବା ଜନ ପ୍ରତିନିଧି ଓ ବିଜେଡି କର୍ମୀ ।

## ସରପଞ୍ଚ ସଂଘର ସଂକଳ୍ପ ସମାବେଶ

ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ଆଉ କିଛିଦିନ ବାକି ଥିବା ବେଳେ ଦଶପଲ୍ଲା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳରେ ଅସନ୍ତୋଷର ନିଆଁ ଧୀରେ ଧୀରେ କୁହୁଳିବାରେ ଲାଗିଛି । ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ କାର୍ଯ୍ୟକଳାପ ନେଇ ବିଜେଡି ଦୁଇ ଫାଳ ହୋଇଥିବା ଦେଖିବାକୁ ମିଳିଛି । ବିଧାୟକ ବେହେରା ବିଭିନ୍ନ ପଞ୍ଚାୟତରେ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟକୁ ବିଭିନ୍ନ ମହଲରେ ଚାପ ପକାଇ କରାଇ ନ ଦେବା ସହ କେତେଜଣ ହାତଗଣତି କର୍ମୀଙ୍କ ସ୍ୱାର୍ଥରେ କାମ କରୁଛନ୍ତି । ବିଭିନ୍ନ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ନ ପାରି ସରକାରୀ ଅର୍ଥ ପଡି ରହିଥିବା ଅଭିଯୋଗ ହେଉଛି । ତେବେ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ହୋଇ ନ ପାରିବା ଦ୍ୱାରା ଗଣିଆ ବ୍ଲକ ସରପଞ୍ଚ ସଂଘ ତରଫରୁ ଶୁକ୍ରବାର ଗଣିଆରେ ବିଧାୟକ ବିରୋଧୀ ସଂକଳ୍ପ ସମାବେଶ କରାଯାଇଛି । ବ୍ଲକର ସମସ୍ତ ସରପଞ୍ଚ ଓ କିଶୋରପ୍ରସାଦ ପଞ୍ଚାୟତ ସମିତି ସଭ୍ୟଙ୍କ ସମେତ ୧ ହଜାରରୁ ଊର୍ଦ୍ଧ୍ୱ ବିଜୁ ଜନତା ଦଳର କର୍ମୀ ଏହି ସମାବେଶରେ ଯୋଗଦେଇଥିଲେ । ପ୍ରଥମେ ଗଣିଆ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରା ବାହାରି ଗଣିଆ ବଜାର ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖ ଚଡବଙ୍ଗ ତୋଟାରେ ପହଞ୍ଚିଥିଲା । ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଜେଡି କର୍ମୀମାନେ ରମେଶ ହଟାଅ, ଦଶପଲ୍ଲାରେ ବିଜେଡି ବଞ୍ଚାଅ ସ୍ଲୋଗାନ ଦେଇଥିଲେ । ଏହି ଶୋଭାଯାତ୍ରା ଚଡବଙ୍ଗ ତୋଟା ପରିସରରେ ପହଞ୍ଚିବା ପରେ ସଂଘ ତରଫରୁ ସଂକଳ୍ପ ସମାବେଶ ଆରମ୍ଭ ହୋଇଥିଲା । ଏହି ସମାବେଶରେ ନବୀନ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ସ୍ୱାଗତ କରିବା ସହ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟକୁ ବିରୋଧ କରୁଥିବା ବିଧାୟକଙ୍କୁ ହଟାଇବା ପାଇଁ ସଂକଳ୍ପ ନେଇଥିଲେ । ଗଣିଆ ବ୍ଲକ ସରପଞ୍ଚ ସଂଘ ସଭାପତି ମାନସ ମହାଖୁଡଙ୍କ ନେତୃତ୍ୱରେ ବିଧାୟକ ବିରୋଧୀ ଆନ୍ଦୋଳନକୁ ଆଗାମୀ ଦିନରେ ବ୍ୟାପକ କରାଯିବାକୁ ଆହ୍ୱାନ ଦେଇଥିଲେ । ଏହି ସମାବେଶରେ ଗଣିଆ ସରପଞ୍ଚ ଗିରିଧାରୀ ସେଠୀ, ବେଲପଡ଼ାପାଟଣା ସରପଞ୍ଚ ସୁକାନ୍ତ ଗଣ୍ଡିଆ, କରଡାପଡ଼ା ସରପଞ୍ଚ ପ୍ରମୋଦିନୀ ସାହୁ, ଛାମୁଣ୍ଡିଆ ସରପଞ୍ଚ ଦୀପ୍ତିରେଖା ସେନାପତି, କିଶୋରପ୍ରସାଦ ସମିତିସଭ୍ୟ ରଞ୍ଜିତା ବେହେରା, ବଡଶିଲିଙ୍ଗା ସରପଞ୍ଚଙ୍କ ପ୍ରତିନିଧି ଦିଲୀପ କୁମାର ସାହୁ, କିଶୋରପ୍ରସାଦ ପଞ୍ଚାୟତ ସରପଞ୍ଚ ବିଜୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ ।

ଏ ସଂକ୍ରାନ୍ତରେ ବିଧାୟକ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ସେମାନେ କେଉଁ ଉଦ୍ଦେଶ୍ୟରେ ଏପରି ପଦକ୍ଷେପ ନେଇଛନ୍ତି ସେ ସଂକ୍ରାନ୍ତରେ ମୁଁ କୌଣସି ଟିପ୍ପଣୀ ଦେଇପାରିବି ନାହିଁ । ସେମାନେ ଯେଉଁ ଅଭିଯୋଗ ଆଣିଛନ୍ତି ସେ ସଂକ୍ରାନ୍ତରେ ମୋ ସହିତ ସାମ୍ନାସାମ୍ନି ଆଲୋଚନା କରିବା ଦରକାର । ଏହା ନ କରି କାହାର ପ୍ରରୋଚନାରେ ସେମାନେ ଏପରି ପଦକ୍ଷେପ ନେଇଥିବା ଜଣାପଡୁଛି ।

# ଫାଇନାଲରେ ଭୁବନେଶ୍ୱର ଟିମ୍


ଅତିଥିଙ୍କ ସହ ଉଭୟ ଦଳର ଖେଳାଳି ଓ ଅନ୍ୟମାନେ ।

ଭାପୁର,୯।୨ (ଭରତ କୁମାର ବେହେରା)

## ବାଇଗୁଣିଆ କପ୍ ଫୁଟବଲ ଟୁର୍ନାମେଣ୍ଟ

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ବାଇଗୁଣିଆ ଖେଳପଡିଆରେ ୟୁଥ୍ ସ୍ପୋର୍ଟସ କ୍ଲବ ଆସୋସିଏଶନ ଆନୁକୂଲ୍ୟରେ ୨୭ତମ ରାଜ୍ୟସ୍ତରୀୟ ବାଇଗୁଣିଆ କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ୭୨ କ୍ଲବ ଭୁବନେଶ୍ୱର ଦ୍ୱିତୀୟ ଦଳ ଭାବେ ପ୍ରବେଶ କରିଛି । ଶୁକ୍ରବାର ଦ୍ୱିତୀୟ ସେମି ଫାଇନାଲରେ ୭୨ କ୍ଲବ ଭୁବନେଶର ସହିତ ଶରଧାପୁର ଖୋର୍ଦ୍ଧା ଫୁଟବଲ ଟିମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମ୍ୟାଚର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧର ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା । ଫଳରେ କେହି କାହାକୁ ଗୋଲ ଦେଇପାରି ନ ଥିଲେ । ମ୍ୟାଚ ଅମିମାଂସିତ ରହିବାରୁ ଶେଷରେ ରେଫରୀଙ୍କ ନିଷ୍ପତ୍ତି ଅନୁଯାୟୀ ଟ୍ରାଇବେକର ପଦ୍ଧତି ଅବଲମ୍ବନ କରାଯାଇଥିଲା । ଟ୍ରାଇବେକର ମାଧ୍ୟମରେ ଭୁବନେଶରର ୪-୩ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା । ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ଓ ସମ୍ମାନିତ ଅତିଥି ଭାବେ ବାମଦେବ ନାୟକ, ବୈକୁଣ୍ଠ ନାଥ ଦାସ ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ଖେଳରେ ମୁଖ୍ୟ ରେଫରୀ ଭାବେ ଖେଳକୁ ପରିଚାଳନା କରିଥିଲେ ଆଶିଷ କୁମାର ପଟ୍ଟନାୟକ, ଲାଇନରେ ସହାୟତା କରିଥିଲେ ପ୍ରଶନ୍ନ କୁମାର ନାୟକ , ଜଗନ୍ନାଥ ପରିଡ଼ା ଓ ଚତୁର୍ଥ ରେଫରୀ ଭାବେ ସୁବାସ ଚନ୍ଦ୍ର ବେହେରା ଦାୟିତ୍ୱ ତୁଲାଇଥିଲେ । ଧାରାବିବରଣୀ ପ୍ରଦାନ କରିଥିଲେ କାନପୁର ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ୍ତ କୁମାର ନନ୍ଦ ଓ ଅଧ୍ୟାପକ ସର୍ବେଶ୍ୱର ମହାରଣା । ରବିବାର ରଘୁନାଥପୁର ଏଫ୍‌ସି ଟାଙ୍ଗୀ ସହିତ ୭୨ କ୍ଲବ ଭୁବନେଶର ମଧ୍ୟରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କଠାରୁ ସୂଚନା ମିଳିଛି ।

# ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେଲେ ଅଙ୍ଗନୱାଡି କର୍ମୀ

ଖଣ୍ଡପଡ଼ା,୯।୨ (ଅଜୟ କୁମାର ମହାରଣା)

ପରିଶ୍ରମ ବଦଳରେ ଉପଯୁକ୍ତ ପାରିଶ୍ରମିକ ମିଳୁ ନ ଥିବାରୁ ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳର ଅଙ୍ଗନୱାଡି କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଏନେଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ରାଜ୍ୟ ସରକାର ଅଙ୍ଗନୱାଡି କର୍ମୀମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରୁଥିବା ବେଳେ ଅନ୍ୟ ସରକାରୀ କର୍ମଚାରୀମାନଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରୁନାହାନ୍ତି । ଅଙ୍ଗନୱାଡି କର୍ମୀଙ୍କୁ ଅନ୍ୟ ରାଜ୍ୟ ତୁଳନାରେ କମ ବେତନ ମିଳୁଛି ବୋଲି ସେମାନେ ଅଭିଯୋଗ କରିବା ସହ ଏ ସମ୍ପର୍କରେ ଏକାଧିକବାର ଉଚ୍ଚ ପଦସ୍ଥ ଅଧିକାରୀ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ହେଲେ କୌଣସି ସୁଫଳ ମିଳୁ ନାହିଁ । କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡି କର୍ମୀଙ୍କ ମାସିକ ବେତନ ବୃଦ୍ଧି କରିବା ସହ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସମସ୍ତ ସୁବିଧା ସୁଯୋଗ ପ୍ରଦାନ ଆଦି ଦାବି ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଖଣ୍ଡପଡ଼ା ବ୍ଲକ୍‌ଅଧୀନ କିଆଝର ପଞ୍ଚାୟତର ଗୋଚ୍ଛାବାରି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ସବିତା ଦାସ ଓ ସହଯୋଗୀମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ଉଚ୍ଚ ନ୍ୟାୟାଳୟ ଆବେଦନପତ୍ର ଗ୍ରହଣ କରି ଏକ ମାମଲା ରୁଜୁ କରିଛନ୍ତି । ମାମଲାରେ କେନ୍ଦ୍ର ସରକାରଙ୍କ ଶିଶୁ ଓ ମହିଳା ବିକାଶ ବିଭାଗ ସଚିବ, ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ସମେତ ନୟାଗଡ଼ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଥିବା ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ କହିଛନ୍ତି ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ


ଅତିଥିମାନଙ୍କ ଦ୍ୱାରା ସକ୍‌ସେସ୍ ଷ୍ଟୋରି ପୁସ୍ତିକା ଉନ୍ମୋଚନ କରାଯାଉଛି ।

ନୂଆଗାଁ, ୯।୨ (ଧନେଶ୍ୱର ସାହୁ)

ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶାର ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ପଞ୍ଚାୟତରେ ଶୁକ୍ରବାର ଶୁଭାରମ୍ଭ ହୋଇଛି । ଏହି ଅବସରରେ ନୂଆଗାଁ ସ୍କୁଲ ପଡ଼ିଆରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାର ଲୋକମାନଙ୍କ ହିତ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ରାସ୍ତାଘାଟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା, ବ୍ୟାଙ୍କ ସେବା ଆଦି ଅନେକ ଯୋଜନା ମାଧ୍ୟମରେ କାର୍ଯ୍ୟ କରିଛନ୍ତି । ସେହି ଯୋଜନା ଓ କାର୍ଯ୍ୟଗୁଡିକୁ ଲୋକାଭିମୁଖୀ କରିବା ସହ ସେଥିପ୍ରତି ଜନ ସଚେତନତା ସୃଷ୍ଟି କରାଇବା ପାଇଁ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ନୂଆଗାଁ ପଞ୍ଚାୟତ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆଗାଁ ସ୍କୁଲ ପଡିଆଠାରେ ଏକ ସଭାର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ନୂଆଗାଁ ବ୍ଲକରେ ସରକାରଙ୍କ ଦ୍ୱାରା କରାଯାଇଥିବା ବିକାଶମୂଳକ କାର୍ଯ୍ୟକୁ ଭିଡିଓ ମାଧ୍ୟମରେ ଦେଖାଇବା ସହ ସଂକୀର୍ତ୍ତନ ମାଧ୍ୟମରେ ବର୍ଣ୍ଣନା କରାଯାଇଥିଲା । ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ନୂଆଗାଁ ବ୍ଲକ୍ ଚେୟାରମ୍ୟାନ ଲକ୍ଷ୍ମୀପ୍ରିୟା ବେହେରା, ନୂଆଗାଁ ସରପଞ୍ଚ ଅମିତା ପରିଡା, ସିଡିପିଓ ଶୁଭ୍ରକେଶୀ ମଲିକ, ଜିପିଓ ସାଧୁଚରଣ ସାହୁ ପ୍ରମୁଖ ଯୋଗ ଦେଇ ନୂଆଗାଁ ପଞ୍ଚାୟତର ସକ୍‌ସେସ୍ ଷ୍ଟୋରି ପୁସ୍ତିକା ଉନ୍ମୋଚନ କରିଥିଲେ । ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ପିଠା ପ୍ରଦର୍ଶିତ କରାଯାଇଥିଲା ।

# ଦୁତିକେଶ୍ୱର ମହାଦେବ ମନ୍ଦିରର ହେବ ପୁନର୍ବିନ୍ୟାସ

ଓଡ଼ଗାଁ,୯।୨ (ଆଦର୍ଶ କୁମାର ପଟ୍ଟନାୟକ)

## ବ୍ୟବହାର ହେବ ବଉଳମାଳା,୫ କୋଟି ଟଙ୍କା ବ୍ୟୟବରାଦ

ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଓ ପଶ୍ଚିମାଭିମୁଖୀ ଶିବ ମନ୍ଦିର ଭାବେ ଖ୍ୟାତି ଅର୍ଜନ କରିଥିବା ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଜାମୁପାଟଣା ମୌଜା ଶୂଳିଆ ପାହାଡ଼ ପାଦଦେଶରେ ବିଜେ ବାବା ଦୁତିକେଶ୍ୱରଙ୍କ ମନ୍ଦିର ସହିତ ମା'ପାର୍ବତୀଙ୍କ ମନ୍ଦିର ରୂପାନ୍ତରଣ ହେବ । ଏଥିପାଇଁ ୫ କୋଟି ଟଙ୍କା ବ୍ୟୟରେ ବଉଳାମାଳା ପଥରରେ ପୁନଃନିର୍ମାଣ କରାଯିବ । ଏହି ଶୈବପୀଠକୁ ବର୍ଷର ବିଭିନ୍ନ ସମୟରେ ସିଦ୍ଧସାଧକମାନେ ବୁଲିବାକୁଆସି ପୀଠର ମହିମା ପ୍ରଚାର ହେବା ପରେ ଧୀରେ ଧୀରେ ଏହି ସବୁଜପ୍ରାକୃତିକ ପାହାଡର ନୈସର୍ଗିକ ଶୋଭା ସହିତ ଭଗବାନ ଶଙ୍କରଙ୍କ ସାନ୍ନିଧ ଲାଭ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଶୈବଭକ୍ତ ଆସିଥାନ୍ତି । ପ୍ରସିଦ୍ଧ ଜାଗରଯାତ୍ରା, ବାରେଡି ଯାତ୍ରା ସହିତ ଶ୍ରାବଣମାସରେ କାଉଡିଆଙ୍କ ଭିଡ଼ ପୀଠର ମହିମାକୁ ଦ୍ୱିଗୁଣିତ କରିଛି । ତେବେ ବଉଳମାଳା ପଥରରେ ମନ୍ଦିର ନିର୍ମାଣ ହେଲେ ଏହାର କଳା ଏବଂ କାରୁକାର୍ଯ୍ୟ ଭକ୍ତମାନଙ୍କୁ ଆକର୍ଷିତ କରିବ । ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ଉଦ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଅର୍ଥରାଶି ବିନିଯୋଗ ପରେ ପୁନଃ ଅର୍ଥ ରାଶି ମଞ୍ଜୁର କରାଯିବ ବୋଲି ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ସୂଚନା ପ୍ରଦାନ କରିଛନ୍ତି ।

# ଓଡ଼ଗାଁ ଆମ ବସ୍‌ଷ୍ଟାଣ୍ଡ ପାଇଁ ୭କୋଟି ୭୬ ଲକ୍ଷ ଟଙ୍କା ଅନୁଦାନ

ଓଡ଼ଗାଁ,୯।୨ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ର ପ୍ରମୁଖ ଆଧ୍ୟାତ୍ମିକ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚୟ ଓଡ଼ଗାଁରେ ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ୭ କୋଟି ୭୬ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁରୀ ହୋଇଛି । କିଛି ଦିନ ପୂର୍ବେ ବସ୍‌ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ରାଜ୍ୟ ପରିବହନ ବିଭାଗ ସ୍ଥାନ ନିରୂପଣ କରିଥିଲା । ଅନ୍ୟ କେତେକ ବସ୍‌ଷ୍ଟାଣ୍ଡ ପରି ଓଡ଼ଗାଁ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ରାଜ୍ୟ ପୋଲିସ ହାଉସିଂ ଓ ବେଲଫାୟାର ନିଗମ ଦ୍ୱାରା ଏବଂ ଓଡ଼ଗାଁ ବ୍ଲକ ତତ୍ତ୍ୱାବଧାନରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ ବୋଲି ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ସୂଚନା ଦେଇଛନ୍ତି ।

# 'ଶିବତତ୍ତ୍ୱ ସମାଜରେ ଶାନ୍ତିର ପ୍ରସାର କରେ'



ଖଣ୍ଡପଡ଼ା,୯।୨ (ଅଜୟ କୁମାର ମହାରଣା)

ଶିବତତ୍ତ୍ୱ ସମାଜରେ ଶାନ୍ତି ପ୍ରସାର କରିବାରେ ସହାୟକ ହୋଇଥାଏ ବୋଲି ଗୁଜୁରାଟ ରାଜ୍ୟର ପ୍ରଭାସତୀର୍ଥର ଜ୍ୟୋତିର୍ଲିଙ୍ଗ ଶ୍ରୀସୋମନାଥ ମନ୍ଦିର ନିକଟରେ ପ୍ରତିଷ୍ଠିତ ସୋମନାଥ ବିଶ୍ୱ ବିଦ୍ୟାଳୟ ପରିସରେ ଆୟୋଜିତ ଭାରତ ସରକାରଙ୍କ ଭାରତୀୟ ଦାର୍ଶନିକ ପରିଷଦର ରାଷ୍ଟ୍ରୀୟ ସମ୍ମିଳନୀରେ ଡ.ଭାରତ ଭୂଷଣ ରଥ ମତବ୍ୟକ୍ତ କରିଛନ୍ତି । ସୋମନାଥ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସୁକାନ୍ତ କୁମାର ସେନାପତି ଚଳିତମାସ ୭ ତାରିଖ ଠାରୁ ୯ ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଦେଶ ବିଦେଶର ଅନେକ ବିଶିଷ୍ଟ ବିଦ୍ୱାନ ଯୋଗଦେଇ ଶିବତତ୍ତ୍ୱର ଶାସ୍ତ୍ରୀୟ ବିଚାର ବିମର୍ଶ କରିଥିଲେ । ଏହି ସମ୍ମିଳନୀରେ ନୟାଗଡ଼ ଜିଲା ଭାପୁର ବ୍ଲକ୍ କେନ୍ଦୁପଲ୍ଲୀ ଗ୍ରାମର ତଥା ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ଦୂରଶିକ୍ଷା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଡ.ରଥ ନିମନ୍ତ୍ରୀତ ଅତିଥି ଭାବେ ଯୋଗଦେଇ ବେଦ, ବେଦାନ୍ତରେ ବର୍ଣ୍ଣିତ ଶିବତତ୍ତ୍ୱର ପ୍ରତିପାଦନ କରି ଭଗବାନ ଶ୍ରୀରାମଚନ୍ଦ୍ର ତଥା ଶ୍ରୀକୃଷ୍ଣ ଶିବଙ୍କୁ ପୂଜାକରୁଥିବା ଦର୍ଶାଇଥିଲେ । ଶିବ ଅତି ପ୍ରାଚୀନ ଦେବତା । ବିଶେଷ କରି କାଶ୍ମୀର ପ୍ରଦେଶର ଆଚାର୍ଯ୍ୟ ଅଭିନବଗୁପ୍ତ ଶୈବତତ୍ତ୍ୱ ଉପରେ ଅନେକ ସିଦ୍ଧାନ୍ତ ଉପସ୍ଥାପନ କରିଥିଲେ ।

# ଜନ ଆରୋଗ୍ୟ ସମିତି ବୈଠକ

ଗଣିଆ,୯।୨ (ସନ୍ତୋଷ କୁମାର ପ୍ରଧାନ)

## ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ

ଗଣିଆ ବ୍ଲକ ଛାମୁଣ୍ଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଦ୍ୱିତୀୟ ପର୍ଯ୍ୟାୟ ଜନ ଆରୋଗ୍ୟ ସମିତି ବୈଠକ ଗୁରୁବାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ସଭ୍ୟ ନରେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ମଧୁସୂଦନ ଦାସ, ଛାମୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରାଜେନ୍ଦ୍ର ପ୍ରସାଦ ଦଳେଇ, ଡାକ୍ତର ବିଦ୍ୟୁଲତା ଦାଶ, ଫାର୍ମାସିଷ୍ଟ ସନ୍ତୋଷ କୁମାର ବେହେରା, ପିଏଚ୍‌ଇଓ କମଳା ମହାରଣା, ଛାମୁଣ୍ଡିଆ ସରପଞ୍ଚ ଦୀପ୍ତିରେଖା ସେନାପତି, ବଡଶିଲିଙ୍ଗା ସରପଞ୍ଚ ସସ୍ମିତା ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଆଶା ଓ ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ । ବୈଠକରେ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ, ପାନୀୟ ଜଳ ପାଇଁ ନୂତନ ବୋରିଂ ପଏଣ୍ଟ ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ରର ରିନୋଭେଶନ, ପାଚେରି ଫାଟକ ନିର୍ମାଣ ସହ ପରିସରରେ ହାଇମାଷ୍ଟ ଲାଇଟ ଲଗାଇବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା । ପ୍ରତିବର୍ଷ ଆୟୋଜିତ ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଉଥିଲେ ହେଁ ପ୍ରଶାସନିକସ୍ତରରେ ଏହାର ସମାଧାନ କରାଯାଉ ନ ଥିବାରୁ ସ୍ଥାନୀୟ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ତେବେ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ଦେଖି ଉପସ୍ଥିତ ସଭ୍ୟମାନେ ପ୍ରଶଂସା କରିଥିଲେ ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଓଡ଼ଗାଁ,୯।୨ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ସରକାରୀ ବହୁବୃତ୍ତି ଶିକ୍ଷାନୁଷ୍ଠାନରେ ଗୁରୁବାର ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ସମ୍ବଳିତ ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ଭାରପ୍ରାପ୍ତ ଅଧ୍ୟକ୍ଷ ସୂର୍ଯ୍ୟମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ରଘୁନାଥ ସମବାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ସାହୁ ଉଦ୍‌ଘାଟନ କରିବା ସହ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଜଗନ୍ନାଥ ସଂସ୍କୃତି ପ୍ରଚାରକ ଶୁକଦେବ ମହାରଣା, କବି ପ୍ରଫୁଲ୍ଲ କୁମାର ମାଝି, ହେଡମାଷ୍ଟର ଭାବଗ୍ରାହୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ସାହୁ ଶାରଳା ଦାସଙ୍କ ଓଡ଼ିଆ ଭାଗବତର ଗୋଟିଏ ଅଧ୍ୟାୟ ଅଧ୍ୟୟନ କରିବା ସହିତ ପ୍ରାଚୀନ ଓଡ଼ିଆ ସାହିତ୍ୟର ରହିଥିବା ପ୍ରମୁଖ ଅବଦାନଗୁଡିକ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ମନୁଷ୍ୟ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପରିଚାଳିତ ହେବା ପାଇଁ ଭାଗବତରେ ପ୍ରସ୍ତୁତ ହୋଇଥିବା ଜୀବନ ଖସଡ଼ା ସମ୍ପର୍କରେ ଆଲୋଚନା କରିବା ସହିତ ସମଗ୍ର ଓଡ଼ିଶାରେ ଜଗନ୍ନାଥ ସଂସ୍କୃତିର ଛାପ ରହିଥିବା ଉଦାହରଣ ସହ ବୁଝାଇଥିଲେ । ଜଗନ୍ନାଥଙ୍କର ଅବଢ଼ା ଓ ନିର୍ମାଲ୍ୟ ଉପରେ ଓଡ଼ିଶାବାସୀଙ୍କ ବିଶ୍ୱାସ ରହିଛି । ମଣିଷର ଶେଷନିଃଶ୍ୱାସ ପରିତ୍ୟାଗ କଲାବେଳେ ତାକୁ ନିର୍ମାଲ୍ୟ ପାଣି ଦିଆଯାଏ । ଏହାଦ୍ୱାରା ସେହି ଆତ୍ମା ସ୍ୱର୍ଗଲୋକ ଗମନ କରିଥାଏ । ଏହିଭଳି ଅନେକ ଉଦାହରଣ ମାଧ୍ୟମରେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ମୁଖ୍ୟବକ୍ତା କହିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟରେ ପଞ୍ଚସଖାଙ୍କ ଅବଦାନ ସମ୍ପର୍କରେ ପ୍ରଫୁଲ୍ଲ ମାଝି ଆଲୋକପାତ କରିଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ରାଜ୍ୟ ସଙ୍ଗୀତ ଗାନ କରିଥିଲେ ।

# ଓଡ଼ଗାଁ କଲେଜରେ କ୍ୟାରିୟର କାଉନସେଲିଂ କର୍ମଶାଳା

ଓଡ଼ଗାଁ, ୯।୨ (ଆଦର୍ଶ କୁମାର ପଟ୍ଟନାୟକ)


କର୍ମଶାଳାରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ଓ ଅଧ୍ୟାପକବୃନ୍ଦ ।

ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟ ଓ ଭୁବନେଶ୍ୱର ବଣିକ ଶିକ୍ଷାନୁଷ୍ଠାନର ମିଳିତ ଆନୁକୂଲ୍ୟରେ କଲେଜ ପରିସରରେ ଯୁକ୍ତ୩ କଳା ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ନେଇ ଗୁରୁବାର ଏକ କ୍ୟାରିୟର କାଉନସେଲିଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ କ୍ୟାରିୟର କାଉନସେଲିଂ ସଂଯୋଜକ ନିରୋଜ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ୟାରିୟର କାଉନସେଲିଂ ଏକ୍ସପର୍ଟ ପ୍ରଦୋଷ ମିଶ୍ର ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କ୍ୟାରିୟର କାଉନସେଲିଂ ନିହାତି ଦରକାର । ତେଣୁ କଲେଜରେ ପାଠ ପଢ଼ିବା ସମୟରେ ଛାତ୍ରୀଛାତ୍ରମାନଙ୍କୁ ଏ ବିଷୟରେ ଠିକ୍ ଭାବେ ଦିଗ୍‌ଦର୍ଶନ ଦେଖାଇପାରିଲେ ହିଁ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ । ଅନ୍ୟପକ୍ଷେ କେନ୍ଦ୍ରୀୟ ଲୋକସେବା ଓ ରାଜ୍ୟସେବା ଆୟୋଗ ଦ୍ୱାରା କରାଯାଉଥିବା ପରୀକ୍ଷାରେ କେଉଁଭଳି ଉତ୍ତୀର୍ଣ୍ଣ ହୋଇପାରିବେ ସେ ନେଇ ମାର୍ଗଦର୍ଶନ କରିଥିଲେ ।

ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଲିଖିତ ଓ ବ୍ୟକ୍ତିତ୍ୱ ଆକଳନ ପରୀକ୍ଷା କରାଯାଇଥିଲା । ସାଧାରଣ ଜ୍ଞାନ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ରୀଛାତ୍ରମାନଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିବା ନିମନ୍ତେ ଉପାଦେୟ ପୁସ୍ତକ ପ୍ରଦାନ କରାଯାଇଥିଲା । ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ,ଡ. ଚିତ୍ତରଞ୍ଜନ ଦାଶ,ମୋହନ ଚନ୍ଦ୍ର ଦଳାଇ,ସସ୍ମିତ ଦାସ,ବିପିନ ମହାପାତ୍ର, ଦେବବ୍ରତ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁଜାତା ବିଶୋଇ ଓ ଅର୍ଜୁନ ସାହୁ ସହଯୋଗ କରିଥିଲେ ।

# ଉଦ୍‌ଘାଟନ ପରେ ବି ଶେଷ ହେଲାନି ରୂପାନ୍ତରଣ କାର୍ଯ୍ୟ

ଖଣ୍ଡପଡ଼ା,୯।୨ (ଅଜୟ କୁମାର ମହାରଣା)


ନିର୍ମାଣ କରାଯାଇଥିବା ପାଚେରି ପଲସ୍ତରା କରାଯାଇ ନାହିଁ ।

୨୦୨୩ ଜୁଲାଇରେ ଆରମ୍ଭ ହୋଇଥିବା ଖଣ୍ଡପଡ଼ା ବ୍ଲକ୍ ଅଧୀନ ଗୁଣ୍ଠୁଣି ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟର ରୁପାନ୍ତରଣ କାର୍ଯ୍ୟ ଏ ପର୍ଯ୍ୟନ୍ତ ସରିନାହିଁ । ହେଲେ ଗତ ଜାନୁୟାରୀ ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଉକ୍ତ ସ୍କୁଲର ରୁପାନ୍ତରଣ ପ୍ରକଳ୍ପକୁ ଉଦ୍‌ଘାଟନ କରିସାରିଛନ୍ତି । ଏହାପରେ ବି ମନ୍ଥର ଗତିରେ କାମ ଚାଲିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

ଶ୍ରେଣୀଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ କାନ୍ଥବାଡ ସିମେଣ୍ଟ ପ୍ଲାଷ୍ଟର ହୋଇପାରିନାହିଁ । ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ତଥା ଗୁଣ୍ଠୁଣି ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସହଯୋଗରେ ବିଦ୍ୟାଳୟର ରୁପାନ୍ତରଣ କାର୍ଯ୍ୟ ଚାଲିଥିବା ବେଳେ ଶୌଚାଳୟ କାର୍ଯ୍ୟ, ପାନୀୟ ଜଳର ବ୍ୟବସ୍ଥା, କମ୍ପ୍ୟୁଟର ଶ୍ରେଣୀଗୃହ, ବିଜ୍ଞାନଗାର ନିର୍ମାଣ ସହ ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପ୍ରଶାସନିକ ଉଦାସୀନତା ଯୋଗୁ ଶେଷ ହୋଇ ପାରି ନ ଥିବା ଅଭିଯୋଗ ହେଉଛି । ଅପରପକ୍ଷେ ବିଦ୍ୟାଳୟ ପରିସରରେ କାଠ, ବାଉଁଶ, ବାଲି, ମାଟି ଆଦି ଗଦା ହୋଇ ରହିଛି । ଏଥିପାଇଁ ଶୈକ୍ଷିକ ବାତାବରଣ ନ ଥିବାରୁ ଛାତ୍ରୀଛାତ୍ରମାନେ ନିକଟସ୍ଥ ମିଶନ ଶକ୍ତି ଗୃହ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବସି ପାଠ ପଢୁଛନ୍ତି । ଏଥିପାଇଁ କାର୍ଯ୍ୟରତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗୁଣ୍ଠୁଣି ପଞ୍ଚାୟତବାସୀ ଏ ସମ୍ପର୍କରେ ବ୍ଲକ୍ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ତେବେ ଏ ସମ୍ପର୍କରେ ବିଡିଓ ଅଙ୍କୁର ଅଭିଲାଷଙ୍କ ସହ ଯୋଗାଯୋଗ କରାଯାଇଥିଲା । ସେ କହିଛନ୍ତି, ବିଦ୍ୟାର୍ଥୀମାନଙ୍କ ପାଠ ପଢିବା ନିମନ୍ତେ ଶ୍ରେଣୀଗୃହର ବ୍ୟବସ୍ଥା କରାଯାଇଛି । ଆଉ ୪ରୁ ୫ ଦିନ ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଯିବ ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୦/୨୦୨୪ | Bhubaneswar, Saturday, February 10/ 2024


# ଆମେରିକା ବିପକ୍ଷରେ ଭାରତକୁ ବିଜୟ ସ୍ୱାଦ

ଭୁବନେଶ୍ୱର, ୯।୨
(ତପନ ସ୍ୱାଇଁ)

ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ର ଚଳିତ ସିଜନରେ ଭାରତ ଶୁକ୍ରବାର ପ୍ରଥମ ବିଜୟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଘରୋଇ ଦଳ ୩-୧ଗୋଲରେ ଆମେରିକାକୁ ପରାସ୍ତ କରିଛି। ପୂର୍ବ ୩ ମ୍ୟାଚରେ ଯଥାକ୍ରମେ ଚାଇନା (୧-୨), ନେଦରଲାଣ୍ଡ୍ସ (୧-୩) ଓ ଅଷ୍ଟ୍ରେଲିଆ(୦-୩)ଠାରୁ ହାରିଥିବା ଭାରତ ବିଜୟ ସହ କଳିଙ୍ଗ ଷ୍ଟାଡିୟମରେ ଏହାର ଅଭିଯାନ ଶେଷ କରିଛି। ଏଥିସହ ପ୍ରୋ ଲିଗ୍‌ରେ ପଏଣ୍ଟ ଖାତା ଖୋଲିଛି ଭାରତୀୟ ଦଳ। ୪ ମ୍ୟାଚରୁ ୧ ବିଜୟ ଓ ୩ ପରାଜୟ ସହ ୩ ପଏଣ୍ଟ ପାଇ ଭାରତ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟ ପକ୍ଷରେ ଆମେରିକା ଖେଳିଥିବା ୪ଟି ଯାକ ମ୍ୟାଚ ହାରିଛି। ମହିଳା ହକିର ରାଉରକେଲା ଚରଣ ପ୍ରୋ-ଲିଗ୍ ମ୍ୟାଚ ଚଳିତ ମାସ ୧୨ରୁ ଆରମ୍ଭ ହେବ। ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ।


ମ୍ୟାଚ ଜିତିବା ପରେ ଭାରତୀୟ ଖେଳାଳି। (ଫଟୋ: ବିକାଶ ନାୟକ)

**ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍**

ପୂର୍ବ ପରାଜୟରୁ ଶିକ୍ଷା ଲାଭ କରିଥିବା ଭାରତୀୟ ଦଳ ଆମେରିକା ବିପକ୍ଷରେ ସତର୍କତାର ସହ ଖେଳ ଆରମ୍ଭ କରିଥିଲା। ୨ୟ ମିନିଟରେ ଭାରତ ଓ ୩ୟ ମିନିଟରେ ଆମେରିକା ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ କରିପାରି ନ ଥିଲେ। ତେବେ ଚମତ୍କାର ଫର୍ମରେ ଥିବା ବନ୍ଦନା କାଟରିୟା ୯ମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୨୧ତମ ମିନିଟରେ ବୈଷ୍ଣବୀ ଭିଥାଲ ଫାଲ୍‌କେ ଗ୍ରୀନ୍‌କାର୍ଡ ସହ ଚେତାବନୀ ପାଇଥିବାବେଳେ ୨୬ତମ ମିନିଟରେ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପରିଣତ କରି ଦେଇଥିଲେ ଦୀପିକା। ୨୯ତମ ମିନିଟରେ ପେନାଲ୍ଟି କର୍ନରରୁ ଆମେରିକା ଗୋଲ କରି ନ ପାରିବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତର ଅଗ୍ରଣୀ ୨-୦ ରହିଥିଲା। ତୃତୀୟ କ୍ୱାର୍ଟରରେ ଆମେରିକା ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥିଲା। ଭାରତ ୩୩ ଓ ୩୮ତମ ମିନିଟରେ ୨ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ତାହାର ସଦୁପଯୋଗ କରିପାରି ନ ଥିଲା। ବିପଜ୍ଜନକ ଖେଳ ପାଇଁ ୩୬ତମ ମିନିଟରେ ଗ୍ରୀନ୍ କାର୍ଡ ପାଇଥିଲେ ଆମେରିକାର ଡେବେର୍ଡିନ ଇମା। ୪୨ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ କାର୍ଲ୍ସ ସାନେ। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ସ୍ୱାଭାବିକଭାବେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ଭାରତୀୟ ରକ୍ଷଣଭାଗ ଆମେରିକାକୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇ ନ ଥିଲେ। ଘରୋଇ ଦଳ ଆକ୍ରମଣ ଜାରି ରଖି ୫୨ତମ ମିନିଟରେ ପେନାଲ୍ଟି କର୍ନର ମିସ୍ କରିଥିଲେ ହେଁ ୫୬ତମ ମିନିଟରେ ସାଲିମା ଟେଟେଙ୍କ ଗୋଲ ବଳରେ ବିଜୟକୁ ଏକପ୍ରକାର ନିଶ୍ଚିତ କରି ଦେଇଥିଲା।


ଓଡ଼ିଶା ଏଫ୍‌ସି ଓ ଏଫ୍‌ସି ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଅଷ୍ଟ୍ରେଲିଆକୁ ୬-୨ରେ ହରାଇଲା ନେଦରଲାଣ୍ଡ୍ସ

ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ନେଦରଲାଣ୍ଡ୍ସର ଆଧିପତ୍ୟ ଅବ୍ୟାହତ ରହିଛି। କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଅଷ୍ଟ୍ରେଲିଆକୁ ୬-୨ ଗୋଲରେ ପରାସ୍ତ କରିଛି। କଳିଙ୍ଗରେ ନେଦରଲାଣ୍ଡ୍ସର ଏହା କ୍ରମାଗତ ୪ର୍ଥ ବିଜୟ। ନେଦରଲାଣ୍ଡ୍ସ ଚଳିତ ସିଜନରେ ମୋଟ ୮ଟି (ଆଣ୍ଟ୍ୱେର୍ପରେ ୪ଟି) ମ୍ୟାଚ ଖେଳି ସାରିଥିବାବେଳେ ଅଲ୍ ୱିନ ବିଜୟ ରେକର୍ଡ ସହ ୨୪ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ନିଜର ସ୍ଥାନ ସୁଦୃଢ଼ କରିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ୪ ମ୍ୟାଚରୁ ଦ୍ୱିତୀୟ ପରାଜୟ ବରଣ କରିଛି।

ଆକ୍ରମଣାତ୍ମକ ଖେଳ ପାଇଁ ଉଭୟ ଦଳ ବେଶ୍ ପରିଚିତ ଥିବାରୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଥିଲା। ମାତ୍ର ଅଷ୍ଟ୍ରେଲିଆ ଉପରେ ଆରମ୍ଭରୁ ଭାରି ପଡ଼ିଥିଲା ନେଦରଲାଣ୍ଡ୍ସ। ୭ମ ମିନିଟରେ ଭିନ ମାର୍ଜିନ ଓ ୯ମ ମିନିଟରେ ମାଟିଆ ଫ୍ରେଡେରିକ୍‌ଙ୍କ ଫିଲ୍ଡ ଗୋଲ ବଳରେ ନେଦରଲାଣ୍ଡ୍ସ ୨-୦ରେ ଅଗ୍ରଣୀ ହୋଇ ଅଷ୍ଟ୍ରେଲିଆକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୨୦ତମ ମିନିଟରେ ପେନାଲ୍ଟି କର୍ନରରୁ ଜାନସେନ ୟିବି ଦଳ ପକ୍ଷରୁ ତୃତୀୟ ଗୋଲଟି ଦେଇଥିବାବେଳେ ଅଷ୍ଟ୍ରେଲିଆର ଷ୍ଟିୱାର୍ଟ ଟାଟୁମ ୨୮ତମ ମିନିଟରେ


ନେଦରଲାଣ୍ଡ୍ସ-ଅଷ୍ଟ୍ରେଲିଆ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ନେଦରଲାଣ୍ଡ୍ସ ୩-୧ରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ମଧ୍ୟ ନେଦରଲାଣ୍ଡ୍ସର ପ୍ରାଧାନ୍ୟ ବରବତ୍ତର ରହିଥିଲା। ୩୯ତମ ମିନିଟରେ ଜାନସେନ ୟିବି ପେନାଲ୍ଟି କର୍ନରରୁ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୪ର୍ଥ ଗୋଲ ସ୍କୋର କରିଥିଲେ। ଅନ୍ତିମ କ୍ୱାର୍ଟରରେ କଡ଼ା ଟକ୍କର ହୋଇଥିଲେ ହେଁ ନେଦରଲାଣ୍ଡ୍ସର ଭିନ୍ ମାର୍ଜିନ ୧ ମିନିଟ ବ୍ୟବଧାନରେ ୨ଟି (୪୮ ଓ ୪୯ତମ ମିନିଟ) ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ୫୨ତମ ମିନିଟରେ ଅଷ୍ଟ୍ରେଲିଆର ଷ୍ଟିୱାର୍ଟ ଗ୍ରେସ୍ ଏକ ଗୋଲ ପରିଶୋଧ କରିଥିଲେ, ମାତ୍ର ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା। ବିପଜ୍ଜନକ ଖେଳ ପାଇଁ ନେଦରଲାଣ୍ଡ୍ସର ଆଲବେର୍ସ ଫେଲିସେ ଓ ମୋଇସ ଫ୍ରିକି ଗ୍ରୀନ୍ କାର୍ଡ ପାଇଥିଲେ।

# ଓଡ଼ିଶା-ଗୋଆ ମ୍ୟାଚ ଡ୍ର

ଭୁବନେଶ୍ୱର, ୯।୨
(ତପନ ସ୍ୱାଇଁ)

**ଇଣ୍ଡିଆନ ସୁପରଲିଗ୍**

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଓଡ଼ିଶା ଏଫ୍‌ସି-ଏଫ୍‌ସି ଗୋଆ ଇଣ୍ଡିଆନ ସୁପର ଲିଗ୍ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଓଡ଼ିଶା ଏଫ୍‌ସି ୪ର୍ଥ ମିନିଟରେ ରୟ କ୍ରିଷ୍ଣାଙ୍କ ଗୋଲ ବଳରେ ଅଗ୍ରଣୀ ନେଇଥିଲା। ୩୭ତମ ମିନିଟରେ ଗୋଆର ଜୟ ଗୁପ୍ତା ଗୋଲଟି ପରିଶୋଧ କରିଦେବାରୁ ମ୍ୟାଚ ସମାନ ସ୍ଥିତିକୁ ଚାଲି ଆସିଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ କରିପାରି ନ ଥିଲେ। ଏହି ମ୍ୟାଚ ଫଳାଫଳ ପରେ କ୍ରମାଗତ ୫ ମ୍ୟାଚରେ ଓଡ଼ିଶା ଏଫ୍‌ସିର ଅପରାଜେୟ ଧାରା ଅବ୍ୟାହତ ରହିଛି। ପୂର୍ବ ୪ ମ୍ୟାଚରେ ଦଳ ହାଇଦ୍ରାବାଦ ଏଫ୍‌ସି, କେରଳ ବ୍ଲାଷ୍ଟର୍ସ, ଜାମସେଦପୁର ଏଫ୍‌ସି ଓ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଥିଲା। ୧୫ ମ୍ୟାଚରୁ ୯ ବିଜୟ, ୪ ଡ୍ର ଓ ୨ ପରାଜୟ ସହ ଓଡ଼ିଶା ଏଫ୍‌ସି ୩୧ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ଗୋଆ ୧୨ ମ୍ୟାଚରୁ ୮ ବିଜୟ ଓ ୪ ଡ୍ର ସହିତ ୨୮ ପଏଣ୍ଟ ପାଇ ଦ୍ୱିତୀୟରେ ରହିଛି। କ୍ରମାଗତ ୧୨ ମ୍ୟାଚରେ ଦଳର ଅପରାଜେୟ ଧାରା ଅବ୍ୟାହତ ରହିଛି। ଗୋଆ ଓ ଓଡ଼ିଶା ଦଳ ସେମାନଙ୍କର ଆଗାମୀ ମ୍ୟାଚ ଯଥାକ୍ରମେ ଚଳିତ ମାସ ୧୪ ଓ ୨୪ ତାରିଖରେ ମୋହନ ବାଗାନ ସୁପର ଜାଏଣ୍ଟ ବିପକ୍ଷରେ ଖେଳିବେ। ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ୨୮ଟି ଗୋଲ ଦେଇଥିବାବେଳେ ୧୪ଟି ବରଣ କରିଛି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ